ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୧୨/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Tuesday, October 12/2021 | ★★★★★

୧୭ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ହେମାମାଳିନୀଙ୍କ ସହ ତୁଳନା ପସନ୍ଦ ନୁହେଁ**

ବଲିଉଡ୍ ଅଭିନେତ୍ରୀ ହେମାମାଳିନୀଙ୍କ ସହ ତୁଳନାକୁ ପସନ୍ଦ କରନ୍ତିନି କିଆରା ଆଡଭାନୀ। ସେ ନିଜର ସ୍ୱତନ୍ତ୍ର ପରିଚୟ ଚାହାନ୍ତି ବୋଲି କିଆରା କହିଛନ୍ତି। ୦୭

୦୮ **ରାକେଶଙ୍କ ଦ୍ୱିଶତକ**

କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଓଡ଼ିଶା ୟେଲୋ ବିପକ୍ଷ ସୁପରଲିଗ୍ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ଖୋର୍ଦ୍ଧାର ରାକେଶ କୁମାର ପଟ୍ଟନାୟକ।



# ୩ ଜଣଙ୍କୁ ଅର୍ଥନୀତିରେ ନୋବେଲ



ଡାଭିଡ୍ କାର୍ଡ, ଜୋଶୁଆ ଆଙ୍ଗ୍ରିଷ୍ଟ ଓ ଗୁଇଡୋ ଇମ୍ବେନ୍ସ।

**ଷ୍ଟକ୍‌ହୋମ, ୧୧।୧୦**

ଆମେରିକାରେ ରହୁଥିବା ୩ ଜଣ ଅର୍ଥନୀତିଜ୍ଞ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ଜିତିଛନ୍ତି। ସର୍ବନିମ୍ନ ମଜୁରି, ଦେଶାନ୍ତର ଗମନ ଏବଂ ଶିକ୍ଷାର ଶ୍ରମ ବଜାର ଉପରେ ପ୍ରଭାବ ସମ୍ପର୍କରେ ଗବେଷଣା ଏବଂ ପାରମ୍ପରିକ କୌଶଳ ବ୍ୟବହାର ହୋଇପାରୁ ନ ଥିବା କେତେକ ଅଧ୍ୟୟନରେ ସିଦ୍ଧାନ୍ତରେ ପହଞ୍ଚିବାରେ ବିଜ୍ଞାନସମ୍ମତ ଢାଞ୍ଚା ପ୍ରସ୍ତୁତି ଲାଗି ସେମାନଙ୍କୁ ଏହି ସର୍ବୋଚ୍ଚ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। କାନାଡା ଜନ୍ମିତ ତଥା କାଲିଫର୍ଣ୍ଣିଆ ୟୁନିଭର୍ସିଟିର ଡାଭିଡ୍ କାର୍ଡ ପୁରସ୍କାରର ଅର୍ଦ୍ଧେକ ପାଇବାକୁ ଥିବାବେଳେ ଅନ୍ୟ ଅଧାଅଂଶ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ଜୋଶୁଆ ଆଙ୍ଗ୍ରିଷ୍ଟ ଏବଂ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଡଚ୍ ଜନ୍ମିତ ଗୁଇଡୋ ଇମ୍ବେନ୍ସଙ୍କ ମଧ୍ୟରେ ଭାଗ କରାଯିବ। ସେମାନେ ଅର୍ଥନୀତି ବିଜ୍ଞାନରେ ଅନୁଭବସିଦ୍ଧ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନୂଆ ରୂପ ଦେଇଥିବା ରୟାଲ ସୁଇଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି। ପ୍ରାକୃତିକ ଅଭିଜ୍ଞତା ଜ୍ଞାନର ଏକ ଉତ୍କୃଷ୍ଟ ଉତ୍ସ, ଏହା ସମାଜ ପାଇଁ କେତେକ ମୁଖ୍ୟ ପ୍ରଶ୍ନ ଉପରେ କାର୍ଡଙ୍କ ଅଧ୍ୟୟନ ଏବଂ ଆଙ୍ଗ୍ରିଷ୍ଟ ଓ ଇମ୍ବେନ୍ସଙ୍କ କୌଶଳଗତ ଅବଦାନରୁ ପ୍ରତିପାଦିତ ହୋଇଥିବା ଇକୋନୋମିକ୍ ସାଇନ୍ସ କମିଟିର ଅଧ୍ୟକ୍ଷ ପିଟର ଫ୍ରେଡ୍ରିକ୍‌ସନ କହିଛନ୍ତି।

ସର୍ବନିମ୍ନ ମଜୁରି ବଢ଼ିଲେ ତା'ର ପ୍ରଭାବ ଶ୍ରମ ବଜାର ଉପରେ କିପରି ପଡୁଛି, ତାହା ମାପିବା ପାଇଁ କାର୍ଡ ନ୍ୟୁଜର୍ସି ଏବଂ ପେନ୍‌ସିଲଭାନିଆ ରେଷ୍ଟୁରାଣ୍ଟଗୁଡ଼ିକରେ ଗବେଷଣା ଚଳାଇଥିଲେ। ☞ପୃଷ୍ଠା-୪

# ଠିକା କର୍ମଚାରୀ ଏବେ 'ଇନିସିଆଲ ଆପଏଣ୍ଟିଜ୍'

*ରାଜ୍ୟ କ୍ୟାବିନେଟ୍ ବୈଠକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିଛି। ଠିକା କର୍ମଚାରୀଙ୍କୁ 'ଇନିସିଆଲ୍ ଆପଏଣ୍ଟିଜ୍' ଭାବେ ଗ୍ରହଣ କରାଯିବା ସହ ପ୍ରଥମ ବର୍ଷରୁ ସେମାନଙ୍କୁ ଅତିରିକ୍ତ ୫୦% ଦରମା ଦେବାକୁ ନିଷ୍ପତ୍ତି ନିଆଯାଇଛି। ନ୍ୟାଶନାଲ ପେନସନ ସ୍କିମ୍ (ଏନ୍‌ପିଏସ୍)ରେ ସରକାରୀ କର୍ମଚାରୀଙ୍କୁ ରାଜ୍ୟ ପୂର୍ବରୁ ଦେଉଥିବା ୧୦% ଅନୁଦାନ ୧୪%କୁ ବୃଦ୍ଧି କରାଯାଇଛି।*

**କ୍ୟାବିନେଟ ନିଷ୍ପତ୍ତି**

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ଏଣିକି ସରକାରୀ କ୍ଷେତ୍ରରେ ପ୍ରାରମ୍ଭିକ ନିଯୁକ୍ତ ବା ଇନିସିଆଲ୍ ଆପଏଣ୍ଟିଜ୍ ଭାବେ ବିବେଚନା କରାଯିବ। ସେମାନଙ୍କୁ ଆଉ ଠିକା କର୍ମଚାରୀ କୁହାଯିବ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାଛଡ଼ା କର୍ମଚାରୀମାନଙ୍କୁ ମିଳୁଥିବା ଦରମାରୁ ନିଯୁକ୍ତିର ପ୍ରଥମ ବର୍ଷରୁ ୫୦% ଅଧିକ ଦରମା ପ୍ରଦାନ କରାଯିବ। ☞ପୃଷ୍ଠା-୪



## ୪ ଜିଲ୍ଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୧୨୮୦ କୋଟି

ପ୍ରତ୍ୟେକ ଗାଁକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ବଦ୍ଧପରିକର। ଏହି କ୍ରମରେ ରାଜ୍ୟ ସରକାର ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଏବଂ ବୌଦ୍ଧ ଜିଲ୍ଲାର ୧୨ ଲକ୍ଷ ଲୋକଙ୍କୁ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ୧୨୮୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା, ଗଞ୍ଜାମ, ଛତ୍ରପୁର, ଖଲ୍ଲିକୋଟ, ରାୟଗଡ଼ା ଜିଲ୍ଲାର ରାୟଗଡ଼ା, କାଶୀପୁର ବ୍ଲକ ସମେତ ବୌଦ୍ଧ ଜିଲ୍ଲା ଏବଂ କନ୍ଧମାଳ, ହରଭଙ୍ଗା, ଫିରିଙ୍ଗିଆ, ଚକାପାଦ, ଖଜୁରିପଡା, ଜି ଉଦୟଗିରି ଏବଂ କେ ନୂଆଗାଁ ବ୍ଲକକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଚୂଡ଼ାନ୍ତ ହୋଇଥିବା ୩ଟି ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି।

## ଏନ୍‌ପିଏସ୍ ଅବଦାନ ୧୪%କୁ ବଢ଼ିଲା

ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଅଧୀନରେ ଥିବା କର୍ମଚାରୀଙ୍କ ମାସିକ ଅବଦାନ (କଣ୍ଟ୍ରିବ୍ୟୁଶନ)କୁ ରାଜ୍ୟ ସରକାର ୧୦%ରୁ ୧୪%କୁ ବୃଦ୍ଧି କରିଛନ୍ତି। ଏହା ପିଛିଲା ଭାବେ ୨୦୧୯ ଏପ୍ରିଲ ପହିଲାରୁ ଲାଗୁ ହେବ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୩୮୦ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ସେହିପରି ୨୦୧୯ରୁ ବକେୟା ବାବଦରେ ରାଜ୍ୟ ସରକାର ୭୭୨ କୋଟି ଟଙ୍କା ଜମା କରିବେ। ଏଥିରେ ପ୍ରାୟ ୨ ଲକ୍ଷ ୮ ହଜାର ରାଜ୍ୟ ସରକାରୀ କର୍ମଚାରୀ ଉପକୃତ ହେବେ। ଏହାଦ୍ୱାରା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ ମଧ୍ୟରେ ତାରତମ୍ୟ ରହିବ ନାହିଁ। ଏହି ସ୍କିମ୍ ଗ୍ରୁପ୍ ସି ଓ ଡି ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଠିକା କର୍ମଚାରୀ ଏବଂ ସମସ୍ତ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହାଛଡ଼ା ରାଜ୍ୟ ସରକାରୀ କର୍ମଚାରୀଙ୍କର ମୃତ୍ୟୁ ହେଲେ ପାରିବାରିକ (ଫ୍ୟାମିଲି) ପେନ୍‌ସନ ଦେବାକୁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଯୁକ୍ତ୨ ବଳକା ସିଟ୍‌ରେ ନାମଲେଖା ବିଜ୍ଞପ୍ତି ୧୨ରୁ ଆବେଦନ, ୩୦ରେ ମେଧା ତାଲିକା

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ରାଜ୍ୟରେ ଯୁକ୍ତ୨ ନାମଲେଖା ଶେଷ ହୋଇଛି। କିନ୍ତୁ ଏବେ ବି ଅନେକ ଉଚ୍ଚ ମାଧ୍ୟମିକ ସ୍କୁଲରେ ସିଟ୍ ଖାଲି ପଡ଼ିଛି। ଏହି ବଳକା ସିଟ୍ ପୂରଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ବଳକା ସିଟ୍‌ରେ ନାମଲେଖା ପାଇଁ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ବିଜ୍ଞପ୍ତି ଅନୁସାରେ, ମଙ୍ଗଳବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନୋବେଲ ଓ ସାମ୍ବାଦିକତା**




# ଅମୁନି ତେଲ ଦର
## ପେଟ୍ରୋଲ ୩୦, ଡିଜେଲ ୩୯ ପଇସା ବଢ଼ିଲା



**ଭୁବନେଶ୍ୱର/ନୂଆଦିଲ୍ଲୀ,୧୧।୧୦:** ଲଗାତର ୭ମ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ଡିଜେଲ ୩୯ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୧.୭୨ ଟଙ୍କା ଏବଂ ପେଟ୍ରୋଲ ୧୦୫.୩୫ ଟଙ୍କାରେ ବିକ୍ରି ହେଉଛି। ଗତ ୧୮ ଦିନ ମଧ୍ୟରେ ପେଟ୍ରୋଲ ୩.୩୧ ଟଙ୍କା ଏବଂ ଡିଜେଲ ୫.୦୧ ଟଙ୍କା ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୧.୯୬ ଟଙ୍କା ଓ ପେଟ୍ରୋଲ ୧୦୫.୭୧ ଟଙ୍କାରେ ପହଞ୍ଚିଛି। ତେଲ ଦର ରାଜ୍ୟର ମାଲକାନଗିରିରେ ସର୍ବାଧିକ ପେଟ୍ରୋଲ ୧୧୦.୯୪ ଟଙ୍କା ଥିବାବେଳେ ଡିଜେଲ ୧୦୭.୦୨ ଟଙ୍କା ଏବଂ ସର୍ବନିମ୍ନ ଦର ଜଗତ୍‌ସିଂହପୁରରେ ପେଟ୍ରୋଲ ୧୦୪.୮୭ ଟଙ୍କା ଓ ଡିଜେଲ ୧୦୧.୧୩ରେ ପହଞ୍ଚିଛି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ସେହିପରି କ୍ରମାଗତ ଭାବେ ☞ପୃଷ୍ଠା-୪

# ୮ ଜିଲ୍ଲାରୁ ମୌସୁମୀ ଫେରିଲା

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**



ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀର ଫେରିବା ଆରମ୍ଭ ହୋଇଛି। ସୋମବାର ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର ଓ ନୂଆପଡ଼ା ଆଦି ୮ ଜିଲ୍ଲାରୁ ମୌସୁମୀ ସମ୍ପୂର୍ଣ୍ଣ ଭାବେ ଅପସରି ଯାଇଛି। ସେହିପରି ଅନୁଗୋଳ ଓ ବୌଦ୍ଧ ଜିଲ୍ଲାର ଅଧିକାଂଶ ଅଞ୍ଚଳରୁ ଏବଂ କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାର ଅଳ୍ପ କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଦୁଇଦିନରେ ରାଜ୍ୟର ଅବଶିଷ୍ଟ ଜିଲ୍ଲାଗୁଡ଼ିକରୁ ମୌସୁମୀର ପ୍ରତ୍ୟାବର୍ତ୍ତନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ☞ପୃଷ୍ଠା-୪

# ପୁଞ୍ଚ୍‌ରେ ଏନ୍‌କାଉଣ୍ଟର ବେଳେ ୫ ଯବାନ ଶହୀଦ

**ଜମ୍ମୁ, ୧୧।୧୦**

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲ୍ଲାରେ ସୋମବାର ସୁରକ୍ଷା ବଳ ଓ ସଶସ୍ତ୍ର ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ)ଙ୍କ ସମେତ ୫ ଯବାନ ଶହୀଦ ହୋଇଛନ୍ତି। ଜିଲ୍ଲାର ସୁରନକୋଟ ଅନ୍ତର୍ଗତ ଦାରା କି ଗଲି (ଡିକେଜି) ନିକଟ ଗ୍ରାମରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ପାଇବା ପରେ ସୋମବାର ସକାଳେ ସୁରକ୍ଷା ବଳ ସେଠାରେ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଚଳାଇଥିଲା। ୩ରୁ ୪ ଜଣ ଆତଙ୍କବାଦୀ ସେଠାରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଥିଲା। ମିଳିତ ପାଟ୍ରୋଲ ପାର୍ଟି ଉପରକୁ ଆତଙ୍କବାଦୀ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା। ଏଥିରେ ଗୁରୁତର ଆହତ ଜେସିଓ ଏବଂ ୩ ଯବାନଙ୍କୁ ଗୁରୁତର ଅବସ୍ଥାରେ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ☞ପୃଷ୍ଠା-୪

# କ୍ଷତିପୂରଣ ମିଳୁନି: ଅଧାରେ ଏନ୍‌ଏଚ୍ କାମ

**ଯାଜପୁର ଅଫିସ,୧୧।୧୦**

ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ ୨୦୧୭ରୁ ରାଜ୍ୟରେ ୧୧୬୨ କିମି ଦୂରତା ବିଶିଷ୍ଟ ୨୨ଟି ଜାତୀୟ ରାଜପଥ (ଏନ୍‌ଏଚ୍) ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏଥିପାଇଁ ଯାଜପୁର, ଅନୁଗୋଳ, ବାଲେଶ୍ୱର, କଟକ, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର ସମୁଦାୟ ୨୪୧୨ ହେକ୍ଟର ବେସରକାରୀ ଜମି ଅଧିଗ୍ରହଣ ହେଉଛି। ଏହିକ୍ରମରେ କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୟୁଜିଶନ (ସିଏଏଲ୍ଏ ବା କାଲା) ନିକଟରେ ୨୩୩୯.୭୨କୋଟି ଟଙ୍କା ଜମା ହୋଇଛି। ହେଲେ କାଲା କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏଯାଏ ୨୪୨.୯୫୫ କୋଟି ଟଙ୍କା କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ବଣ୍ଟନ ହୋଇପାରି ନାହିଁ। ଫଳରେ ସମସ୍ତ ୨୨ଟି ପ୍ରକଳ୍ପ ଅଧାରେ ଅଟକି ରହିଛି। ଏହାବାଦ୍ ୨୦୨୧-୨୨ ଓ ୨୦୨୨-୨୩ ବର୍ଷ ପାଇଁ ନିଷ୍ପତ୍ତି ନିଆଯାଇଥିବା ୨୦ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ଏହି ମର୍ମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟର ସଚିବ ତଥା ଏନଏଚ୍ଆଇଏର ଅଧ୍ୟକ୍ଷ ଗିରିଧର ଅରମନେ ସୂଚନା ଦେବା ପରେ ତତ୍ପରତା ପ୍ରକାଶ ପାଇଛି। ଏହାପରେ ନିର୍ମାଣ ବିଭାଗର ସ୍ୱତନ୍ତ୍ର ସଚିବ ଏଚ୍.କେ. ପାଢ଼ୀ ☞ପୃଷ୍ଠା-୪



ଅଧାପନ୍ତରିଆ ଅବସ୍ଥାରେ ଥିବା ୫୫ ନଂ ଜାତୀୟ ରାଜପଥ।




ENJOY THIS PUJA WITH MOST POPULAR CHOICE
WINNER IN NORTH EAST INDIA
Happy Durga Puja
ଗ୍ରାହକ ମାନଙ୍କ ଭଲ ପାଇବା ଏବଂ ଚାହିଦା କୁ ଦୃଷ୍ଟି ରେ ରଖି
ଗୁପ୍ତା ର ଶାରଦୀୟ ପୂଜା ଅଫର ଅତିରିକ୍ତ ୨ଦିନ ବୃଦ୍ଧି କରାଯାଇଅଛି
GUPTA'S BIGGEST SALE
VISIT OUR NEW MEGA SHOWROOM at SAMANTARAPUR
ପୂଜାର ସମସ୍ତ ଉପହାର ସହିତ ପ୍ରତ୍ୟେକ ଜିନିଷ କ୍ରୟ ଉପରେ ୫ଟି ଉପହାର
GUPTA FURNITURE PLAZA
VISIT OUR NEW MEGA FURNITURE SHOWROOM at NAYAGARH
LUCKY DRAW for 1st 100 CUSTOMER
LLOYD A HAVELLS Brand
LLOYD ଗ୍ରେଟ୍ ପୂଜା ଫେଷ୍ଟିଭ୍ ବୋନାଞ୍ଜା
ଲକ୍ଷାଧିକ ଆକର୍ଷକ ପୁରସ୍କାର ଜିତନ୍ତୁ
ଏହି ପୂଜାରେ, Lloyd ପ୍ରଡକ୍ଟ କିଣନ୍ତୁ ଏବଂ ପାଆନ୍ତୁ ଏକ ସୁନିଶ୍ଚିତ ଉପହାର ସାଥିରେ ଲକ୍ଷାଧିକ ମୂଲ୍ୟର ଆକର୍ଷକ ପୁରସ୍କାର ଜିତିବାର ସୁଯୋଗ!
MOBILE PHONE, LAPTOP, DESKTOP, CAMERA, PRINTER, HEAD PHONE, PROJECTOR
UPTO 40% OFF*
Furniture Available at
(CDA) CUTTACK, KALAPATHAR, JAGATSINGHPUR, NIMAPADA, NAYAGARH BALUGAON, JAJPUR TOWN, ANGUL & CHANDIKHOLE
NOW FINANCE AVAILABLE WITHIN 60 km RANGE FROM ALL OVER STORE
BAJAJ FINSERV CASH BACK UPTO 25% + VOUCHERS WORTH 10000/-
HDB GET ASSURED VOUCHERS WORTH Rs.8000/-
ATTRACTIVE FINANCE SCHEMES
15% UPTO CASHBACK On Debit & Credit Card EMI Transaction.
Discount on Every Purchase
Assured Gifts on Every Purchase
CASH BACK UPTO 25% All Company Offers
Extended Warranty Available for Every Product
Exchange Available
01 EMI REFUND
Easy Finance with Low EMI
FINANCE BY:
COMPARE OUR PRICE BEFORE YOU PURCHASE
GUPTA WHOLESALE OUTLET AT HANSPAL
MOB: 7735455009
Odisha's most trusted Electronics, Home Appliances & Digital Products Dealer Since 1972
Symbol of Trust
GUPTA DISTRIBUTORS
No.1 Retail Chain Stores
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDHA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP- Dochaaki, Udaybata, Mob: 7008989316, BARIPADA - Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE - Jena Premium, National Highway, Near RLY Overbridge, Mob: 9692316301
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୮୮,୨୬,୦୦୮ | ୪୮,୭୦,୦୮୬ | ୨୧,୬୦,୧୬,୬୭୫ |
| ଭାରତ | ୩,୩୯,୮୨,୮୧୧ | ୪,୫୦,୯୭୪ | ୩,୩୩,୧୦,୨୧୯ |
| ଓଡ଼ିଶା | ୧୦,୩୨,୧୪୪ | ୮୨୫୫(+୫୩) | ୧୦,୧୯,୨୧୮ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ଏଟିଏମ୍ ଭ୍ୟାନ୍‌ରୁ ଟଙ୍କା ଲୁଟ୍‌ବେଳେ ଗୋଡ଼ାଇ ଧରିଲା ପୋଲିସ।**




## ପତ୍ର ବିନିମୟ ପାଠ୍ୟକ୍ରମ ଫି' କମିଲା

**କଟକ ଅଫିସ,୧୧।୧୦**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପତ୍ର ବିନିମୟ ପାଠ୍ୟକ୍ରମର ଛାତ୍ରୀଛାତ୍ରଙ୍କ ନାମଲେଖା ଏବଂ ପରୀକ୍ଷା ଫି' ହ୍ରାସ କରାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷରେ ନାମଲେଖାଉଥିବା ଛାତ୍ରୀଛାତ୍ରଙ୍କୁ ୧୫ଶହ ଟଙ୍କା ଫି' ଦେବାକୁ ପଡ଼ିବ। ପୂର୍ବରୁ ଏ ବାବଦରେ ୩ହଜାର ୫ଶହ ଟଙ୍କା ଫି' ଦେବାକୁ ପଡୁଥିଲା। ତେବେ ଚଳିତ ବର୍ଷ କରୋନା ପାଇଁ ବହୁ ଅଭିଭାବକ, ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ ଛାତ୍ରୀଛାତ୍ର ଫି ହ୍ରାସ ନିମନ୍ତେ ଦାବି କରିଥିଲେ। ଏନେଇ ସୋମବାର ବୋର୍ଡ ପକ୍ଷରୁ ପରୀକ୍ଷା କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫି ହ୍ରାସ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଏ ନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୭୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ଆସନ୍ତା ଖରିଫ ଓ ରବି ଋତୁରେ ରାଜ୍ୟ ସରକାର ୭୭ ଲକ୍ଷ ମେଟ୍ରିକ ଟନ ଧାନ (୫୨ ଲକ୍ଷ ମେଟ୍ରିକ ଟନ ଚାଉଳ) ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଖରିଫରେ ୬୩ ଓ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବ। ଚାଷୀଙ୍କୁ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୯୪୦ ଟଙ୍କା ହିସାବରେ ପ୍ରଦାନ କରାଯିବ। ଅନଲାଇନ ପଞ୍ଜୀକରଣ ସହ ଚାଷୀଙ୍କ ଆକାଉଣ୍ଟକୁ ୨୪ ଘଣ୍ଟା ମଧ୍ୟରେ ଅନଲାଇନ ଜରିଆରେ ଏମ୍‌ଏସପି ପ୍ରଦାନ କରାଯିବ। ଖାଦ୍ୟ ଓ ସଂଗ୍ରହଣ ନୀତି (ଫୁଡ୍ ଆଣ୍ଡ ପ୍ରୋକ୍ୟୁରମେଣ୍ଟ ପଲିସି) ୨୦୨୧-୨୨କୁ କ୍ୟାବିନେଟ ଅନୁମୋଦନ କରିଛି। ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଧାନ ସଂଗ୍ରହରେ ନିୟୋଜିତ କରାଯିବ। ଏହାଛଡ଼ା ପ୍ରାଥମିକ ସମବାୟ ସମିତି, ଲାମ୍ପସ୍ ଏବଂ ପାଣିପଞ୍ଚାୟତ ଜରିଆରେ ଧାନ ସଂଗ୍ରହ ହେବ। ଖରିଫ ଧାନ ସଂଗ୍ରହ ୨୦୨୧ ନଭେମ୍ବରରୁ ଆରମ୍ଭ ହେବାକୁ ଥିବା ବେଳେ ରବି ଧାନ ସଂଗ୍ରହ ୨୦୨୨ ମେ ଓ ଜୁନ ମଧ୍ୟରେ ଆରମ୍ଭ ହେବ।

ଲୋକାୟୁକ୍ତଙ୍କ ଦ୍ୱାରା ପ୍ରକାଶିତ ବାର୍ଷିକ ରିପୋର୍ଟ-୨୦୨୦କୁ କ୍ୟାବିନେଟ ଅନୁମୋଦନ କରିଛି। ଏହାକୁ ଆସନ୍ତା ବିଧାନସଭାରେ ଉପସ୍ଥାପନ କରାଯିବ। ଓଡ଼ିଶା ସାଧାରଣ ଖାଉଟି ବଣ୍ଟନ ଆଦେଶକୁ ସଂଶୋଧନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।




# ଭୁବନେଶ୍ୱରରେ ୪୦% ଆକ୍ରାନ୍ତ

- ପୁଣି ସତର୍କ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ
- ଦ୍ୱୈତ ନଗରୀକୁ ନ ଜଗିଲେ ରାଜ୍ୟ ସାରା କରୋନା ମାଡ଼ିଯିବ
- ୪୪୮ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୫୯ ପିଲା



**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

କଡ଼ା କଟକଣା, ଅଧିକ ସଚେତନତା ସହ ବ୍ୟାପକ ପଦକ୍ଷେପ ସତ୍ତ୍ୱେ ରାଜଧାନୀରେ କରୋନା ସଂକ୍ରମଣ କମିବାର ନାଁ ଧରୁନି। ଅନ୍ୟ ଜିଲା ଓ ସହରଠାରୁ ଏଠାରେ ଅଧିକ ଆକ୍ରାନ୍ତ ବାହାରୁଛନ୍ତି। ରାଜ୍ୟରେ ଦୈନିକ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୪୦% ରହୁଛନ୍ତି, ଯାହାକୁ ନେଇ ଚିନ୍ତା ପ୍ରକଟ କରିଛି ସ୍ୱାସ୍ଥ୍ୟ ବିଭାଗ। ବାରମ୍ବାର ଚେତାଇବା ସତ୍ତ୍ୱେ ଲୋକମାନେ ହାଟ ବଜାରରେ ଭିଡ଼ କରୁଥିବାରୁ ଏପରି ହେଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ତଥ୍ୟାନୁସାରେ, ଗତ ୭ ତାରିଖରେ ରାଜ୍ୟରେ ୫୮୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ରାଜଧାନୀରୁ ବାହାରିଥିଲେ ୨୬୭। ସେହିପରି ୮ରେ ରାଜ୍ୟର ମୋଟ ୫୨୪ ସଂକ୍ରମିତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୨୩୩, ୯ରେ ୫୨୬ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୧୬, ୧୦ ତାରିଖରେ ରାଜ୍ୟର ୬୫୨ ସଂକ୍ରମିତଙ୍କ ମଧ୍ୟରୁ ଏଠାରୁ ୧୫୯ଜଣ ଚିହ୍ନଟ ହୋଇଥିଲେ। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ଭୁବନେଶ୍ୱରରେ ସଂକ୍ରମଣ ଉପରମୁହାଁ ହୋଇଥିବା ନଜରକୁ ଆସିଛି। ମାତ୍ର ଏପରି ସ୍ଥିତିରେ ସହରବାସୀ ସଚେତନ ହେଉ ନ ଥିବାରୁ କମିଶନରେଟ୍ ପୋଲିସକୁ କଟକଣା ବଢ଼ାଇବା ପାଇଁ କୁହାଯାଇଛି। କିପରି ଲୋକେ ବାହାରେ ଗହଳି ନ କରିବେ, ଭିଡ଼କୁ ରୋକି ହେବ ସେ ନେଇ ଯୋଜନା ପ୍ରସ୍ତୁତ କରିବାକୁ ଆମେ ନିର୍ଦ୍ଦେଶ ଦେଇଛୁ। ଏହା ଛଡ଼ା ଲୋକମାନେ ନିଜେ ସତର୍କ ରୁହନ୍ତୁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିବେଦନ କରୁଛୁ। ବାହାରେ ଅଯଥା ଗହଳି କରନ୍ତୁ ନାହିଁ। ଜୀବନ ଆଗ, ପାର୍ବଣ ପଛ। ସଂକ୍ରମଣର ସବୁଠୁ ବଡ଼ ବାଟ ହେଉଛି ଭିଡ଼। ସରକାର ବାରମ୍ବାର ଲୋକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇ ଆସୁଛନ୍ତି। ହେଲେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଗାଇଡ୍‌ଲାଇନ ନ ମାନିଲେ ସଂକ୍ରମଣ ପୁଣି ବେକାବୁ ହେବ ବୋଲି ଆଶଙ୍କା କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ, ସଂକ୍ରମଣ ଶୀର୍ଷରେ ରହିଥିବା ଦ୍ୱୈତ ନଗରୀକୁ ନ ଜଗିଲେ ରାଜ୍ୟକୁ ପୁଣି କରୋନା ମାଡ଼ିଯିବ। ତେଣୁ ଏବେଠାରୁ ସଜାଗ ରହିବାକୁ ହେବ। ସେପଟେ ଲୋକଙ୍କୁ ବାରମ୍ବାର ସଚେତନ କରିବା ସତ୍ତ୍ୱେ ହାଟ ଓ ବଜାରରେ ଭିଡ଼ କମୁନାହିଁ। ଏଭଳି ସ୍ଥିତିରେ ପାର୍ବଣ କଟକଣାକୁ କଡ଼ାକଡ଼ି ପାଇଁ ସୋମବାରଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଦ୍ୱୈତ ନଗରୀରେ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି। ରାତି ୮ଟାରୁ ସକାଳ ୫ଟା ଯାଏ ଉଲ୍ଲଂଘନକାରୀଙ୍କୁ ସାବାଡ କରିବାକୁ ଜଗି ରହିଛି କମିଶନରେଟ୍ ପୋଲିସ।

ଅନ୍ୟପଟେ ଗତ ୨୪ଘଣ୍ଟାରେ ରାଜ୍ୟରେ ୪୪୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୧୫୯ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ବୟସ୍କ ୫୯ଜଣ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ କହିଛି। ତେବେ ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୩୨,୧୪୪କୁ ଛୁଇଁଛି। ସେହିପରି ରାଜ୍ୟରେ ଆଉ ୬ଜଣଙ୍କ କରୋନା ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୫୫କୁ ବୃଦ୍ଧି ପାଇଛି।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ମାଗଣାରେ କରୋନା ଟିକା ଦେଉଥିବାରୁ ପେଟ୍ରୋଲ, ଡିଜେଲ ଦର ବଢ଼ିଛି। ଭାକ୍ସିନରେ ଖର୍ଚ୍ଚ ହୋଇଥିବା ଟଙ୍କା ତେଲ ଟ୍ୟାକ୍ସରୁ ମିଳିବ।

– ରାମେଶ୍ୱର ତେଲି, ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ଆଶାରାଣୀ
ପରିବାରବର୍ଗ



କାଳିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନେ ଗଲେ ଯୁଗେ ଯାଏ।**

ଗରିବ ହେଲେ ଅନେକ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼େ। ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼େ। ଦୁଃଖୀ ଦରିଦ୍ର ଲୋକଙ୍କର ଅଭାବ ଅନଟନ ଚିର ସହଚର। ଢୋକେ ପି ଦଣ୍ଡେ ଜିଇଁ ବିତାଇବା ପରି ଦୁଃଖୀ ଲୋକର ଦିନେ କଟିଗଲେ ଯୁଦ୍ଧ ଗଲା ଭଳି ଲାଗେ। ଖାଇ ପିଇ କୌଣସି ମତେ ଜିଇଁଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦଳ ଛଡ଼ାଇଲେ କିଏ? କଉ ଖାଇଲେ କିଏ?**

କଷ୍ଟ ସହିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସଚିବାଳୟ ଜୁନିୟର ଷ୍ଟେନୋଗ୍ରାଫର ହେବେ ଜେଇଏ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ):** ଓଡ଼ିଶା ସଚିବାଳୟ ଷ୍ଟେନୋଗ୍ରାଫର ଓ ପିଏ ରୁଲ୍ସ-୧୯୯୭କୁ ସଂଶୋଧନ କରାଯାଇଛି। ନୂଆ ସର୍ଭିସ ରୁଲ୍ସରେ କେତେକ ପରବର୍ତ୍ତନ କରାଯାଇଛି। ଏଥିରେ ନିଯୁକ୍ତି ପାଇଁ ଥିବା ପାଠ୍ୟକ୍ରମ ପରିବର୍ତ୍ତନ ହେବା ସହ କମ୍ପ୍ୟୁଟର ଦକ୍ଷତା ଇତ୍ୟାଦିକୁ ମାପକାଠି ଭାବେ ଧରାଯାଇଛି। ଜୁନିୟର ଷ୍ଟେନୋଗ୍ରାଫରଙ୍କୁ ଏଣିକି ଜୁନିୟର ଏକ୍ଜିକ୍ୟୁଟିଭ ଆସିଷ୍ଟାଣ୍ଟ (ଜେଇଏ) କୁହାଯିବ। ଏହାଛଡ଼ା ଗ୍ରୁପ-ଡି କର୍ମଚାରୀଙ୍କୁ ଏହି ପଦବୀକୁ ପଦୋନ୍ନତି ଦେବାର ବ୍ୟବସ୍ଥା କରାଯାଇଛି। ପୋଲିସ ମିନିଷ୍ଟେରିଆଲ ଅଫିସରମାନଙ୍କ ଲାଗି ଏକ ସ୍ୱତନ୍ତ୍ର ସର୍ଭିସ ରୁଲ୍ସ ରହିଥିଲା। ଏବେ ସେମାନେ ଓଡ଼ିଶା ସିଭିଲ ସର୍ଭିସ୍ ରୁଲ୍ସ ୧୯୬୨ ଅଧୀନକୁ ଆସିବେ। ଏହାଦ୍ୱାରା ପୋଲିସ ବିଭାଗ ଏବଂ ଅନ୍ୟ ବିଭାଗର ଯେଉଁମାନେ ମିନିଷ୍ଟେରିଆଲ ଅଫିସର ଅଛନ୍ତି ସେମାନଙ୍କର ଗୋଟିଏ ପ୍ରକାର ପେ-ଷ୍ଟ୍ରକ୍ଚର ହେବ। ଓଡ଼ିଶା ଡିଷ୍ଟ୍ରିକ୍ଟ ପୋଲିସ ମିନିଷ୍ଟେରିଆଲ ସର୍ଭିସ ରୁଲ୍ସ -୨୦୨୧ କରାଯାଇଛି। ଏହି ନୂଆ ରୁଲ୍ସ ଦ୍ୱାରା ପୂର୍ବରୁ ଥିବା ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ହଟାଇ ଯୁକ୍ତ ଦୁଇ ଏବଂ କମ୍ପ୍ୟୁଟର ଶିକ୍ଷାକୁ ନିଯୁକ୍ତିର ଏକ ଆଧାର ଭାବେ ଗ୍ରହଣ କରାଯାଇଛି। ଓଡ଼ିଶା କର୍ମଚାରୀ ବୀମା ଚିକିତ୍ସା ସେବା -୨୦୧୪ର ସଂଶୋଧନ କରାଯାଇଛି। ଇଏସ୍ଆଇ ମେଡିକାଲ ସର୍ଭିସରେ ଯୁଗ୍ମ ନିର୍ଦ୍ଦେଶକ ଲେଭଲ-୧ ଏବଂ ଲେଭଲ-୨କୁ ଉଚ୍ଛେଦ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ପଦବୀ କେବଳ ଗୋଟିଏ ଲେଭଲରେ ରହିବେ। ଏହାଦ୍ୱାରା ଇଏସ୍ଆଇ ମେଡିକାଲ ଅଫିସରମାନଙ୍କର ପଦୋନ୍ନତିରେ ଉନ୍ନତି ହୋଇପାରିବ। ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନର ସତ୍ରାବସାନକୁ କ୍ୟାବିନେଟ ଅନୁମୋଦନ କରିଛି।

**ପ୍ରଥମ ପୃଷ୍ଠାରୁ...**

## କ୍ଷତିପୂରଣ ମିଳୁନି...

ଜିଲାପାଳମାନଙ୍କୁ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଟଙ୍କା ପ୍ରଦାନ କରିବା ପାଇଁ କାଲା କର୍ତ୍ତୃପକ୍ଷଙ୍କୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏନ୍ଏଚ୍ଏଆଇ ଅଧ୍ୟକ୍ଷ ଅରମନେଙ୍କ ବିବୃତି ଅନୁସାରେ ଯାଜପୁର ଜିଲା ଦେଇ ଯାଇଥିବା ୪ଟି ଏନ୍ଏଚ୍ ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ୧୬ ନମ୍ବର ଏନ୍ଏଚ୍ର ଚଣ୍ଡିଖୋଲ-ଭଦ୍ରକ ୬ ଲାଇନ ବିଶିଷ୍ଟ ପ୍ରକଳ୍ପରେ ୭୪.୫ କିମି ଲମ୍ବ ରହିଛି। ଏଥିପାଇଁ ୧୨୩୦.୫୫ କୋଟି ଟଙ୍କା ଅଟକଳ ହୋଇଥିବାବେଳେ ଦିଲୀପ ବିଲ୍ଡକନ୍ ଠିକାସଂସ୍ଥା ନିର୍ମାଣ ଦାୟିତ୍ୱରେ ରହିଛି। ଏହି ପ୍ରକଳ୍ପ ୧୨।୬।୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ କାର୍ଯ୍ୟରେ ମନ୍ଥରତା କାରଣରୁ ସମୟସୀମାକୁ ବୃଦ୍ଧି କରାଯାଇ ଆସନ୍ତା ୧୨।୫।୨୦୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟର ଅଗ୍ରଗତି(୬୧%)କୁ ଅବଲୋକନ କଲେ ଏହି ଧାର୍ଯ୍ୟ ତାରିଖ ମଧ୍ୟ ଘୁଞ୍ଚିପାରେ ବୋଲି ମନେ ହେଉଛି। ୫୩ ନମ୍ବର ଏନ୍ଏଚ୍ରେ ଡୁବୁରୀ-କାମାକ୍ଷାନଗର ୫୧.୨ କିମି ୪ ଲେନ୍ କାର୍ଯ୍ୟ ପାଇଁ ୭୬୧.୧୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଜିଆର୍ ଇନ୍ଫ୍ରା ଠିକାସଂସ୍ଥା ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ଏହାର ସମୟସୀମା ୨୧।୮।୨୦୨୧ ରହିଥିଲାବେଳେ ପୁଣି ୩୧।୩।୨୦୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏଯାଏ ମାତ୍ର ୭୭ ପ୍ରତିଶତ କାମ ହୋଇଛି। ୫୩ ନମ୍ବର ଏନ୍ଏଚ୍ରେ ଡୁବୁରୀ-ଚଣ୍ଡିଖୋଲ ୪ଲେନ୍ କାର୍ଯ୍ୟ ମାତ୍ର ୨୭% ହୋଇଛି। ୩୯.୪ କିମି ଲମ୍ବ ଏହି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୭୮୯.୨୩ କୋଟି ଟଙ୍କା ଅଟକଳ ହୋଇଛି। ଗାମନ ଇଞ୍ଜିନିୟର୍ସ ଆଣ୍ଡ କଣ୍ଟ୍ରାକ୍ଟର୍ସ ଠିକାସଂସ୍ଥା ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ଆସନ୍ତା ୧୦।୮।୨୦୨୨ ସୁଦ୍ଧା ସାରିବାକୁ ସମୟ ଧାର୍ଯ୍ୟ ହୋଇଛି। ସେହିପରି ୨୦ ନମ୍ବର ଏନ୍ଏଚ୍ରେ ପାଣିକୋଇଲି-ରେମୁଳି ପ୍ରକଳ୍ପର ବାକି ୭ କି.ମି. କାମ ପାଇଁ ୧୮୩.୯୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଆର୍ଏସ୍ଏସ୍ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ତେବେ ଏହାର ମାତ୍ର ୮% କାମ ସରିଛି। ଉପରୋକ୍ତ ୪ ପ୍ରକଳ୍ପ ପାଇଁ ୧୨୬.୭୩୯ ହେକ୍ଟର ଜମିର କ୍ଷତିପୂରଣ ଟଙ୍କା ବାବଦକୁ ୫୭.୦୦୭ କୋଟି ଟଙ୍କା କାଲା ପାଖରେ ଜମା ହୋଇଛି। ହେଲେ ଏଯାଏ ୪.୪୭୭ କୋଟି ଟଙ୍କା କ୍ଷତିଗ୍ରସ୍ତ ଜମିମାଲିକଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ଏନେଇ ଯାଜପୁର ସହକାରୀ ଜିଲାପାଳ ତଥା କାଲା ଅଧିକାରୀ ତରଣୀସେନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାଗଜପତ୍ର ଦେଖିବା ପରେ ସେ କିଛି କହିପାରିବେ।

ଅନ୍ୟ ଏନ୍ଏଚ୍ ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତିକୁ ଦେଖିଲେ, ଅନୁଗୋଳ-ସମ୍ବଲପୁର ଏନ୍ଏଚ୍ କାର୍ଯ୍ୟ ୫୩% ସରିଥିବାବେଳେ ତିଳେଇବଣି-ସମ୍ବଲପୁର ୭୨%, ବାହାରଗୋଡା-ସିଙ୍ଗରା ୯୫%, କଟକ-ଅନୁଗୋଳ ୫୦%, ରେମୁଳି-କୋଇଡା ୮୪%, କୋଇଡା-ରାଜାମୁଣ୍ଡା ୭୮%, ବୀରମିତ୍ରପୁର-ବ୍ରାହ୍ମଣୀବ୍ରିଜ ୬୦%, ସିଙ୍ଗରା-ବିଞ୍ଜାବାହାଲ ୯୧%, ପୁଇଁତୋଲା-ଟାଙ୍ଗି ୫୬%, ରାଜାମୁଣ୍ଡା-ବାରକୋଟ ୨୭%, ବ୍ରାହ୍ମଣୀ ବ୍ରିଜ-ରାଜାମୁଣ୍ଡା ୮୨%, ତାଳଚେର-କାମାକ୍ଷାନଗର ୬୨%, ଟାଙ୍ଗି-ଭୁବନେଶ୍ୱର ୪୭%, ଭଦ୍ରକ-ବାଲେଶ୍ୱର ଏନ୍ଏଚ୍ ନିର୍ମାଣ କାର୍ଯ୍ୟ ୪୦% ଶେଷ ହୋଇଛି। ସେହିପରି ବାଲିକୁଦା, ଶିଖରପୁର, ବଡ଼ଚଣାରେ ଭାଇକୁଲାର ଅଣ୍ଡରପାସ୍(ଭିୟୁପି) କାର୍ଯ୍ୟ ୪୩%, ହଂସପାଳଠାରେ ଫ୍ଲାଇଓଭର ବ୍ରିଜ୍ ୫% ଏବଂ ବାଲେଶ୍ୱର, ବାରିପଦା ଓ ଖାରପୋଖରିଆଠାରେ ଭିୟୁପି ନିର୍ମାଣ ୮% କାମ ସରିଛି। ଏହି କାରଣରୁ ଭାରତମାଳା, ବନ୍ଦର ସଂଯୋଗୀକରଣ ଓ ଏନ୍ଏଚ୍ଡିପି ପ୍ରକଳ୍ପରେ ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ପାଇଁ ୨୦ ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ ବୋଲି ଏନ୍ଏଚ୍ଏଆଇ ଅଧ୍ୟକ୍ଷ ଅରମନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ୩ ଜଣଙ୍କୁ ଅର୍ଥନୀତିରେ...

ଘଣ୍ଟାପ୍ରତି ସର୍ବନିମ୍ନ ମଜୁରୀ ବଢ଼ାଗଲେ ତାହା ନିଯୁକ୍ତିକୁ ପ୍ରଭାବିତ କରି ନ ଥାଏ। ମଜୁରି ବଢ଼ିଲେ ନିଯୁକ୍ତି କମିଯିବ ବୋଲି ରହିଥିବା ଧାରଣାକୁ ସେ ଭୁଲ୍ ପ୍ରମାଣିତ କରିଥିଲେ। ସେହିପରି ପ୍ରବାସୀଙ୍କ ଯୋଗୁ ସ୍ଥାନୀୟ ଲୋକଙ୍କ ମଜୁରି ହ୍ରାସ ପାଇଥାଏ ବୋଲି ଅନ୍ୟ ଏକ ସାଧାରଣ ଚିନ୍ତାଧାରାକୁ ମଧ୍ୟ କାର୍ଡ ତାଙ୍କ କାର୍ଯ୍ୟ ମାଧ୍ୟମରେ ଚ୍ୟାଲେଞ୍ଜ କରିଥିଲେ। ନୂଆ ପ୍ରବାସୀଙ୍କ ଯୋଗୁ ସ୍ଥାନୀୟ ଜନ୍ମିତ ଲୋକଙ୍କ ଆୟରେ ଲାଭ ହୋଇପାରିବ ବୋଲି ସେ ଜାଣିବାକୁ ପାଇଥିଲେ।

## ୮ ଜିଲାରୁ ମୌସୁମୀ...

କୁହାଯାଇଛି। ଅନ୍ୟପକ୍ଷରେ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ସ୍ଥିର ରହିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୩ ସୁଦ୍ଧା ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ପରେ ଲଘୁଚାପ କ୍ରମେ ପଶ୍ଚିମ ଉତ୍ତର ଦିଗକୁ ଅଗ୍ରସର ହେବ। ପଶ୍ଚିମ-ଉତ୍ତରମୁହାଁ ହୋଇ ୧୫ ତାରିଖ ସୁଦ୍ଧା ଉପକୂଳ ଛୁଇଁବ। ୱେଲ୍ ମାର୍କଡ ଲଘୁଚାପ ଭାବେ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ମଧ୍ୟରେ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ସେପଟେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ପୁଞ୍ଚ୍‌ରେ ଏନ୍‌କାଉଣ୍ଟର...

ହୋଇଛି। ତଲାସି ଅଭିଯାନ ଜାରି ରହିଥିବାବେଳେ ଉକ୍ତ ଅଞ୍ଚଳକୁ ଅଧିକ ଯବାନ ପଠାଯାଇଛି। ସେଠାରେ ରହିଥିବା ଆତଙ୍କବାଦୀ ପାକିସ୍ତାନ ପଟୁ ଅନୁପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟବର୍ତ୍ତୀ ପୁଞ୍ଚ୍ ଓ ରାଜୌରୀ ଜିଲା ଆତଙ୍କବାଦୀ କାର୍ଯ୍ୟକଳାପର ହଟ୍‌ସ୍ପଟ ପାଲଟିଛି। ଅଗଷ୍ଟ ୯ରେ ବିଏସ୍ଏଫ୍, ସେନା ଏବଂ ଏସ୍ଓଜିର ମିଳିତ ଟିମ୍ ମେନ୍ଧର ଅଞ୍ଚଳରେ ଆତଙ୍କବାଦୀଙ୍କ ଏକ ଗୁପ୍ତ ଆଡ୍ଡା ଠାବ କରିବା ସହ ବିପୁଳ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଜବତ କରିଥିଲେ। ଜଙ୍ଗଲ ମଧ୍ୟରୁ ମିଳିଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ୨ଟି ଏକେ୪୭ ରାଇଫଲ, ୪ ଏକେ୪୭ ମାଗାଜିନ, ଗୋଟିଏ ଚାଇନା ପିସ୍ତଲ, ୧୦ ପିସ୍ତଲ ମାଗାଜିନ, ଗୋଟିଏ ସେଟ୍ ଆଇ-କମ୍, ୪ ଚାଇନା ଗ୍ରେନେଡ୍, ୪ ନନ୍ ଇଲେକ୍ଟ୍ରିକ୍ ଡେଟୋନେଟର, ୧୫ ଫ୍ୟୁଜ୍ ଡେଟୋନେଟର, ଚାଇନା ଗ୍ରେନେଡ ଆଦି ଥିଲା। ଅଗଷ୍ଟ ୧୯ରେ ରାଜୌରି ଜିଲାର ଅଙ୍ଗୋଟା ଅଞ୍ଚଳରେ ଜଣେ ଜେସିଓ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଅଗଷ୍ଟ ୬ରେ ଉକ୍ତ ଅଞ୍ଚଳରେ ଦୁଇଜଣ ଲସ୍କର-ଇ-ତୋଇବା ଆତଙ୍କବାଦୀ ଏନ୍କାଉଣ୍ଟରରେ ନିହତ ହୋଇଥିଲେ।

## ଯୁକ୍ତ୨ ବଳକା...

ଖାଲି ସିଟ୍‌ରେ ନାମଲେଖା ପାଇଁ କମନ ଆପ୍ଲିକେଶନ ଫର୍ମ (ସିଏଏଫ୍) ଗଣଶିକ୍ଷା ବିଭାଗର ୱେବ୍‌ସାଇଟ୍ www.samsodisha.gov.inରେ ଉପଲବ୍ଧ ରହିଛି। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ୨୫ ତାରିଖ ରାତି ୧୧ଟା ୫୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିଲେ, କିନ୍ତୁ କୌଣସି କଲେଜରେ ନାମଲେଖା ପାଇଁ ସିଟ୍ ପାଇ ନ ଥିଲେ, ସେମାନେ ବି ଆଉଥରେ ଅନ୍‌ଲାଇନ୍‌ରେ ସିଏଏଫ୍‌ରେ ଆବେଦନ କରିପାରିବେ। କିନ୍ତୁ ସେମାନଙ୍କ ପାଇଁ ଆଉଥରେ ଆବେଦନ ଫି' ଦେବାକୁ ପଡ଼ିବ ନାହିଁ। ବଳକା ସିଟ୍‌ରେ ନାମଲେଖା ପାଇଁ ଆସନ୍ତା ୩୦ ତାରିଖ ଅପରାହ୍ନ ୨ଟାରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ନଭେମ୍ବର ୧ ପୂର୍ବାହ୍ନ ୧୧ଟାରୁ ୩ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇପାରିବେ। ୯ ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ନାମଲେଖା ପାଇଁ ବଳକା ସିଟ୍‌ର ୩ଗୁଣ ମେଧା ତାଲିକା ପ୍ରକାଶ ପାଇବ। ତେବେ ଛାତ୍ରୀଛାତ୍ରମାନେ ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲରେ ନାମଲେଖା ପାଇଁ ମନୋନୀତ ହୋଇଥିବେ, ସେଠାରେ ୯ ତାରିଖ ଅପରାହ୍ନ ସାଢ଼େ ୨ଟାରୁ ୧୦ତାରିଖ ଅପରାହ୍ନ ୪ଟା ମଧ୍ୟରେ ନାମ ପଞ୍ଜୀକରଣ କରିବେ। ୧୧ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ସ୍ପଟ୍ ନାମ ଲେଖାପାଇଁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୧୧ ତାରିଖ ଅପରାହ୍ନ ୨ଟାରୁ ୧୨ ତାରିଖ ଅପରାହ୍ନ ୪ଟା ମଧ୍ୟରେ ନାମ ଲେଖାଇବେ।

## ଥମୁନି ତେଲ...

ତେଲ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ଅତ୍ୟାବଶ୍ୟକ ସାମଗ୍ରୀ ଦର ଉପରେ ପ୍ରଭାବ ପଡ଼ିଛି। ବିଶେଷକରି ଡିଜେଲ ଦର ବୃଦ୍ଧି କାରଣରୁ ପରିବହନ ଜନିତ ସମସ୍ୟା ଅଧିକ ଦେଖାଦେଇଛି। ଗତ କିଛି ମାସ ମଧ୍ୟରେ ଅତ୍ୟାବଶ୍ୟକ ଖାଦ୍ୟପଦାର୍ଥର ମୂଲ୍ୟ ୬୦ରୁ ୭୦% ବୃଦ୍ଧି ପାଇଥିବା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୩.୧୭ ଟଙ୍କା ଏବଂ ପେଟ୍ରୋଲ ୧୦୧.୪୪ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୩.୩୦ ଟଙ୍କା ଏବଂ ଡିଜେଲ ୪.୫୫ ଟଙ୍କା ବଢ଼ିଲାଣି ବୋଲି ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୯୭.୫୯ ଟଙ୍କା, ୯୬.୨୮ ଟଙ୍କା ଏବଂ ୧୦୧.୦୩ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୬ରୁ ୨୯ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୧.୭୯ ଟଙ୍କା, ୧୦୫.୦୯ ଟଙ୍କା ଏବଂ ୧୧୦.୪୧ ଟଙ୍କାରେ ରହିଛି।

ଗତ କିଛିଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି; ଯାହାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁଛି ବୋଲି ତୈଳ ଆମଦାନୀକାରୀ କମ୍ପାନୀଗୁଡିକ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ବର୍ଦ୍ଧିତ ତୈଳ ଶୁଳ୍କ ମଧ୍ୟ ଅନେକାଂଶରେ ତେଲ ଦର ଉଚ୍ଚା ରହିବାର ପ୍ରମୁଖ କାରଣ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଠିକା କର୍ମଚାରୀ ଏବେ...

ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। କ୍ୟାବିନେଟ ବୈଠକ ପରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ୬ ବର୍ଷ ପରେ ସେମାନଙ୍କର ଚାକିରି ନିୟମିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କୁ ପ୍ରତିବର୍ଷ ୨୫୦ କୋଟି ଟଙ୍କା ଅଧିକ ବ୍ୟୟ ଭାର ବହନ କରିବାକୁ ପଡ଼ିବ। ଏହାଛଡ଼ା ପୂର୍ବରୁ ଠିକା କର୍ମଚାରୀମାନଙ୍କୁ ପୂର୍ବରୁ ଚିକିତ୍ସା ଖର୍ଚ୍ଚ ମିଳୁ ନ ଥିଲା। ଏଣିକି ସେମାନଙ୍କୁ ରାଜ୍ୟ ସରକାର ମେଡିକାଲ ଖର୍ଚ୍ଚ ପ୍ରଦାନ କରିବେ। ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ଅବକାରୀ ଅଧିକାରୀଙ୍କ ପାଇଁ ୨ କ୍ୟାଡର ରୁଲ୍ସ

ରାଜ୍ୟ ସରକାର ପୁରୁଣା ଅବକାରୀ ନିୟମକୁ ରଦ୍ଦ କରି ଅବକାରୀ ବିଭାଗ ଗ୍ରୁପ-ଏ ଓ ବି ଅଫିସରମାନଙ୍କ ପାଇଁ ୨ଟି ସ୍ୱତନ୍ତ୍ର କ୍ୟାଡର ରୁଲ୍ସ କରିଛନ୍ତି। ସେଗୁଡିକ ହେଲା ଓଡ଼ିଶା ଅବକାରୀ ସେବା ଗ୍ରୁପ୍-ଏ ନିୟମ-୨୦୨୧ ଏବଂ ଓଡ଼ିଶା ଅବକାରୀ ସେବା ଗ୍ରୁପ୍-ବି ନିୟମ ୨୦୨୧। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏଥିରେ ଅତିରିକ୍ତ ଅବକାରୀ କମିଶନର ସହ ଅନେକ ପଦବୀ ସୃଷ୍ଟି ହୋଇଛି। ଅବକାରୀ ବିଭାଗର ଡେପୁଟି ସେକ୍ରେଟାରି ପଦବୀ ପାଇଁ ସିଧାସଳଖ ନିଯୁକ୍ତି କରାଯିବ। ଏହାଦ୍ୱାରା ଅବକାରୀ ବିଭାଗ ଅତ୍ୟନ୍ତ କ୍ରିୟାଶୀଳ ହେବ। ବିଭାଗର ଅଧିକାରୀମାନଙ୍କ ପାଇଁ ପଦୋନ୍ନତି ସକାଶେ ଅଧିକ ସୁବିଧା ମିଳିପାରିବ ବୋଲି କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେହପରି ଓଡ଼ିଶା ସିଭିଲ ସପ୍ଲାଏ ମାର୍କେଟ ଇଣ୍ଟେଲିଜେନ୍ସ ସର୍ଭିସ ରୁଲ୍ସ-୨୦୨୧କୁ କ୍ୟାବିନେଟ ଅନୁମୋଦନ କରିଛି। ନୂଆ କ୍ୟାଡର ସୃଷ୍ଟି ହେବା ଦ୍ୱାରା ଅଧିକାରୀମାନଙ୍କୁ ପଦୋନ୍ନତି ସୁଯୋଗ ମିଳିବା ସହ ନୂତନ ପଦବୀ ସୃଷ୍ଟି ହୋଇପାରିବ। ଏହି ନୂତନ ରୁଲ୍ସ ବଳରେ ୪ଟି ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ୧୨ ସୁପରଭାଇଜର, ୩ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ଏବଂ ୪ଟି ମାର୍କେଟ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ପଦବୀକୁ ଉଚ୍ଛେଦ କରାଯାଇ ମାର୍କେଟ ଇଣ୍ଟେଲିଜେନ୍ସ ଡାଇରେକ୍ଟର, ୩ ସିନିୟର ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ୧୦ ସିନିୟର ମାର୍କେଟ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ପଦବୀ ସୃଷ୍ଟି କରାଯାଇଛି। ଅନ୍ୟପକ୍ଷରେ ନୂତନ ଭାବେ ଓଡ଼ିଶା ଲିଗାଲ ମେଟ୍ରୋଲୋଜି ସର୍ଭିସ ରୁଲ୍ସ-୨୦୨୧ ତିଆରି କରାଯାଇଛି। ଏହାକୁ କ୍ୟାବିନେଟ ମୋହର ମାରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମକ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିବେ। ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେଇପାରେ। ପରିବାରର ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ।

**ବୃଷ** – ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହୋଇଯିବେ। ଆକସ୍ମିକ ସମସ୍ୟାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହୋଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି। ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ** – ଆଜିର ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ମକଦ୍ଦମାରେ ସଫଳତା ପାଇବା କଷ୍ଟକର ହୋଇପାରେ।

**କର୍କଟ** – ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନି। ପରିବହନରେ ଉନ୍ନତି କରିବା ସଙ୍ଗକୁ ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର, କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** – ଅଟକି ରହିଥିବା କାମ ଆଜି ହିଁ ଶେଷ କରିବାକୁ ମନସ୍ଥ କରି ସଫଳତା ପାଇବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବା ସହ କେତେକାଂଶରେ ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** – ବିଭିନ୍ନ ପ୍ରକାର ଅନୁଚିତ କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** – ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ କରିପାରିବେ ନାହିଁ। ସାମାନ୍ୟ କଷ୍ଟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ପରକଥାରେ ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ।

**ବିଛା** – ଆଜି ଦିନସାରା ମାନସିକ ସ୍ଥିତି ଠିକ୍ ରହିବନାହିଁ। କାରବାର ବୃଦ୍ଧିଜନିତ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ।

**ଧନୁ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ କଳହ, ଟଙ୍କା ଦେଣନେଣ, କଚେରି ମାମଲାଜନିତ ଟେନ୍‌ସନ ବଢ଼ିଯିବ। ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ, ଯାହା ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ମକର** – ଯେତେ ଭଲ କାମ କଲେ ମଧ୍ୟ ଅଭାବବୋଧ ଏବଂ ବିଭିନ୍ନ ଦୁଶ୍ଚିନ୍ତାରେ ଭାରାକ୍ରାନ୍ତ ହେବେ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପିଲାମାନଙ୍କ ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ। ଅଫିସରେ ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ବୃଥାରେ ସମୟର ଅପଚୟ କରିପାରନ୍ତି।

**କୁମ୍ଭ** – ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** – ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଅପରାହ୍ଣେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

**classifieds Everyday 0674-2580101, 2549302**



**SALE**

Plot sale near AIIMS Hospital Bhubaneswar and Infocity-2. 9439206202. D-71720

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

2/3 BHK flat 1k.m. AIIMS, Bhubaneswar and plots available. 7008492511. D-21900

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9556055607. D-21938

Plot for sale at Tankapani road near Bhubaneswar Grand. Contact: +919437028781, +917008229012. D-21933



Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469. D-71710



House at Nayapalli near DAV/ Stewart School for Family. 9438490107. D-70499

2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425



Ashirvaad Saloon and SPA get good massage for your health tha best therapy. 7077181074. D-70496

Refreshing your mind, your body with tha best therapy at Lotus SPA. 8018891951. D-70495

Newly open full body massage ladies and gents. 8327740003. D-70498

Refreshing your mind and body with the best therapy. 7873794731. D-71179

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open therapy center offer @ 799/-, positively health benefits. 7381172169. D-71424

**LOST**

I have lost my sale deed No-2683, dtd. 31.07.1978 anywhere in Kamakhyanagar town area. The same reported at Kamakhyanagar Police Station on 10.10.2021 vide GD No.03. Anybody found please contact, Bachu Nayak, Mob-9437333059. D-70359

I Aurobindo Kumar Behera, B.Pharm Regd. No.- 46529/99 2004 of Kanak Manjari Institute of Pharmaceutical Sciences, Rourkela has lost my original Degree Certificate. D-21951

Original Sale deed, registration No.- 1088 dated 11.02.2004 over plot No.- 120/663, Balaram Vihar Nuagaon road, Bhubaneswar-2, is missing since 25.09.2021. If found please contact Sailabala Sahoo. Mob: 9556353417 or RACPC SBI Bhubaneswar. If anybody finds this document & misuses it we won' be held responsible for the same. D-21952

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାତିସାରା ହୋଟେଲରେ ଥିଲେ ମନୀଷ

**ସାମ୍ବାଦିକ ନବୀନ ଦାସଙ୍କ ପୁଅଙ୍କ ମୃତ୍ୟୁ ମାମଲା**

- ସାଉଥ୍ ସିଟି ହୋଟେଲ, ସିସିଟିଭି ଜବତ
- ଦୁଇଦିନ ପରେ ବି କମିଶନରେଟ ପୋଲିସ ହାତ ଖାଲି


ମନୀଷ ଅନୁରାଗ ଦାସ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା ଗାଁ ପୋଖରୀରୁ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ଦାସ (୩୦)ଙ୍କ ମୃତଦେହ ମିଳିବା ଘଟଣାକୁ ଦୁଇଦିନ ବିତିଛି। ତାଙ୍କର ମୃତ୍ୟୁ କିପରି ହୋଇଛି ତାହା ଏବେ ବି ପରଦା ଆଢୁଆଳରେ ରହିଥିବାରୁ ଘଟଣାକୁ ନେଇ ନାନା ଅସମାହିତ ପ୍ରଶ୍ନ ଉଠିବାରେ ଲାଗିଛି। କମିଶନରେଟ ପୋଲିସ ମୃତ୍ୟୁ ପଛର ଖିଅ ଖୋଜିବାକୁ ଲାଗିଥିଲେ ମଧ ଘଟଣା ଧୀରେ ଧୀରେ ରହସ୍ୟମୟ ହୋଇଯାଉଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଇନ୍‌ଫୋସିଟି ପୋଲିସ ଏକ ହତ୍ୟା ମାମଲା (ନଂ.୨୨୨/୨୧) ରୁଜୁ କରିଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ସହ ତମାଣ୍ଡୋ ଓ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଭାବେ ଘଟଣାର ତଦନ୍ତ ଚଳାଇଛି। ଇତିମଧ୍ୟରେ ମନୀଷ ନିଖୋଜ ରାତିରେ ତମାଣ୍ଡୋ ଥାନା ଭଗବାନପୁରସ୍ଥିତ ସାଉଥ୍ ସିଟି ହୋଟେଲରେ ଥିବା ଜଣାପଡିବା ପରେ ପୋଲିସ ତାହାକୁ ସିଲ୍ କରିଛି। ଏଥିସହ ସେଠାରେ ଲାଗିଥିବା ସମସ୍ତ ସିସିଟିଭିର ହାର୍ଡ ଡିସ୍କକୁ ଜବତ କରିଛି। ହେଲେ ତାଙ୍କୁ ସେଠାକୁ ନେଇଥିବା ଲୋକଙ୍କ ସମ୍ପର୍କରେ କିଛି ବି ସୂଚନା ପାଇପାରୁନାହିଁ ପୋଲିସ। ପୁଣି ମନୀଷ ସେଠାରୁ ପାତ୍ରପଡା ପୋଖରୀକୁ କିପରି ଗଲେ, ତାଙ୍କ ସହ ଥିବା ୨ଜଣ ସାଙ୍ଗ କିଏ, ମୋବାଇଲ୍ ସୁଇଚ୍ ଅଫ୍ ହେବା ପୂର୍ବରୁ କାହା କାହା ସହ କଥା ହୋଇଥିଲେ, ତାହା ଜାଣିବା ପାଇଁ ପୋଲିସ ଫୋନ୍ ସିଡିଆର୍ ଯାଞ୍ଚ କରୁଛି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଘଟଣାର ସମସ୍ତ ଦିଗକୁ ନେଇ ଅନୁସନ୍ଧାନ କରାଯାଉଛି। ଆଶା କରୁଛୁ, ଖୁବଶୀଘ୍ର ମନୀଷଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ।

### ଭିସେରା, ଡାଏଟମ୍ ରିପୋର୍ଟକୁ ଅପେକ୍ଷା

ମୃତଦେହ ଜବତବେଳେ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ମନୀଷଙ୍କୁ ଶ୍ୱାସରୁଦ୍ଧ କରାଯାଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଥିଲା। କିନ୍ତୁ ମୃତଦେହ ବ୍ୟବଚ୍ଛେଦର ପ୍ରାରମ୍ଭିକ ରିପୋର୍ଟରୁ ମୃତ୍ୟୁର କାରଣ ଜଣାପଡିନାହିଁ। ବିଷକ୍ରିୟା ଦ୍ୱାରା ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ପୋଲିସ ଭିସେରା ପରୀକ୍ଷା ପାଇଁ ଶରୀରର କିଛି ନମୁନାକୁ ଫୋରେନ୍‌ସିକ୍ ଲାବକୁ ପଠାଇଛି। ସେହିପରି ଉକ୍ତ ପୋଖରୀ ଜଳ ଓ ମନୀଷଙ୍କ ଶରୀରରେ ଥିବା ପାଣିର ନମୁନାକୁ ଡାଏଟମ୍ ପରୀକ୍ଷା ପାଇଁ ଦିଆଯାଇଛି। ଉଭୟକୁ ମେଳାଯାଇ ପରୀକ୍ଷା କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମନୀଷ ପଟିଆ ଶ୍ରୀବିହାର ଅଞ୍ଚଳରେ ପରିବାର ସହ ରହୁଥିଲେ। ନଭେମ୍ବରରେ ତାଙ୍କର ବିବାହ ସ୍ଥିର ହୋଇଥିବାରୁ ଶନିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ସହ ଏକ ଶୋ' ରୁମ୍‌ରୁ ଡ୍ରେସ୍ କିଣି ଘରକୁ ଫେରିଥିଲେ। ଏହାପରେ ଇନ୍‌ଫୋସିଟି ଛକ ନିକଟକୁ ଯାଇଥିଲେ। ଇନ୍‌ଫୋସିଟି ଛକସ୍ଥିତ ଗ୍ରାଭା ଆଇସ୍‌କ୍ରିମ୍ ପାର୍ଲର ସାମ୍ନାରେ ନିଜ କାର୍ ଥୋଇ ୨ଜଣ ସାଙ୍ଗଙ୍କ ସହ ଅନ୍ୟଏକ କାର୍‌ରେ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ସେ ସାଙ୍ଗଙ୍କ ସହ ଅଛନ୍ତି ଅଧ ଘଣ୍ଟା, ଘଣ୍ଟେ ଭିତରେ ଫେରିବେ ବୋଲି କହିଥିଲେ। କିଛି ଟଙ୍କା ଦରକାର ଥିବାରୁ ମା' ଫୋନ୍ ପେ ଜରିଆରେ ତାଙ୍କୁ ଦୁଇ ଥରରେ ୮ହଜାର ଟଙ୍କା ପଠାଇଥିଲେ। ପରେ ତାଙ୍କ ଫୋନ୍ ରିଂ ହୋଇଥିଲେ ମଧ ସେ ଉଠାଇ ନ ଥିଲେ। ଭୋର୍ ୪ଟା ୧୨ରୁ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପହରଣ ମାମଲା ରୁଜୁ କରି ଖୋଜା ଖୋଜି କରିବା ସମୟରେ ତାଙ୍କ କାର ପାଇଥିଲେ। ଅପରାହ୍ନ ୨ଟାରେ ପାତ୍ରପଡ଼ା ପୋଖରୀରୁ ପୋଲିସ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।


ସାଉଥ୍ ସିଟି ହୋଟେଲରେ ପୋଲିସର ଯାଞ୍ଚ, ସିସି ଟିଭି ଓ ଅନ୍ୟାନ୍ୟ ଜିନିଷ ଜବତ କରୁଛି।

### ସାଉଥ୍ ସିଟି ହୋଟେଲରେ ତାଙ୍କ ସହ କ'ଣ ଘଟିଥିଲା?

ତମାଣ୍ଡୋ ସାଉଥ୍ ସିଟି ହୋଟେଲ ହିଁ ମନୀଷଙ୍କ ଶେଷ ଲୋକେଶନ ଥିଲା। ରାତିସାରା ହିଁ ସେ ସେହିଠାରେ ଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ସେଠାରେ ତାଙ୍କ ସହ କ'ଣ ଘଟିଥିଲା ତାହା ଜାଣିବାକୁ ପୋଲିସ ଜବତ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ସେହିଠାରୁ ହିଁ ମନୀଷ ଫୋନ୍ କରି ମା'ଙ୍କୁ ଟଙ୍କା ମାଗିଥିଲେ। ଏଥିସହ ତାଙ୍କୁ ମାଡ଼ ମରାଯାଉଥିବା ନେଇ ସେ ଜଣାଇଥିଲେ। ତେଣୁ ତାଙ୍କ ସହ ଥିବା ଲୋକେ ହିଁ ତାଙ୍କୁ ଏପରି ନିର୍ଯାତନା ଦେଇ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ପୋଲିସ ଏବେ ଉକ୍ତ ହୋଟେଲ ଓ ସିସିଟିଭି ଉପରେ ପୂରା ଫୋକସ୍ ଦେଇଛି। ମନିଷ କେତେବେଳେ ହୋଟେଲକୁ ଆସିଲେ, ତାଙ୍କ ସହ ଆଉ କିଏ କିଏ ଥିଲେ, ହୋଟେଲରୁ କାହା ସହ କେତେବେଳେ ଗଲେ ଏଭଳି କିଛି ପ୍ରଶ୍ନ ସେଠାରେ କାମ କରୁଥିବା କର୍ମଚାରୀଙ୍କୁ ପୋଲିସ ପଚାରି ବୁଝିଛି। ଅନ୍ୟପକ୍ଷରେ ଭୋର୍ ୪ଟାବେଳେ ମନୀଷ ହୋଟେଲରୁ ଏକାକି ବାହାରିଥିଲେ ବୋଲି ଜଣେ କର୍ମଚାରୀ ଗଣମାଧମକୁ ମଧ କହିଛନ୍ତି।

### ସାଙ୍ଗମାନେ ଭୋଜି ପାଇଁ ଡାକି ହତ୍ୟା କରିଛନ୍ତି : ନବୀନ ଦାସ

ପୁଅର ମୃତ୍ୟୁ ପରେ ବାପା ସାମ୍ବାଦିକ ନବୀନ ଦାସ 'ନିର୍ଭୟ ଗୁମର କଥା' ମାଧମରେ ଭିଡିଓ ରିଲିଜ୍ କରି ଦୁଃଖ ବଖାଣିଛନ୍ତି। ସେ କହିଛନ୍ତି, ମାସକ ପରେ ପୁଅର ବାହାଘର ହୋଇଥାନ୍ତା। ରବିବାର ଭୋର୍ ୪ଟା ୧୧ରେ ପୁଅଙ୍କ ସହ ସେ କଥା ହୋଇଥିଲେ। ସେତେବେଳେ ତାଙ୍କୁ ମାରଧର୍ କରୁଥିବା ମନୀଷ କହୁଥିଲେ। ସାଙ୍ଗମାନେ ଭୋଜି କରିବାକୁ ଡାକିନେଇ ମନୀଷଙ୍କୁ ହତ୍ୟା କରିଛନ୍ତି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି, ଯେଉଁମାନେ ତାଙ୍କ ପୁଅର ହତ୍ୟାକାରୀ ସେମାନଙ୍କୁ ଖୁବଶୀଘ୍ର ଆଇନ ଆଗକୁ ଆଣିବେ। ପୋଲିସ ଉପରେ ଯଥେଷ୍ଟ ଭରସା ରହିଛି। ଆଶା କରୁଛି, ପୋଲିସ ହତ୍ୟାକାରୀଙ୍କୁ ସାମ୍ନାକୁ ଆଣିବ।

**ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍**
(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା - 800007, ଦୂରଭାଷ- 0612-2311200

**ନାମଲେଖା ବିଜ୍ଞପ୍ତି**
"ରେସିଡେନ୍ସିଆଲ୍ କୋର୍ସ"
(10ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)
ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ୍ କୋର୍ସ

ଯୋଗ୍ୟତା : ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡରୁ 10ମ ଉତ୍ତୀର୍ଣ୍ଣ
ବୟସ ସୀମା : 14.11.2021 ସୁଦ୍ଧା 17½ ବର୍ଷରୁ 25 ବର୍ଷ
(ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ)
ଶାରୀରିକ ମାନ : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ । ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ ।
ପାଠ୍ୟକ୍ରମ ଅବଧି : ଛଅ ମାସ
ପାଠ୍ୟକ୍ରମ ଦେୟ : ₹13,000/- (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ)

ସିଟ୍ ସଂରକ୍ଷଣ: ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%

ବାୟୋ–ଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି 01.11.2021 । 14.11.2021ରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ। ବଛାବଛା ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ସେହିଦିନ ଅନୁଷ୍ଠିତ ହେବ । ନମୁନା ଦରଖାସ୍ତ ଫର୍ମ www.niniedu.inରୁ ଡାଉନଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋ–ଡାଟା/ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କଶିଟ୍, 2ଟି ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା "ଦି ପ୍ରିନ୍ସିପାଲ, ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା–800007"ରେ ପଠାଇପାରିବେ କିମ୍ବା ତାହାକୁ info@niniedu.inରେ ଇମେଲ୍ କରିପାରିବେ । ପାଠ୍ୟକ୍ରମ ଏବଂ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ ।
**ଅଧ୍ୟକ୍ଷ**
ଏନ୍‌ଆଇଏନ୍‌ଆଇ, ପାଟନା
ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକୀୟ କ୍ୟାରିୟର

## ସମ୍‌ରେ ହେବ ଅତ୍ୟାଧୁନିକ ର୍‌ୟୁମାଟୋଲୋଜି କେନ୍ଦ୍ର

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଫ୍ୟାକଲ୍ଟି ଅଫ୍ ମେଡିସିନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍‌ରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସହ ଗବେଷଣାକୁ ପ୍ରୋତ୍ସାହନ ନିମନ୍ତେ ଏକ ଅତ୍ୟାଧୁନିକ ର୍‌ୟୁମାଟୋଲୋଜି କେନ୍ଦ୍ର ସ୍ଥାପନ ହେବ। ଓଡ଼ିଶାରେ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଆଇଏମ୍ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ୍‌କୁ ପ୍ରଥମ ଅନୁଷ୍ଠାନ ଭାବେ ର୍‌ୟୁମାଟୋଲୋଜି ପାଠ୍ୟକ୍ରମରେ ଡିଏମ୍ କୋର୍ସ ଶିକ୍ଷା ପ୍ରଦାନ ନେଇ ଅନୁମତି ପାଇଥିବା ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସୂଚନା ଦେଇଛନ୍ତି। ର୍‌ୟୁମାଟିଜମ୍ ଅର୍ଥାତ୍ ଆଣ୍ଠୁଗଣ୍ଠି ବାତ ଏଭଳି ଏକ ରୋଗ, ଯାହାକି ଅନେକ ଲୋକଙ୍କୁ ଆକ୍ରାନ୍ତ କରୁଛି। ପ୍ରତି ୧ହଜାର ଲୋକଙ୍କ ମଧ୍ୟରୁ ୫ ରୁ ୧୦ଜଣ ଏହି ସମସ୍ୟାର ଶିକାର ହେଉଛନ୍ତି। ତେଣୁ ଏହି ରୋଗର ଚିକିତ୍ସା ଏବଂ କିଭଳି ରୋଗଗ୍ରସ୍ତ ନ ହେବେ ସେ ଦିଗରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସମ୍ ହସ୍ପିଟାଲ୍‌ର ଇମ୍ୟୁନୋଲୋଜି ଓ ର୍‌ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରଦୀପ୍ତ ଶେଖର ପାତ୍ର କହିଛନ୍ତି।

## ପରାଶରଙ୍କୁ ଜାତୀୟ ବିଜ୍ଞାନ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

**ପ୍ରଥମ ଓଡ଼ିଆ ଭାବେ ପୁରସ୍କୃତ**


ଡ. ପରାଶର ମହାନ୍ତି

ପ୍ରଥମ ଓଡ଼ିଆ ଭାବେ ଡ. ପରାଶର ମହାନ୍ତି ସମ୍ମାନଜନକ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ଶିକ୍ଷକ ପୁରସ୍କାର–୨୦୨୧ ପାଇଛନ୍ତି। ସେ ଏବେ ଉତ୍ତରପ୍ରଦେଶ କାନପୁରସ୍ଥିତ ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି)ର ଗଣିତ ଓ ପରିସଂଖ୍ୟାନ ବିଭାଗରେ ପ୍ରଫେସର ଅଛନ୍ତି। ଏହି ଜାତୀୟ ପୁରସ୍କାର ଓ କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଘୋଷଣା କରି ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ (ଆଇଏନ୍ଏସ୍ଏ) ଗାଣିତିକ ଡ. ପରାଶର ମହାନ୍ତିଙ୍କ ଉଚ୍ଚମାନର ଗବେଷଣା ଓ ଉତ୍ସାହପ୍ରଦ ଶିକ୍ଷାଦାନକୁ ସ୍ୱୀକୃତି ଦେଇଛି। ପ୍ରଫେସର ମହାନ୍ତି ଗବେଷଣା ଓ ଶିକ୍ଷାଦାନ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରକ୍ଷା କରିବାରେ ସିଦ୍ଧହସ୍ତ। ଏଥିସହ ତାଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ ବିଦ୍ୟାର୍ଥୀ ପିଏଚ୍‌ଡି ହାସଲ କରି ପ୍ରମୁଖ ଅନୁଷ୍ଠାନଗୁଡ଼ିକରେ ଅଧ୍ୟାପନା ବୃତ୍ତିରେ ନିୟୋଜିତ ଅଛନ୍ତି। ତେବେ ପ୍ରଫେସର ମହାନ୍ତି ତାଙ୍କର ଗୁରୁ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଦ୍ୱାରା ବିଶେଷଭାବେ ଅନୁପ୍ରାଣିତ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଭାରତୀୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଶିକ୍ଷାଦାନର ମାନକୁ ସ୍ୱୀକୃତି ଦେବା ସହ ଶିକ୍ଷାଦାନର ଗୁଣବତ୍ତା ମୂଲ୍ୟାୟନ ଦିଗରେ ଆଇଏନ୍ଏସ୍ଏ କାର୍ଯ୍ୟ କରୁଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଯେଉଁ ଶିକ୍ଷକମାନେ ପିଲାଙ୍କ କ୍ୟାରିୟରକୁ ଆଗେଇ ନେବାରେ ମାର୍ଗଦର୍ଶନ କରିବା ସହ ସେମାନଙ୍କୁ ଅନୁପ୍ରାଣିତ ତଥା ଉତ୍ସାହିତ କରିଛନ୍ତି, ସେମାନଙ୍କ ନିଷ୍ଠାପର ବୃତ୍ତିକୁ ସ୍ୱୀକୃତି ଦେବା ପାଇଁ ଏକାଡେମୀ ଏହି ପୁରସ୍କାର ପ୍ରଦାନ କରୁଛି। ମେଡିକାଲ ଓ ଇଞ୍ଜିନିୟରିଂ ସମେତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରତ୍ୟେକଟି ବିଭାଗ ଏହି ପୁରସ୍କାର ଅଧୀନରେ ଆସିଥାଏ। ବର୍ଷକରେ ୧୫ ପୁରସ୍କାର ଦିଆଯାଇଥାଏ।

## କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୧୧।୧୦(ଡି.ଏନ୍.ଏ.)

ଜଙ୍କିଆ ଥାନା ବାଲିଗାଡିଆ ଗ୍ରାମରେ କୂଅରେ ପଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭକ୍ତ ବତ୍ସଳ ବଳବନ୍ତରାୟ ଓରଫ ବାଲୁ(୨୯)। ସୂଚନା ମୁତାବକ, ଭକ୍ତବତ୍ସଳ ରବିବାର ରାତି ସାଢେ ୧୦ଟା ରେ ଘର ନିକଟରେ ଥିବା କୂଅରେ ଧୋଇ ହେଉଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସିପଡଥିଲେ। ପରିବାର ଲୋକେ ତାଙ୍କୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ବୋଲି ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୧) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଭକ୍ତବତ୍ସଳଙ୍କ ୮ ମାସ ପୂର୍ବେ ବିବାହ ହୋଇଥିଲା।

# ଫିଟ୍‌ନେସ୍ ପରୀକ୍ଷା କରିବ ମେଶିନ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

- ପାଇଲଟ ପ୍ରୋଜେକ୍ଟ ଭାବେ କଟକ ନରାଜରୁ ଆରମ୍ଭ
- ୨୩ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ରାଜ୍ୟ ପରିବହନ ବିଭାଗ ଦ୍ୱାରା ଚଳିତ ମାସ ୨୩ ତାରିଖରୁ ଅଟୋମେଟେଡ୍ ଇନ୍ସପେକ୍ସନ ଆଣ୍ଡ ସାର୍ଟିଫିକେଶନ ସେଣ୍ଟର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିବାବେଳେ କେବଳ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକୁ ଅପେକ୍ଷା ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ରାଜ୍ୟରେ ଏନେଇ ଗୋଟିଏ ଲେଖାଏ ବ୍ୟବସ୍ଥା କରାଯାଇଥିବା ବେଳେ ଓଡ଼ିଶାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହା କଟକରୁ ଆରମ୍ଭ ହେବ। ଗାଡ଼ି, ମୋଟରର ଫିଟ୍‌ନେସ୍ ପରୀକ୍ଷାରେ ସ୍ୱଚ୍ଛତା ରକ୍ଷାକରି ଦୁର୍ଘଟଣାକୁ ଏଡ଼ାଯିବା ସହିତ ଦୁର୍ନୀତି ରୋକିବାକୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

କଟକ ନରାଜଠାରେ ଅଟୋମେଟେଡ୍ ଇନ୍ସପେକ୍ସନ ଆଣ୍ଡ ସାର୍ଟିଫିକେଶନ ସେଣ୍ଟର ନିର୍ମାଣ କରାଯାଇଛି। ଏହି ସେଣ୍ଟର ଦ୍ୱାରା ଗାଡ଼ି ମୋଟର ଫିଟ୍‌ନେସ୍ ପରୀକ୍ଷା ଏଣିକି କରାଯିବ। ପୂର୍ବଭଳି ଏମ୍‌ଭିଆଇମାନେ ଯେପରି ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା କରୁଥିଲେ ସେପରି ଆଉ ହେବ ନାହିଁ। ଏମ୍‌ଭିଆଇ ଗାଡ଼ି ମୋଟରର ଫିଟ୍‌ନେସ୍ ପରୀକ୍ଷା କରିବା ବେଳେ ସବୁ ଠିକ୍‌ରେ ନିରୀକ୍ଷଣ କରିବା ସମ୍ଭବ ହେଉ ନ ଥିଲା। ହେଲେ ଏହି ସେଣ୍ଟରରେ ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ହେବା ଦ୍ୱାରା ୨୩ଟି ପାରାମିଟର ଠିକ୍‌ରେ ପାଳନ କରାଯାଇପାରିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଯେପରି ଗାଡ଼ିର ହେଡ୍‌ଲାଇଟ୍ ଠିକ୍ କାମ କରୁଛି ନା ନାହିଁ, ଉଭୟ ଶବ୍ଦ ଓ ସାଉଣ୍ଡ ପରୀକ୍ଷା, ସ୍ପିଡୋମିଟର, ଷ୍ଟିୟରିଂ ଆଦି ବିଭିନ୍ନ ପରୀକ୍ଷା ମାନୁଆଲି କରାଯିବ। ଏହି ସେଣ୍ଟର ନରାଜରେ ନିର୍ମାଣ କରାଯାଇଥିବା ବେଳେ ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଏକର ଜମି ଏବଂ ଭିତ୍ତିଭୂମି ନିର୍ମାଣ ଲାଗି ଅର୍ଥ ଖର୍ଚ୍ଚ କରାଯାଇଛି। ରୋଜମେଟ୍ରୋ ନାମକ ଏକ ସଂସ୍ଥାକୁ ଏହି ସେଣ୍ଟର ଚଳାଇବା ଦାୟିତ୍ୱ କେନ୍ଦ୍ର ସରକାର ଦେଇଛନ୍ତି। ଇନ୍ସପେକଶନ ଫି ଟଙ୍କାରୁ ଉକ୍ତ କମ୍ପାନୀ ଏହି ସେଣ୍ଟରର ରକ୍ଷଣାବେକ୍ଷଣ କରିବା ସାଙ୍ଗକୁ ସେଠାରେ କାମ କରିବା କର୍ମଚାରୀଙ୍କୁ ଦରମା ପ୍ରଦାନ କରିବ। ଜଣେ ଏମ୍‌ଭିଆଇ ଏହାର ଦାୟିତ୍ୱରେ ରହିବେ। ଉକ୍ତ ସେଣ୍ଟରର ମେଶିନ ଠିକ୍ କାମ କରୁଛି ନା ନାହିଁ ଏମ୍‌ଭିଆଇ ଜଣକ ନଜର ରଖିବେ। ଅନ୍‌ଲାଇନ ଜରିଆରେ ଉକ୍ତ ସେଣ୍ଟରରୁ ଫିଟ୍‌ନେସ ସାର୍ଟିଫିକେଟ ପାଇଯିବେ ଗାଡ଼ି ମାଲିକ। କେନ୍ଦ୍ର ସରକାର ଏଥିଲାଗି ୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଆଗାମୀ ଦିନରେ ରାଜ୍ୟ ସରକାର ବ୍ରହ୍ମପୁର, ରାଉରକେଲା, କେନ୍ଦୁଝର, ଭୁବନେଶ୍ୱର ଏବଂ ଅନୁଗୋଳରେ ଏହି ସେଣ୍ଟର ଖୋଲିବାକୁ ଯୋଜନା ରଖିଛନ୍ତି। ମାତ୍ର ଏହି ସେଣ୍ଟର ଖୋଲିବା ଲାଗି କେନ୍ଦ୍ର ସରକାର ଆଉ ଅର୍ଥ ପ୍ରଦାନ କରିବେ ନାହିଁ ବୋଲି ଜଣାପଡ଼ିଛି। ଭବିଷ୍ୟତରେ ଏହି ସେଣ୍ଟର ଯେଉଁଠି ଖୋଲିବ ସେଥିଲାଗି ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ନରାଜଠାରେ ଆରମ୍ଭ ହେବାକୁ ଥିବା ସେଣ୍ଟର ଠିକ୍‌ରେ କାମ କରୁଥିବା ନେଇ ମଧ୍ୟ ପରୀକ୍ଷା ସରିଛି। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଥିବାବେଳେ ପ୍ରଥମେ ଏନେଇ ଆସନ୍ତା ୧୮ ତାରିଖ ରଖାଯାଇଥିଲା। ହେଲେ ସୋମବାର ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ୨୩ ତାରିଖ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଏମ୍‌ଭିଆଇମାନେ ଫିଟ୍‌ନେସ୍ ସାର୍ଟିଫିକେଟ ପ୍ରଦାନ ସମୟରେ ପ୍ରଚୁର ପରିମାଣରେ ଦୁର୍ନୀତି ହେଉଥିବାର ଗନ୍ଧ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାରିଛନ୍ତି।

**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR-4**
**Admission Notice for M.Phil/Ph.D - 2021-22**

No. CPG/Aca-11/03587/2021 Dated: 11.10.2021

Online applications for admission to the **M.Phil/Ph.D Programmes** in different Departments and Nodal Centres of the Utkal University are invited from the interested eligible candidates latest by **30.10.2021**. The date of commencement of registration in the University website is **18.10.2021**. The date of Vive-voce shall be intimated to the shortlisted candidates through University website only. The candidates are advised to remain in touch with the University website after the entrance exam. The eligibility and exemption are as per UGC (Minimum Standards and Procedure for Award of M.Phil/Ph.D Degree) Regulations, 2016, subsequent amendments from time to time. The reservation for different categories shall be allowed as per Govt. of Odisha Rules. Please refer to the University website i.e. **www.utkaluniversity.ac.in** for details regarding eligibility criteria, fees for entrance exam, number of seats available (Discipline wise) and other guidelines.

**Chairman, P.G. Council**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./Academic/640 Dated : 11th Oct 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Aluminium Partition and furniture inside Microbiology Lab in Academic Building, AIIMS, Bhubaneswar.** *(NIT No.: AIIMS/BBSR/Engg./028/2021-22).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar

**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners.1). Mr. Anand Gupta, Vehicle - Tata Safari, Regn. No.- OR02BC 0090, VIN No.- 403093JRZN14533. 2). Mr. Abhilash Nanda, Vehicle - Tata Tigor, Regn. No. - OD08J0404, VIN No.- MAT629301JKA08977. 3). Mr. Akshaya Kumar Mohanty, Vehicle - Tata Tiago, Regn. No.- OD02AP 4218, VIN No.- MAT626283HKJ62637. 4). Mrs. Rupali Sahoo, Vehicle - Polo Allstar Petrol, Regn. No.- OD02AM 0584 VIN No.- MEXD17605HT126114. 5). Mr. Tuna Sahoo, Vehicle - Vento 1.6 CR, Regn. No.- OR02BQ2627, VIN No.-WVWD11608BT053557, 6). Himansu Sekhar Nayak, Vehicle - Jetta TDI, Regn. No.- OR02BB 8650, VIN No.- WVWA091K79A241084, 7). Mr. Vivek Kumar Vehicle Jetta 2.0 Trend, Regn. No.- OR02BQ 0005, VIN No.- WVWK101K6AA554306, 8). Abhijit Das Mohapatra, Vehicle - Vento 1.6 CR, Regn. No.- OD02J 6699, VIN No.- WVWG13609DT074056 are not come to take delivery. The vehicles are ready for Auction Sale to be hold on **Dt. 18.10.2021**. between **10 AM to 4 PM** at **M/S. Bharat Motors Ltd.**, NH-5, Pahal, Bhubaneswar - 752101.

ANNEXURE - I

**MINERAL EXPLORATION CORPORATION LIMITED**
(A GOVERNMENT OF INDIA ENTERPRISE)
AN ISO 9001-2008 CERTIFIED COMPANY
BOLANGIR PROJECT
ADDRESS: H. No. 290/C, Back Side of Irrigation Colony,
P.O.: Rajendra College, Laltikra, Bolangir, Odisha - 767002
Website: www.mecl.co.in, E-mail: pm-bolangir@mecl.gov.in

**NOTICE INVITING TENDER**
Dated: 12.10.2021

Sealed tenders are hereby invited IN TWO PARTS from registered (under Shop and Establishment Act/PWD registration/others Act) licensed manpower supplier firms/labour contractor with Labour Department of any State Government/Central Government for the following:

| Tender No. & Date | Particulars & Approximate Quantity | Tender Fee (Rs.) | EMD (Rs.) |
|---|---|---|---|
| MECL/BP/NIT/C. Labour / 2021-22/01, Dated: 12.10.2021 Opening Date: 02.11.2021 | "Supply of 27 Nos. of Contract workers of different categories (i.e. Skilled, Un-skilled and Watch & Ward-Without Arm) as per requirement for exploration work like drilling, surveying etc. at Bolangir Project of MECL", by complying all statutory requirements under various labour laws, on contract basis. | Rs.930/- | Rs.92,300/- |
| Last date of Sale of Document: 02.11.2021 | | | |

Tender documents can be obtained from the undersigned during office hour on payment of prescribed tender fee, by DD in favour of Mineral Exploration Corporation Limited, payable at Bolangir, Odisha. Sealed tenders, IN TWO PARTS, subscribing tender number & opening date shall be addressed and posted to the undersigned or deposited in the tender box kept in the Office of Project Manager of MECL. Tenders shall be received up to 2.30 P.M. on 02.11.2021 and Part-I tender shall be opened on the same day at 3.00 P.M. on 02.11.2021 in the presence of attending tenderers. Firms registered with MSME /DGS&D/ NSIC/ (for the product for which they are registered) are exempted from payment of EMD and Tender Fee. MECL reserves the right to accept or reject any or all tenders without assigning any reason thereof.

**Project Manager, Bolangir Project**

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-38(06)/SERIFED/2021-22/1339 DT.: 11.10.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the **16 (Sixteen) nos. of work at different places of odisha.** The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in.** during the period **dt. 18.10.2021 to 17.00 hours up to dt. 28.10.2021.** Online bids shall be received till **17.00 hours dt. 28.10.2021** & shall be opened **at 11.30 AM on Dt. 29.10.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼**
**INVITATION OF EXPRESSION OF INTEREST FOR ENGAGEMENT OF STAFF ON OUTSOURCING BASIS THROUGH HRSPA**

**No.4137/DRDA (MGNREGS) Dated the 11th October, 2021**

Sealed tenders are invited from the reputed Human Resource Service Provider Agencies (HRSPA) to provide service of 02 number of MGNREGS Assistants in DRDA, Sundargarh, 34 number of MGNREGS Assistants @ 02 Nos. per Block in 17 Blocks and 17 number of Additional Computer Programmers @01 No. per Block under MGNREGS. The detail information about the tender along with documents required is available in Sundargarh District Official website 'www.sundargarh.nic.in' w.e.f. dt.11.10.2021 (05.00 P.M.) to 27.10.2021 (05.00 P.M.). The interested bidders must ensure that their bids are reached to District Rural Development Agency, Sundargarh latest by 27.10.2021 (05.00 P.M.) through Speed Post/ Registered Post only inthe address of Project Director, District Rural Development Agency, Sundargarh, At/ P.O./ Dist.- Sundargarh, PIN- 770001.The documents to be submitted in other means and received beyond the date line & time shall not be considered for opening inthe competition.

**Sd./- Collector, Sundargarh**

**OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), ANGUL**

No. 11484 Dt.11th Oct. 2021

**TENDER CALL NOTICE**

Sealed tenders in prescribed forms are invited from the intending registered firms/ authorized licensing transporting contractors/agents for undertaking the work of transportation of MDM food stuff quarterly from FSD, FCI/OSCSC, Angul/RRC, Angul/Selected Depot to all school points of Angul district under Mid-day-meal Programme for the year 2021-22 (Nov. 21 to Oct. 22). The tender paper/terms and condition can be obtained from the Office of the District Project Management Unit (MDM), Angul, O/o. the District Education Officer, Angul and also available at District website **(www.angul.nic.in)** from **11.10.2021 to 05.11.2021** on any working day during office hour on payment of 15,000/- (Rupees fifteen thousand) only in shape of Demand Draft (Non-refundable) in favour of DEO-cum-DNO (MDM), and ADEO, Angul payable at Angul. In case of submission of downloaded tender paper, it must accompany the Demand Draft amounting Rs.15,000/- as mentioned above, failing which the tender application will be rejected. The tender shall be received by the District Education Officer, Angul during the office hour from 11.10.2021 to 04.11.2021 through **Registered Post/Speed Post** only and will be opened on **05.11.2021 at 04.00 P.M.** in the Office Chamber of Collector, Angul in presence of the members of the tender committee and the tenderers or their authorized representatives. There shall be two stages of bidding - Technical and Financial. The interested bidders must submit the Technical bid in a envelope superscribed as **"Technical Bid for Tender of Transportation of Mid Day Meal Food stuff in Angul district for 2021-22"**. The Financial Bid must be submitted in a separate envelope superscribed as **"Financial Bid for tender of transportation of Mid Day Meal Food Stuff in Angul district for 2021-22"**. Both these envelopes must then be placed in a third envelopes superscribed as **"Tender of Transportation of Mid Day Meal Food stuff in Angul district for 2021-22"**. The tenders received beyond the scheduled date and time shall be rejected. The undersigned reserves the right to reject/cancel/withdraw any or all the tenders withut assigning any reason thereof and shall bear no responsibility what so ever consequent upon such decisions.

**Sd./- Collector-cum-Chairman (MDM), Angul**

> ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। – ଶ୍ରୀଅରବିନ୍ଦ



# ନୋବେଲ ଓ ସାମ୍ବାଦିକତା

ନିକଟରେ ଦୁଇ ଜଣ ସାମ୍ବାଦିକ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ହୋଇଥିବାରୁ ପୃଥିବୀବ୍ୟାପୀ ବାକ୍‌ସ୍ୱାଧୀନତା ସମ୍ପର୍କରେ ସଚେତନତା ବୃଦ୍ଧି ପାଇଛି। ଫିଲିପାଇନ୍ସର ମହିଳା ସାମ୍ବାଦିକ ମାରିଆ ରେସା ଓ ରୁଷିଆର ଡିମିତ୍ରି ମୁରାଟୋଭ୍ ଯୁଗ୍ମ ବିଜେତା ହୋଇଛନ୍ତି ବୋଲି ନରୱେ ରାଜଧାନୀ ଓସ୍‌ଲୋସ୍ଥିତ ନୋବେଲ୍ ଶାନ୍ତି ପୁରସ୍କାର କମିଟି ଘୋଷଣା କରିଛି। ପୂର୍ବରୁ ଏହି ଶାନ୍ତି ପୁରସ୍କାର କେବଳ ଜଣେ ମାତ୍ର ସାମ୍ବାଦିକଙ୍କୁ ଦିଆଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧର ଶେଷ ପରେ ପରାଜିତ ଜର୍ମାନୀ ପୁନର୍ବାର ନିଜ ସାମରିକ ଶକ୍ତି ବୃଦ୍ଧି ପାଇଁ ଗୋପନୀୟ ଅସ୍ତ୍ରଶସ୍ତ୍ର ନିର୍ମାଣ ଆରମ୍ଭ କରିଥିଲା। ସେହି ସମୟରେ ଜର୍ମାନୀର ନେତୃତ୍ୱ ନେଉଥିଲେ ଆଡଲ୍ଫ ହିଟ୍‌ଲର। ଗୁପ୍ତ ଅସ୍ତ୍ରଶସ୍ତ୍ର ନିର୍ମାଣ ସମ୍ପର୍କରେ, ୧୯୩୫ରେ, କାର୍ଲ ଫନ୍ ଓସିଟ୍‌ସ୍କି ପ୍ରଥମେ ଏହି ଖବର ପ୍ରକାଶ କରିଥିଲେ। ନିର୍ଭୀକତାର ସହ ତାଙ୍କର ଏହି ସତ୍ୟ ଖବର ପାଇଁ ସେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ।

ମାରିଆ ଫିଲିପାଇନ୍ସରେ ବୃଦ୍ଧି ପାଉଥିବା ଏକଚ୍ଛତ୍ରବାଦ, ଦୁର୍ନୀତି, ହିଂସାତ୍ମକ କାର୍ଯ୍ୟକୁ ପଦାରେ ପକାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଡିଜିଟାଲ ମିଡିଆ ‘ରାପ୍‌ଲର’ ମାଧ୍ୟମରେ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ମନମୁଖି କାର୍ଯ୍ୟକୁ ସେ ତାଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛନ୍ତି। ସେହିପରି ଡିମିତ୍ରି ରୁଷିଆ ଶାସକଙ୍କ ଦୁର୍ନୀତି ଓ କ୍ଷମତା ଅପବ୍ୟବହାର ସଂକ୍ରାନ୍ତୀୟ ତଥ୍ୟଭିତ୍ତିକ ଓ ନିରପେକ୍ଷ ରିପୋର୍ଟ ତାଙ୍କ ଖବରକାଗଜ ‘ନୋଭାୟା ଗାଜେଟା’ରେ କ୍ରମାଗତ ପ୍ରକାଶ କରିଚାଲିଛନ୍ତି। କୌଣସି ବିଷୟରେ ସେ ଓ ତାଙ୍କ କର୍ମଚାରୀ ସାଲିସ କରି ନ ଥିବାରୁ ତାଙ୍କର ୬ ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି। ଜୀବନ ପ୍ରତି ଭ୍ରୂକ୍ଷେପ ନ କରି ସେ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ଯେଉଁଭଳି ରିପୋର୍ଟ ପ୍ରକାଶ କରିଛନ୍ତି, ତାହା ଏହି ବୃତ୍ତିରେ ଥିବା ସାମ୍ବାଦିକଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ଡିମିତ୍ରି ନୋବେଲ ଶାନ୍ତି ପୁରସ୍କାରକୁ ତାଙ୍କ ଖବରକାଗଜ ଲାଗି ସତ୍ୟ ଖବର ପରିବେଷଣ କରି ହତ୍ୟାର ଶିକାର ହୋଇଥିବା ସହଯୋଗୀଙ୍କୁ ଉତ୍ସର୍ଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଡିମିତ୍ରିଙ୍କ ପୂର୍ବରୁ ସୋଭିଏତ୍ ୟୁନିୟନ୍‌ର ଶେଷ ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ୍ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ। ଗୋର୍ବାଚେଭ୍ ତାଙ୍କ ନୋବେଲ ରାଶିର କିଛି ଅଂଶ ଡିମିତ୍ରିଙ୍କୁ ଖବରକାଗଜ ପ୍ରକାଶ କରିବା ଲାଗି ପ୍ରଦାନ କରିଥିଲେ।

ନରୱେସ୍ଥିତ ନୋବେଲ କମିଟି ମାରିଆ ଓ ଡିମିତ୍ରିଙ୍କ ନାମ ଶାନ୍ତି ପୁରସ୍କାର ପାଇଁ ଘୋଷଣା କରିବା ପରେ ଚଳିତ ଥର କୌଣସି ବିବାଦ ଦେଖାଦେଇ ନାହିଁ। ସାଧାରଣତଃ ଏହି ବର୍ଗରେ ଯେଉଁମାନଙ୍କ ନାମ ଘୋଷଣା ହୋଇଥାଏ ତାହାକୁ ନେଇ ଆଲୋଚନା ଓ ସମାଲୋଚନା ଜାରି ରହିଥାଏ। ଯେହେତୁ ଏଥର ଦୁଇ ଜଣ ସାମ୍ବାଦିକ ବାକ୍ ସ୍ୱାଧୀନତା ବଜାୟ ରଖିବା ଦିଗରେ ଅଭୂତପୂର୍ବ ସାହସ ପ୍ରଦର୍ଶନ କରିଛନ୍ତି, ସେହେତୁ କେହି ସେମାନଙ୍କ କାର୍ଯ୍ୟଶୈଳୀ ପ୍ରତି ଆକ୍ଷେପ କରିନାହାନ୍ତି। ବାକ୍ ସ୍ୱାଧୀନତା କେବଳ ଯେ ଗଣତନ୍ତ୍ର ପାଇଁ ପ୍ରମୁଖ ଉପାଦାନ ତାହା ନୁହେଁ, ଏକ ସହନଶୀଳ ସମାଜ ସହିତ ଏହା ଓତପ୍ରୋତ ଭାବେ ଜଡ଼ିତ। ସେହି ଦୃଷ୍ଟିରୁ ନୋବେଲ କମିଟି ଅଧ୍ୟକ୍ଷ ବେରିଟ୍ ରେଇସ୍–ଆଣ୍ଡରସେନ୍ ଶାନ୍ତି ପୁରସ୍କାର ଘୋଷଣା କରିବା ଅବସରରେ କହିଥିଲେ ଯେ, ଏହି ଦୁଇ ସାମ୍ବାଦିକ ବିଶ୍ୱରେ ଗଣମାଧ୍ୟମର ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ପ୍ରତିନିଧିତ୍ୱ କରୁଛନ୍ତି।

ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ଦିଗରେ ବିଶ୍ୱବ୍ୟାପୀ ବିବେକବାନ୍ ସାମ୍ବାଦିକ ଓ ସାମାଜିକ କର୍ମୀ କାର୍ଯ୍ୟ କରିଆସୁଛନ୍ତି। ଏଥିପାଇଁ ଅନେକଙ୍କୁ ଜୀବନ ଦେବାକୁ ପଡ଼ିଛି ଏବଂ ଆହୁରି କେତେକେ କାରାଦଣ୍ଡ ଭୋଗିଚାଲିଛନ୍ତି। ସାଉଦି ସାମ୍ବାଦିକ ଜମଲ ଖାସୋଗିଙ୍କ ଜଘନ୍ୟ ହତ୍ୟା ଚଳିତ ସମୟର ଅନ୍ୟତମ ବଡ଼ ଦୃଷ୍ଟାନ୍ତ। ଏଠାରେ ୨୦୨୧ରେ ଘଟିଥିବା ବେଲାରୁଷ୍ ସାମ୍ବାଦିକ ରୋମାନ୍ ପ୍ରୋତାସ୍ୟୁଇଚ୍‌ଙ୍କ ଘଟଣା ମନେପଡ଼େ। ଗ୍ରୀସ୍‌ରୁ ଲିଥୁଆନିଆ ଯାଉଥିବା ବେଳେ ବେଲାରୁଷ୍‌ର ବାୟୁସେନା ତାଙ୍କର ଯାତ୍ରୀବାହୀ ଉଡ଼ାଜାହାଜକୁ ଅବତରଣ କରାଇ ରୋମାନ୍‌ଙ୍କୁ ଗିରଫ କରିଥିଲା। ତାଙ୍କର ଦୋଷ ହେଲା ତାଙ୍କ ଦେଶର ସରକାରଙ୍କ କୁକର୍ମ ବିରୋଧରେ ସୋସିଆଲ୍ ମିଡିଆରେ ମତବ୍ୟକ୍ତ କରିବା। ସମ୍ଭବତଃ ଇତିମଧ୍ୟରେ ରୋମାନ୍‌ଙ୍କୁ ଫାଶୀ ମଧ୍ୟ ଦିଆଯାଇଥାଇପାରେ। ସେହିପରି ଆଫଗାନିସ୍ତାନରେ ତାଲିବାନ୍ ଶାସନ ସମୟ ହେଉ ବା ବିଶ୍ୱର ଯେଉଁଠାରେ ଏକଚ୍ଛତ୍ରବାଦକୁ ପ୍ରୋତ୍ସାହନ ଦିଆଚାଲିଛି ସେସବୁ ବିଷୟରେ ସତ୍ୟ ତଥ୍ୟ ପ୍ରକାଶ କରିଥିବା ଅନେକ ସାମ୍ବାଦିକଙ୍କୁ ହତ୍ୟା କରାଯାଉଛି। ଏହି ତାଲିକାରୁ ଭାରତ ବାଦ୍ ପଡୁନାହିଁ। ଆମ ଦେଶର ଉଦାହରଣ ଖୋଜିଲେ ଯାହାକୁ ଯେତେ। ଦୀର୍ଘ ଏକ ବର୍ଷ ଧରି ଉତ୍ତର ପ୍ରଦେଶରେ କାରାଦଣ୍ଡ ଭୋଗୁଥିବା ସିଦ୍ଦିକ୍ କାପାନଙ୍କଠାରୁ ଆରମ୍ଭ କଲେ ସବୁଠାରୁ ନିକଟ ଅତୀତର ଉଦାହରଣ ହେଉଛି ଲଖିମ୍‌ପୁର ଖେରିରେ କାର୍ଯ୍ୟରତ ସାମ୍ବାଦିକ ରମଣ କାଶ୍ୟପଙ୍କୁ ହତ୍ୟା କରାଯିବା। ଗତ କିଛିବର୍ଷ ଧରି ଭାରତୀୟ ଗଣମାଧ୍ୟମରେ ଏକ ବିରାଟକାୟ ବିଭେଦ ସ୍ପଷ୍ଟ ଜଣାପଡୁଛି। ଗୋଟିଏପଟେ ସରକାରୀ ଗୋଡ଼ାଣିଆ ‘ଗୋଦି’ ବା କୋଳରେ ବସିଥିବା ଗଣମାଧ୍ୟମ ଥିବାବେଳେ ଅନ୍ୟପଟେ ଅଳ୍ପସଂଖ୍ୟକ ସଚ୍ଚୋଟ ଏବଂ ନିର୍ଭୀକ ମିଡିଆ ଦିଶିଯାଉଛନ୍ତି।

ଦୁଇ ସାମ୍ବାଦିକ ନୋବେଲ ଶାନ୍ତି ପୁରସ୍କାର ବିଜେତା ହେବା କ୍ଷମତାର ଅପବ୍ୟବହାର କରୁଥିବା ଶାସକ ବା ବ୍ୟକ୍ତିଙ୍କ ବିରୋଧରେ ଯେଉଁମାନେ ନିର୍ଭୟରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କୁ ନୈତିକ ସମର୍ଥନ ଦେବ। ନୋବେଲ କମିଟି ଅଧ୍ୟକ୍ଷ ଆଣ୍ଡରସେନ୍ କହିଛନ୍ତି ସାମ୍ବାଦିକଙ୍କୁ ଶାନ୍ତି ସକାଶେ ନୋବେଲ ପୁରସ୍କାର ଦେବା ପଛରେ ଏକ ଉଦ୍ଦେଶ୍ୟ ରହିଛି। ଉନ୍ନତ ପ୍ରଯୁକ୍ତି ଯୋଗୁ ଖବର ସଂଗ୍ରହ ଓ ପରିବେଷଣ ସହଜ ହୋଇପାରିଛି। ଅନେକାଂଶରେ ମିଥ୍ୟା ଖବରର ବହୁଳ ପ୍ରସାର କରାଯାଉଛି। ଏକ ସତ୍ୟସନ୍ଧ ସାମ୍ବାଦିକତାର ଗୁରୁତ୍ୱ ସୂଚାଇବା ଲକ୍ଷ୍ୟରେ ମାରିଆ ଓ ଡିମିତ୍ରିଙ୍କୁ ନୋବେଲ ଶାନ୍ତି ଦିଆଯିବାର ପ୍ରୟାସ କରାଯାଇଛି ବୋଲି ଆଣ୍ଡରସେନ୍ କହିଛନ୍ତି। ବାସ୍ତବରେ ଗଣମାଧ୍ୟମର ସ୍ୱରୂପ ଅନେକ ସ୍ଥାନରେ ବଦଳି ଯାଉଥିବାରୁ ମାରିଆ ଓ ଡିମିତ୍ରି ଅନ୍ୟ ସାମ୍ବାଦିକଙ୍କ ପାଇଁ ଉଦାହରଣ ହୋଇଯାଇଛନ୍ତି।

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 3 | | 6 | 2 | |
| | | 3 | | 4 | | | 8 | |
| | 4 | 8 | | | 6 | | 3 | |
| | | 9 | | | | 5 | 7 | |
| | | | 7 | 9 | | 2 | | |
| | | 2 | | | 4 | | | |
| | | 4 | | 8 | | | | |
| 7 | 6 | | | | | | | |
| | | | | 2 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 8 | 1 | 9 | 4 | 5 | 6 |
| 5 | 8 | 6 | 3 | 4 | 2 | 1 | 9 | 7 |
| 1 | 4 | 9 | 5 | 6 | 7 | 8 | 3 | 2 |
| 9 | 6 | 1 | 4 | 7 | 3 | 5 | 2 | 8 |
| 8 | 5 | 2 | 6 | 9 | 1 | 7 | 4 | 3 |
| 7 | 3 | 4 | 2 | 8 | 5 | 9 | 6 | 1 |
| 3 | 2 | 7 | 9 | 5 | 8 | 6 | 1 | 4 |
| 4 | 1 | 5 | 7 | 3 | 6 | 2 | 8 | 9 |
| 6 | 9 | 8 | 1 | 2 | 4 | 3 | 7 | 5 |

ଗତକାଲିର ଉତ୍ତର

# ଚକା ତଳେ ଚାଷୀ



ବିଚିତ୍ର ବିଶ୍ୱାଳ

ଏଇ କିଛି ଦିନ ତଳେ ଲଖିମ୍‌ପୁର ଖେରିରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭରତ କୃଷକମାନଙ୍କ ଉପରେ ଯେପରି ଭାବେ ଗାଡ଼ି ଚଢ଼େଇ ହତ୍ୟା କରାଗଲା ତାହା ନିନ୍ଦନୀୟ। ଘଟଣାର ଚାରିଦିନ ଯାଏ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରା ଖୋଲାରେ ବୁଲିଲେ ବି ଗିରଫ କରାଯାଇପାରିଲା ନାହିଁ। ଶେଷରେ ବହୁ ତୁମ୍ବିତୋଫାନ ହୋଇ ତାଙ୍କୁ ୬ ଦିନ ପରେ ଗିରଫ କରାଗଲା। ଓଲଟି ଘଟଣାର ୪ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ଭେଟିବାକୁ ଯାଉଥିବା ନେତାମାନଙ୍କୁ ଗିରଫ କରାଗଲା ଏବଂ ଏ ସମସ୍ତ ଘଟଣାକୁ ଗଣମାଧ୍ୟମ କମ୍ ଗୁରୁତ୍ୱ ଦେଇ ମୁମ୍ବାଇର ରେଭ୍ ପାର୍ଟିରେ ଗିରଫ ହୋଇଥିବା ସେଲିବ୍ରିଟିଙ୍କ ପୁଅର ଖବରକୁ ବଢ଼େଇ ଚଢ଼େଇ ପ୍ରଚାର କଲା, ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଶାସନତନ୍ତ୍ରଠାରୁ ଆରମ୍ଭ କରି ଗଣମାଧ୍ୟମଯାଏ ସମସ୍ତେ ଚାଷୀଙ୍କ ବିରୋଧରେ। ଲଖିମ୍‌ପୁର ଖେରିରେ ଯାହା ଘଟିଲା, ତାହା କୌଣସି ଗୁଣରେ ଗଣହତ୍ୟାଠାରୁ କମ୍ ନୁହେଁ। ଏହି ଘଟଣାରେ ଯଦି ଆମ ସାମୂହିକ ବିବେକ ବିଚଳିତ ହେଉନାହିଁ, ତେବେ ବୁଝିଯିବାକୁ ହେବ ଯେ ଆମ ସାମୂହିକ ବିବେକ ଉପରେ ପଥର ଲଦି ହୋଇଯାଇଛି। ଦଳ ପ୍ରେମ ବା ସରକାର ବନ୍ଦନାରେ ମଗ୍ନ ନ ରହି ଦେଶର ଜଣେ ସଚ୍ଚା ନାଗରିକ ଭାବେ ଏହି ଘଟଣାକୁ ନିନ୍ଦା କରାଯିବା ଦରକାର। ନହେଲେ ସବୁଦିନ ପାଇଁ ଚାଷୀଙ୍କ ଭାଗ୍ୟ ନେତାଙ୍କ ଗାଡ଼ିର ଚକା ତଳେ ପେଷି ହୋଇଯିବ ଓ ଆମେ ନୀରବଦ୍ରଷ୍ଟା ସାଜିଥିବା।

୩ ଅକ୍ଟୋବରରେ ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିଠାରେ ବିକ୍ଷୋଭ ପ୍ରଦର୍ଶନ କରିସାରି ଶାନ୍ତିପୂର୍ଣ୍ଣ ଭାବେ ଚାଲି ଚାଲି ଫେରୁଥିବା ଚାଷୀମାନଙ୍କ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏକ ଗାଡ଼ି ପଛଆଡୁ ମାଡ଼ିଯିବାରୁ ଚାରି ଜଣ ଚାଷୀଙ୍କ ସମେତ ମୋଟ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଅଭିଯୋଗ ଯେ, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଗାଡ଼ି ଚଲାଉଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ପୁଅଙ୍କ ନାମରେ ଦଫା ୩୦୨ରେ ହତ୍ୟା ଅଭିଯୋଗ ବି ହୋଇଛି। କିନ୍ତୁ ଦେଖାଗଲା ଯେ, ଅଭିଯୁକ୍ତଙ୍କୁ ଗିରଫ କରାଯିବାରେ ବିଳମ୍ବ ହେଲା। ଚାଷୀମାନେ ମୃତକମାନଙ୍କ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସତ୍ତ୍ୱେ ବି ଉତ୍ତରପ୍ରଦେଶ ପ୍ରଶାସନ ଅଭିଯୁକ୍ତଙ୍କ ପ୍ରତି ପ୍ରଥମରୁ କୋହଳ ମନୋଭାବ ପ୍ରଦର୍ଶନ କରିଚାଲିଲା। ଓଲଟି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମୃତକଙ୍କ ପରିବାରକୁ ଭେଟିବାକୁ ଲଖିମ୍‌ପୁର ଖେରି ଯାଉଥିବା ସମୟରେ ଉତ୍ତରପ୍ରଦେଶ ପୋଲିସ୍ ତାଙ୍କୁ ଗିରଫ କଲା। ରାଜ୍ୟ ସଭା ସଦସ୍ୟ ଦୀପେନ୍ଦର ହୁଡାଙ୍କୁ ବି ଅଟକ ରଖାଗଲା। ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତରପ୍ରଦେଶରେ ପଶିବାକୁ ସୁଯୋଗ ଦିଆଗଲା ନାହିଁ। ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କୁ ଲକ୍ଷ୍ନୌ ବିମାନ ବନ୍ଦରଠାରେ ଅଟକ ରଖାଯିବାରୁ ସେ ସେହିଠାରେ ଧାରଣାରେ ବସିଲେ। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ୍ ଯାଦବଙ୍କୁ ତାଙ୍କ ଘରେ ବନ୍ଦୀ କରି ରଖାଗଲା। ମୋଟାମୋଟି ଭାବେ କହିବାକୁ ଗଲେ, ଏପରି ଏକ ଜଘନ୍ୟ ଘଟଣା ଘଟିବା ପରେ କୌଣସି ବିରୋଧୀ ଦଳର ନେତାଙ୍କୁ ଉତ୍ତରପ୍ରଦେଶରେ ପଶିବାକୁ ଦିଆଗଲା ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି, ଉତ୍ତରପ୍ରଦେଶ ପୋଲିସ୍ ପ୍ରଥମେ ବିରୋଧୀ ଦଳ ନେତାମାନଙ୍କୁ ଗିରଫ କରିବା କଥା ନା ଏପରି ଜଘନ୍ୟ କାଣ୍ଡ ଘଟେଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବା କଥା! ଅଭିଯୁକ୍ତ ଆଶିଷ ମିଶ୍ରା ବାହାରେ ବୁଲୁଥିଲା ବେଳେ ଦୁର୍ଭାଗ୍ୟଜନକ ଭାବେ ଚାଷୀଙ୍କୁ ସମର୍ଥନ କରିବାକୁ ଯାଉଥିବା ନେତାମାନଙ୍କୁ ଗିରଫ କରାଗଲା। ଏହା କ’ଣ ଆମ ନୂଆ ଭାରତର ଓ ବିକଶିତ ଉତ୍ତରପ୍ରଦେଶ ଗଣତନ୍ତ୍ରର ନୂଆ ନମୁନା।

ଯେଉଁ ସମୟରେ ଚାଷୀ ଆନ୍ଦୋଳନ ଉପରେ ଏପରି ବର୍ବରୋଚିତ ଆକ୍ରମଣ ହେଲା, ଠିକ୍ ସେହି ସମୟରେ ସୁପ୍ରିମ୍‌କୋର୍ଟ ରାୟ ଶୁଣାଇଲେ ଯେ, ଚାଷୀ ଆନ୍ଦୋଳନ ବେଆଇନ। ଏହା କ’ଣ କେବଳ ଏକ ସଂଯୋଗ ନା କେନ୍ଦ୍ର ସରକାରଙ୍କର ସୁପର ମ୍ୟାନେଜ୍‌ମେଣ୍ଟର ଆଉ ଏକ ନମୁନା! ଶାସନତନ୍ତ୍ର ଉପରୁ ଭରସା ତୁଟାଇ ସାରିଥିବା ଚାଷୀକୁଳ ତେବେ କ’ଣ ନ୍ୟାୟାଳୟ ଉପରୁ ବି ମୁହଁ ଫେରାଇବାକୁ ବାଧ୍ୟ ହେବେ? ଏବେ ଚାଷୀଙ୍କ ପାଇଁ କ’ଣ ରାଜରାସ୍ତା ହିଁ ଏକମାତ୍ର ଭରସା? ରାଜରାସ୍ତାରେ ଚାଷୀମାନଙ୍କ ଉପରେ ଗାଡ଼ି ଚଢ଼େଇ ହତ୍ୟା କରାଯାଉଛି। ରାସ୍ତା ଉପରେ କଣ୍ଟା ପୋତାଯାଇ ଚାଷୀଙ୍କ ବାଟ ବନ୍ଦ କରାଯାଉଛି। ଚାଷୀମାନଙ୍କୁ ଖଲିସ୍ତାନୀ ଆତଙ୍କବାଦୀ କୁହାଯାଉଛି। ତେବେ ନିଜର ପ୍ରତିବାଦ ଜଣେଇବାକୁ ଚାଷୀଙ୍କ ପାଖରେ ଆଉ ରାସ୍ତା କ’ଣ ବଞ୍ଚିଲା? ଏହାଦ୍ୱାରା ସରକାର ପରୋକ୍ଷରେ ଚେତାବନୀ ଦେଉଛନ୍ତି ଯେ, ମର ପଡ଼ ପଛେ; କିନ୍ତୁ ଆମ କଥା ମାନିନିଅ। ଠିକ୍ ଏମିତି ତ ବ୍ରିଟିଶ୍‌ମାନେ ପରାଧୀନ ଭାରତରେ କହୁଥିଲେ।

ଏପରି ବର୍ବରୋଚିତ କାଣ୍ଡ ପରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା କହିଲେ, ଚାଷୀମାନେ ନିଜେ ହିଂସା କରିବାରୁ କିଛି ଚାଷୀ ମୃତ୍ୟୁବରଣ କରିଛନ୍ତି। ବହୁ ଗଣମାଧ୍ୟମ ମନ୍ତ୍ରୀଙ୍କ କଥାକୁ ପ୍ରଚାର କଲେ ଯେ, ଚାଷୀମାନେ ହିଂସ୍ର ହୋଇ ଉଠିବାରୁ ଏପରି ଘଟଣା ଘଟିଗଲା। କୌଣସି ଆଗ ଧାଡ଼ିର ଗଣମାଧ୍ୟମଗୁଡ଼ିକ ଚାଷୀମାନଙ୍କ ଉପରେ ହୋଇଥିବା ସଂହାରଲୀଳାକୁ ପ୍ରଚାର ନ କରେଇ ଓଲଟି ଚାଷୀମାନଙ୍କ ଉପରେ ଦୋଷ ଲଦି ଚାଲିଲେ। କିନ୍ତୁ ଭାଗ୍ୟ ଭଲ, ସାମାଜିକ ଗଣମାଧ୍ୟମ ଯୋଗୁ ଚାଷୀମାନଙ୍କ ଉପରେ ଗାଡ଼ି ଚଢ଼ା ହୋଇଥିବାର ଭିଡିଓ ସାମ୍ନାକୁ ଆସିଲା। ଯେଉଁଥିରେ ସ୍ପଷ୍ଟ ଦେଖାଯାଉଛି ଯେ, ଶାନ୍ତିପୂର୍ଣ୍ଣ ଭାବେ ଚାଷୀମାନେ ଚାଲୁଥିବା ବେଳେ ପଛପଟୁ ଗାଡ଼ି ତାଙ୍କୁ ଚକଟି ଚାଲିଯାଉଛି। ଏତଦ୍‌ବ୍ୟତୀତ ଛାତି ଥରେଇ ଦେଇଥିବା ଏହି ଘଟଣାରେ ଯେତେବେଳେ ସାରା ଦେଶ ସ୍ତବ୍ଧ ଓ ଚାଷୀମାନେ ମୃତକଙ୍କ ଶବ ରଖି ଆନ୍ଦୋଳନ କରୁଛନ୍ତି, ସେତେବେଳେ ଗଣମାଧ୍ୟମ ଆବଶ୍ୟକ ଭୂମିକା ନେବାରେ ପଛରେ ରହିଲା। ସବୁଠାରୁ ଦୁଃଖ, ପରିତାପ ଓ ଦୁର୍ଭାଗ୍ୟର ବିଷୟ ଯେ, ଆମ ପ୍ରଧାନମନ୍ତ୍ରୀ ଚାରିଦିନ ଯାଏ ବି ଘଟଣା ସମ୍ବନ୍ଧରେ ପଦେ କହିଲେ ନାହିଁ କି ଅଭିଯୁକ୍ତ ବ୍ୟକ୍ତିଙ୍କ ବାପା ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରୀ ପଦରୁ ବିତାଡ଼ିତ କଲେ ନାହିଁ। ତା’ହେଲେ କ’ଣ ବୁଝିବାକୁ ହେବ ଯେ, ସମସ୍ତେ ଗୋଟିଏ ପଟେ ଥିବା ବେଳେ ବିଚରା ଚାଷୀମାନେ ଗୋଟିଏ ପଟେ! ତେବେ କ’ଣ ଏହା ଏକ ଉନ୍ମତ୍ତ ଯୁବକର କାଣ୍ଡ ନୁହେଁ, ଖୋଦ୍ ସରକାର ବି ଚାଷୀମାନଙ୍କୁ ଏମିତି ସାବାଡ଼୍ କରିବାକୁ ଚାହାନ୍ତି?

ଦୀର୍ଘଦିନ ଧରି ଜାରି ରହିଥିବା ଚାଷୀ ଆନ୍ଦୋଳନକୁ ସରକାର ଭ୍ରୂକ୍ଷେପ ନ କରିବା ଓ ଚାଷୀମାନଙ୍କ ଉପରେ ଗାଡ଼ି ମଡ଼େଇ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ଓ ସମୁଦାୟ ଘଟଣାରେ ପ୍ରଧାନମନ୍ତ୍ରୀ ନୀରବତା ଅବଲମ୍ବନ କରିବା ମାଧ୍ୟମରେ ସରକାର କ’ଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ, ସରକାର ଓ ପ୍ରଧାନମନ୍ତ୍ରୀ ପ୍ରତିବାଦର ଊର୍ଦ୍ଧ୍ୱରେ। ସରକାରଙ୍କୁ କେହି ବିରୋଧ କରିପାରିବେ ନାହିଁ? ଯଦି ଯିଏ ବିରୋଧ କରିବ, ସେମାନଙ୍କୁ ଲଖିମ୍‌ପୁର ଖେରି ପରି ଘଟଣାକୁ ସାମ୍ନା କରିବାକୁ ପଡ଼ିବ। ସରକାର କ’ଣ ତାଙ୍କ ବିରୋଧୀମାନଙ୍କୁ ଡରେଇ ଧମକେଇ ହତ୍ୟା କରି ସାବାଡ଼୍ କରିବାକୁ ଚାହୁଁଛନ୍ତି! ଏହା କ’ଣ ବିଶ୍ୱର ବୃହତ୍ତମ ଗଣତନ୍ତ୍ରର ପରିଚୟ? ଏହା ସ୍ପଷ୍ଟ ଯେ, ଏପରି କାମ ଦ୍ୱାରା ସରକାର ବାର୍ତ୍ତା ଦେବାକୁ ଚାହୁଁଛନ୍ତି, ଲୋକମାନଙ୍କୁ ଡରିବାକୁ ହେବ। ନ ଡରିଲେ ମରିବ। ବଲିଉଡ୍‌ରେ ଗୋଟିଏ ଭୂତ ସିନେମା ଥିଲା ‘ଡର୍‌ନା ମନା ହୈ’। ସରକାରଙ୍କ ଏହି ଚଳଚ୍ଚିତ୍ରର ନାଁ ହେବ ‘ଡର୍‌ନା ଜରୁରୀ ହୈ’।

ଅଭିଯୁକ୍ତ ମନ୍ତ୍ରୀଙ୍କ ପୁଅ କିଛିଦିନ ଖୋଲାରେ ବୁଲିବା ପରେ ତାଙ୍କୁ ବିଳମ୍ବରେ ଗିରଫ କରାଯାଇଛି। ଏଥିରୁ ଗୋଟିଏ କଥା ବୁଝି ହେଉଛି ଯେ, ଆମ ଦେଶର ଚାଷୀମାନଙ୍କ ଭାଗ୍ୟ ବଡ଼ବଡ଼ିଆ ନେତାମାନଙ୍କ ଗାଡ଼ିର ଚକା ତଳେ। କିନ୍ତୁ ଇତିହାସ ବାରମ୍ବାର ପ୍ରମାଣ କରିସାରିଛି ଯେ, କିଛି ଲୋକଙ୍କୁ କିଛି ଦିନ ପାଇଁ ବନ୍ଧୁକ ମୁନରେ ବା ପୋଲିସ ଭୟରେ ବା ଗାଡ଼ିର ଚକା ତଳେ ପେଷି ଦେଇ ହେବ। କିନ୍ତୁ ସବୁ ଲୋକଙ୍କୁ ସବୁ ଦିନ ପାଇଁ ନୁହେଁ। କଥା କଥାରେ ରାମାୟଣର ଉଦାହରଣ ଦେଉଥିବା ସରକାର ବୋଧେ ଭୁଲି ଯାଉଛନ୍ତି ରାମାୟଣରେ ରାବଣର ଅହଂକାର ବି ରହିଲାନି। ଇତିହାସରେ ହିଟ୍‌ଲର୍ ଓ ମୁସୋଲିନୀଙ୍କ ପରି ନିଷ୍ଠୁର ଶାସକଙ୍କ ବଡ଼େଇ ମଧ୍ୟ ନିଶ୍ଚିହ୍ନ ହୋଇଗଲା। ସେହିପରି ସରକାରଙ୍କ ଔଦ୍ଧତ୍ୟ ରହିବନି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରତ ଚାଷୀଙ୍କ ମିଳିତ ଶକ୍ତି ଓ ଶହୀଦ୍ ହୋଇଥିବା ଚାଷୀଙ୍କ ବଳିଦାନ ଶାସନତନ୍ତ୍ରକୁ ଦିନେ ନା ଦିନେ ଉଚିତ ଜବାବ ଦେବ।

ଏବେ ସାଧାରଣ ଲୋକମାନଙ୍କ ପାଇଁ ବି ଘଟଣାକୁ ଗମ୍ଭୀରତାର ସହିତ ବୁଝିବାର ସମୟ ଆସିଯାଇଛି। ଆଜି ଯେତେବେଳେ ଚକା ତଳେ ଚାଷୀମାନେ ମରୁଛନ୍ତି, ଆମେ ଯଦି ଚୁପ୍ ରହିବା ତେବେ ସମୟ ଆସିବ ସେ ଚକା ତଳେ ଆମ ପାଳି ବି ପଡ଼ିବ। ତେଣୁ ଦଳ ମତ ନିର୍ବିଶେଷରେ ସଂପ୍ରତି ଚାଷୀ ତଥା ଅନ୍ନଦାତାଙ୍କ ପଛରେ ଠିଆହେବାର ସମୟ ଆସିଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଅସହାୟ ଜୀବନ



ଡ. ମୌସୁମୀ ପରିଡ଼ା

ମଣିଷ ପୃଥିବୀର ଶ୍ରେଷ୍ଠ ଜୀବ ହୋଇଥିବାରୁ ହିଂସ୍ର ଜୀବଜନ୍ତୁଙ୍କୁ ଆୟତ୍ତ କରିପାରେ। ମୃଣ୍ମୟ ପ୍ରତିମା କରି ଈଶ୍ୱରଙ୍କୁ ଆହ୍ୱାନ କରିପାରେ, ପୁଣି ବିସର୍ଜ ମଧ୍ୟ ଆସିପାରେ ନଦୀନାଳରେ। ନିଜ ସମଧର୍ମୀ ଓ ସହଧର୍ମୀଙ୍କ ପ୍ରତି ବିଦ୍ୱେଷ ରଖେ। ଆତ୍ମୀୟମାନଙ୍କୁ ବିଭିନ୍ନ ଆଶ୍ରମରେ ଛାଡ଼ିଦେଇ ପଶୁଙ୍କୁ ଆଦର ସତ୍କାର ସହିତ ପାଳେ। ବାସ୍ତବରେ ମଣିଷ ନିଜ ସମଧର୍ମୀଙ୍କଠାରୁ ଯାହା ପାଇପାରେ ନାହିଁ ତାହା ପଶୁଙ୍କଠାରୁ ପାଏ ବୋଲି ତର୍କ କରେ। ଏସବୁର କାରଣ ମାନବୀୟ ମୂଲ୍ୟବୋଧର ଅବକ୍ଷୟ। କୋଉଠି ନା କୋଉଠି ଆମେ ଏତେ ପରିମାଣରେ ସ୍ୱାର୍ଥାନ୍ୱେଷୀ ହୋଇଯାଉଛେ ଯେ ଦେଣନେଣ ସମ୍ପର୍କଠାରୁ ଊର୍ଦ୍ଧ୍ୱରେ ଯେ କିଛି ସମ୍ପର୍କ ଥାଏ ତାହା ବୁଝିପାରୁନା। ସବୁ ନୀତିଆଦର୍ଶ କେବଳ ବହିଖାତା ଓ ଭାଷଣବାଜିରେ ରହିଯାଏ। ଅନେକ ସମୟରେ ବିଚାର ଓ କାମ ଭିତରେ କୌଣସି ତାଳମେଳ ରହେନାହିଁ।

ମଣିଷ ଦୁଃସାହସ କରିପାରେ। ଈଶ୍ୱରଙ୍କୁ ସ୍ଥିତି, ଆକାର, ପ୍ରକାରଭେଦ ଭିତରେ ସୀମିତ ରଖି ଷଡ଼ଯନ୍ତ୍ର ରଚେ, ପୁଣି ତାଙ୍କ ସ୍ଥିତିକୁ ନେଇ ପ୍ରଶ୍ନ ଉଠାଏ। ଈଶ୍ୱରଙ୍କୁ ଭିନ୍ନ ଭିନ୍ନ ସଂଜ୍ଞା ଦେଇ ସାରା ବିଶ୍ୱକୁ ବିଭାଜିତ କରିଦିଏ। ବିଭିନ୍ନ ତର୍କ ଅନୁସାରେ ରୂପ ଓ ଆକାର ଦିଏ। ପୂଜାର୍ଚ୍ଚନା ସାରି କବାଟ କିଳିଆସେ। ଈଶ୍ୱର ଅସୁରକ୍ଷିତ ହୋଇ ମଣିଷ ଭୟରେ ମଣିଷ ହାତରେ ବନ୍ଦୀ ହୋଇଯାନ୍ତି! ସେ ବି ମଣିଷ ହାତରେ ଅସହାୟ! ମହାନ୍ ସ୍ରଷ୍ଟାଙ୍କ ସ୍ରଷ୍ଟା ହେବାର ଅହଂକାରରେ ଅନେକ ସମୟରେ ସେ ବିପର୍ଯ୍ୟସ୍ତ ହୁଏ। ନା ସେତେବେଳେ ବିଜ୍ଞାନ କୌଶଳ ତା’ ହାତ ଧରି ତାକୁ ସୁରକ୍ଷା ଦେଇପାରେ ନା ନିଜ ବୁଦ୍ଧି ବିବେକ। ମନେହୁଏ ସତରେ ସେ ବି କେତେ ଅସହାୟ। ନା ସେଠି ଈଶ୍ୱର ତାକୁ ରକ୍ଷା କରନ୍ତି ନା ବିଜ୍ଞାନ–କୌଶଳ। ନିଜକୁ ଶ୍ରେଷ୍ଠ ଜୀବ ମନେକରୁଥିବା ମଣିଷ ଅସହାୟ–ଜର୍ଜରିତ ହୁଏ। ସେ ଅସହାୟତା ତାକୁ କ୍ରୀଡ଼ନକ ବନାଇଦିଏ ନିଜ ସହିତ ଅନ୍ୟମାନଙ୍କ ପାଖରେ। ସମସ୍ୟାଗୁଡ଼ିକ ଛନ୍ଦିହୋଇଯାଆନ୍ତି ତା’ ହାତପାଦରେ, ଶିକୁଳିରେ ବାନ୍ଧି ହୋଇଯାଏ ବୁଦ୍ଧି ବିବେକ।

ସମସ୍ୟାର ହାହାକାର ଓ ଅସହାୟତାର ଡିଣ୍ଡିମ ସବୁଠି। ବ୍ୟାଙ୍କ୍‌ର ଜମାପୁଞ୍ଜିରେ ସୁଧ ହାର ଏତେ କମୁଛି କାହିଁକି ପଚାରିଲେ କର୍ମଚାରୀମାନେ କହିବେ, ଆଜ୍ଞା! ଆମେ ଚାକିରିରେ ଅଛୁ ଯାହା ଉପରୁ ଆଦେଶ ଆସିବ ସେ ଅନୁସାରେ କାମ କରିବାକୁ ବାଧ୍ୟ। ପେଟ୍ରୋଲ୍, ଡିଜେଲ୍‌ର ଦରବୃଦ୍ଧି ବିଭିନ୍ନ ଦେଶରେ ଏତେ ଅଲଗା କିପରି ପଚାରିଲେ ଉତ୍ତର ବି ସେହି ଅସହାୟତାରେ ଆସିବ। ସୁନା, ରୁପା ଆଦି ସୌଖୀନ ବସ୍ତୁର ଦାମ୍ ସହିତ ଦରଦାମ୍ ବୃଦ୍ଧିର କାରଣ ଜାଣିବାକୁ ଦୋକାନୀକୁ ପଚାରିଲେ ସେ ବି ନିଜ ଅସହାୟତାର ପ୍ରମାଣ ଦେବ। ସୁନା ଦୋକାନୀ ତ ଶହେ ଟଙ୍କା କାଟିଲେ ସେ କ୍ଷତିରେ ପଡ଼ିବ ବୋଲି ତର୍କ କରିବ। ବିଜୁଳି ବିଲ୍ ପାଇଁ ମିଟର୍ ରିଡିଂବାଲା ମନଇଚ୍ଛା ସମୟରେ ଆସି ବିଲ୍ ହାତରେ ଧରେଇଦେଇ କହିବ– ଆମର କିଛି ଦୋଷ ନାହିଁ, କମ୍ପାନୀ ଯାହା କରୁଛି! ଇଞ୍ଜିନିୟରଙ୍କ ପାଖେ ଅଭିଯୋଗ ଦେବାକୁ ଗଲେ ସେ ନାହାନ୍ତି ବୋଲି କୁହାଯିବ। ଦେଖାହୋଇଗଲେ ଯେ କୋଉ ସମସ୍ୟାକୁ ବୁଝିପକେଇବେ ତା’ ନୁହେଁ। ସେ ବି ନିଜର ଅସହାୟତା ବଖାଣିବସିବେ ତାଙ୍କ ବିଭାଗର।

ଏମିତିକି ବିଲ ପାଗ ଦେଖି ଧାନ ରୋଇବାକୁ ଚାଷୀଟିଏ ମୁଲିଆକୁ ଖୋଜିଲେ ସେ ବି କହିଦେଉଛି– ଅନ୍ୟଜାଗାରେ କାମ ଅଛି। ଆଜି ନୁହଁ। କେବେକେବେ ଧାନରୁଆର ସମୟ ଗଡ଼ିଯାଉଛି। ଚାଷୀ ଅସହାୟ। ଦାଦନ ଖଟିବାକୁ ଯାଉଥିବା ଯୁବକମାନେ ପର ରାଜ୍ୟମୁହାଁ କାହିଁକି ପଚାରିଲେ କହୁଛନ୍ତି ସେମାନେ ମଧ୍ୟ ଅସହାୟ। ଅଫିସର୍ କହୁଛନ୍ତି ଉପରୁ ଆଦେଶ ଆସିଛି, ଆମ ହାତ ବନ୍ଧା। ପରିବା ଦୋକାନୀ ବି ଦରଦାମ୍ ବୃଦ୍ଧି କରି ଅସହାୟତା ଦର୍ଶେଇ ସଫେଇ ଦେଉଛି ଅମୁକ ଜାଗାରୁ ନିର୍ଦ୍ଦିଷ୍ଟ ପରିବା ଆସୁନି ବୋଲି ଦାମ୍ ବଢୁଛି, ଆମର ଏଥିରେ କିଛି ଭୂମିକା ନାହିଁ? ବିଭିନ୍ନ ଯୋଜନା ତିଆରି ହେଉଛି, କିନ୍ତୁ କର୍ମଚାରୀଙ୍କ ଦରମା ଦେବାବେଳକୁ ବିଭାଗରେ ଅର୍ଥାଭାବଜନିତ ଅସହାୟତା।

ରୋଗ ସଂକ୍ରମିତ ହେବାର କାରଣ ପାଇଁ ବି ଅସହାୟତା! ଯାତ୍ରୀବାହୀ ଯାନଗୁଡ଼ିକରେ କରୋନାବେଳେ ଏତେ ଲୋକଙ୍କୁ କାହିଁକି ନେଉଛ ବୋଲି ପ୍ରଶ୍ନ କଲେ ସେମାନେ ବି ପେଟପାଟଣା ଓ ଶଟ୍‌ଡାଉନ୍‌ର କ୍ଷତିପୂରଣ କଥା କହି ନିଜ ଅସହାୟତା ଦର୍ଶାଇବେ। ଚାକିରିରେ ଥିବା ବ୍ୟକ୍ତିମାନେ କର୍କଟ, ଉଚ୍ଚ ରକ୍ତଚାପ, ମଧୁମେହ, ସ୍ନାୟୁ ବା ଗ୍ୟାସ୍‌ଜନିତ ସମସ୍ୟାରେ ଆକ୍ରାନ୍ତ ହୋଇ ନିର୍ଦ୍ଦିଷ୍ଟ ଦିନର ଛୁଟିଠାରୁ ଅଧିକ ନେଇପାରିବେ ନାହିଁ। ପରପାଖେ ମୁଣ୍ଡ ନୁଆଁଇ ଜୀବନ କାଟିବାକୁ ବାଧ୍ୟ। ତା’ର ଛୁଟି ଅନ୍ୟମାନଙ୍କ ପରି ଚିରାଚରିତ ଶୃଙ୍ଖଳାରେ ହେବାକୁ ବାଧ୍ୟ, ନ ହେଲେ ତା’ ଉପରିସ୍ଥ ଅଫିସର୍ ତା’ ନାଁରେ ଅଭିଯୋଗ ଫର୍ଦ୍ଦ ଯୋଡ଼ି ତା’ର ପ୍ରମୋଶନ୍ ଅଟକେଇ ଦେଇପାରେ। ଚାକିରି ନେଇଯାଇପାରେ। ତେଣୁ ସେ ଅସହାୟ।

ବର୍ଷକ ଭିତରେ ତିଆରି ହୋଇଥିବା ରାସ୍ତାରେ ପୋଖରୀ ପରି ଗାତ ହୋଇ ବାରମ୍ବାର ଦୁର୍ଘଟଣା ଘଟିଲେ କଣ୍ଟ୍ରାକ୍ଟର ଅସହାୟତା ଦର୍ଶାଏ– ସବୁଠି ତ ପିସି ଦେବାକୁ ପଡୁଛି। ଅଫିସ୍‌ଠୁ ଆରମ୍ଭ କରି ବହୁତ ଜାଗାରେ ପିସି ନ ଦେଲେ ଫାଇଲ୍ ଘୁଞ୍ଚିବନି। ତା ବାଦ୍ ପୁଣି ମୁଁ ଚଳିବି ନା ନାହିଁ? ଜନସାଧାରଣ ଚୁପ୍। ରୋଗୀମାନେ ବେସରକାରୀ ହାସ୍ପାତାଳରେ ଅସହାୟ। ଲମ୍ବା ବିଲ୍ ଦେଖି ଜମିବାଡ଼ି ବିକି ପଛରେ ଯେତେ ଚିତ୍କାର କଲେ ମଧ୍ୟ ସୁଫଳ ମିଳିପାରୁନାହିଁ, କାରଣ ସେମାନଙ୍କ ଉପରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉନାହିଁ।

ସରକାରୀ ବେସରକାରୀ ସବୁ ଜାଗାରେ ସମସ୍ୟା ଓ ଅସହାୟତା ନାମକ ବ୍ୟାଧି କରୋନାଠାରୁ ଆହୁରି ଉତ୍କଟ ଭାବେ ବ୍ୟାପିଯାଇଛି। ଆମେ ନିଜକୁ ସୁରକ୍ଷିତ ରଖିବାକୁ ୟା’ ତା’ ଦୋଷ ଦେଇ ମୁକୁଳିଯାଉଛୁ। କେବେ ପେଟପାଟଣାର ନାଁରେ ତ କେବେ ପାରିବାରିକ ସମସ୍ୟା ନାଁରେ ପ୍ରତିବାଦ କରୁନାହୁଁ। କିଛି ଲୋକ ଏଥିପାଇଁ କଷ୍ଟ ଭୋଗୁଛନ୍ତି ତ ଆଉ କିଛି ସାଡିଷ୍ଟିକ୍ ଅସହାୟତା ନାଁରେ ଅନ୍ୟକୁ ପ୍ରତାରିତ କରି ଖୁସି ହେଉଛନ୍ତି।

ଦିନେ ଗୌତମ ବୁଦ୍ଧଙ୍କ ସମ୍ପର୍କୀୟା ତାଙ୍କ ମୃତ ପିଲାକୁ ଧରି ଦୁଃଖରେ ମ୍ରିୟମାଣ ହୋଇ କହିଲେ ପିଲାଟିକୁ ବଞ୍ଚାଇଦେବାକୁ। ବୁଦ୍ଧ କହିଲେ, ସେଥିପାଇଁ ତାଙ୍କୁ ଗୋଟେ କାମ କରିବାକୁ ହେବ। ସନ୍ଧ୍ୟା ଭିତରେ ସେ ମହିଳାଙ୍କୁ ଏମିତି ଗୋଟେ ଘରୁ କିଛି ସୋରିଷ ଆଣିବାକୁ ହେବ ଯେଉଁ ଘର କେବେ ବି ମୃତ୍ୟୁକୁ ସାମ୍ନା କରି ନ ଥିବ। ମହିଳାଜଣକ ସମସ୍ତଙ୍କ ଘରକୁ ଯାଇ ବିଫଳ ହେଲେ। ଦିନ ବିତିଗଲାରୁ ସେ କ୍ଳାନ୍ତ ହୋଇ ସନ୍ଧ୍ୟାରେ ଆସି ବୁଦ୍ଧଙ୍କ ପାଦତଳେ ପଡ଼ି କହିଲେ– ମୁଁ ବୁଝିପାରିଛି! ସେ ପ୍ରକୃତରେ ବୁଝିପାରିଥିଲେ ଏ ସଂସାରରେ ଏମିତି କେହି ନାହିଁ ଯେ ଦୁଃଖ ନ ଭୋଗିଛି କି ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ନ ଦେଖିଛି! ତେଣୁ ଆମେ ସଂସାରରେ ଏକା ଦୁଃଖୀ ବୋଲି କହିବା ଅନୁଚିତ। ସେଥିପାଇଁ ସହାନୁଭୂତି ପ୍ରଦର୍ଶନ କରିବାରେ କୃପଣ ହେବା କାହିଁକି। ଅନାବଶ୍ୟକ ଅସହାୟତା ଦର୍ଶାଇଲେ ମାନବିକତା ଦୁର୍ବଳ ହୋଇଯାଏ। ନିଜକୁ ଅସହାୟ ସାବ୍ୟସ୍ତ କରି ସମସ୍ୟାରୁ ମୁକୁଳିବା ସହଜ। କାହା ପ୍ରତି ସମ୍ବେଦନଶୀଳ ହେବାରେ କିନ୍ତୁ କୌଣସି କ୍ଷତି ନାହିଁ। ସ୍ୱାର୍ଥନିବୃତ୍ତ ହୋଇ କାହା ପାଇଁ କିଛି କରିବାର ସୁଖ ଦୁର୍ମୂଲ୍ୟ। ଏ ସମସ୍ୟା ଓ ଅସହାୟତା ଭରା ସଂସାରର ଶାନ୍ତି କେବେ ଫେରିବ ଓ ମଣିଷ କେବେ ସଚେତନ ହେବ, ସେହି ସମୟକୁ ଅପେକ୍ଷା।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ବୟସ ୭୬ ଛୁଇଁଲାଣି। ହେଲେ ତାଙ୍କ ସେବାରେ ଭଟ୍ଟା ପଡ଼ିନାହିଁ। ପ୍ରତିଦିନ ମାଗଣାରେ ଅଟୋ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲ୍ଲୀର ହର୍‌ଜିନ୍ଦର ସିଂ। ଏହି ସେବା ଯୋଗାଇ ଶହ ଶହ ଲୋକଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ରାସ୍ତାରେ ଯେକୌଣସି ସ୍ଥାନରେ ଆହତ ଲୋକଙ୍କୁ ଦେଖିଲେ ସାଙ୍ଗେ ସାଙ୍ଗେ ହସ୍ପିଟାଲ୍‌କୁ ନେଇଯାଆନ୍ତି। ହର୍‌ଜିନ୍ଦର ଅଟୋରେ ଜରୁରୀ ଚିକିତ୍ସା ଉପକରଣ ଯଥା– ବ୍ୟାଣ୍ଡେଜ୍, ଆଣ୍ଟିସେପ୍ଟିକ୍ ଲୋଶନ, କ୍ରିମ୍ ଏବଂ ପାରାସିଟାମଲ ଆଦି ରଖୁଛନ୍ତି ଓ ପ୍ରାରମ୍ଭିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ହର୍‌ଜିନ୍ଦର ଦିଲ୍ଲୀ ପୋଲିସର ଜଣେ ଟ୍ରାଫିକ ୱାର୍ଡନ ଏବଂ ଦିଲ୍ଲୀ ଅଟୋ ୟୁନିୟନର ସମ୍ପାଦକ ମଧ୍ୟ ରହିଥିଲେ। ୧୯୬୪ରୁ ଅଟୋ ଚଳାଇବା ଆରମ୍ଭ କରିଥିଲେ। ଦୀର୍ଘ ବର୍ଷ ମଧ୍ୟରେ ସେ କେବେ ବି ସଡ଼କ ପରିବହନ ନିୟମ ଉଲ୍ଲଂଘନ କରିନାହାନ୍ତି କି ଜରିମାନା ଦେଇନାହାନ୍ତି। ତେବେ ୧୯୭୮ରୁ ଅଟୋ ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିଲେ ଓ ଜୀବନର ଶେଷ ମୁହୂର୍ତ୍ତ ଯାଏ ଏହା ଯୋଗାଇ ଦେବେ ବୋଲି କହନ୍ତି ହର୍‌ଜିନ୍ଦର। ଏହି କାର୍ଯ୍ୟ ଲାଗି ତାଙ୍କୁ ସବୁ ହସ୍ପିଟାଲ ସମ୍ମାନିତ କରିଛନ୍ତି। ସେ ଅଟୋ ଚଳାଇ ଯାହା ରୋଜଗାର କରନ୍ତି ସେଥିରୁ ପରିବାର ପାଇଁ କିଛି ରଖି ବାକିତକ ଗରିବ ରୋଗୀଙ୍କ ଔଷଧ କିଣିବାରେ ଖର୍ଚ୍ଚ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୯୬

- ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶପ୍ କାର୍ଲୋସ ବେଲୋ ଏବଂ ଜୋସ୍ ରାମୋସ–ହୋର୍ତ୍ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର।
- ବାଂଲାଦେଶର ବାଣିଜ୍ୟ ଏବଂ ଶିଳ୍ପ ବିଭାଗ ମନ୍ତ୍ରୀ ତୋଫାଇଲ ଅହମ୍ମଦଙ୍କ ସମ୍ପର୍କୀୟ ଭାଇ ଓବାଡ ଦୁଲ ହକ ବାବୁଲଙ୍କୁ ଗୁଳିକରି ହତ୍ୟା।
- ରାଜ୍ୟ ଏବଂ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ବିରୁଦ୍ଧରେ ଦାଏର ବିଭିନ୍ନ ମକଦ୍ଦମାରେ ତାଙ୍କୁ ଆଗୁଆ ଜାମିନ ପ୍ରଦାନ କରିବାକୁ ମାଡ୍ରାସ ହାଇକୋର୍ଟ ମନା କରିଦେଇଛନ୍ତି।

## ଚିରନ୍ତନୀ

ଭାଷା ଯେବେ ତୋର ଜୀବିତ ରହିଚି ବଦନେ ହାସ
ଜଳିଉଠେ ଆଶା, ଆଖିରେ ପୂରଇ ଲୋତକ ପ୍ରାସ,
ଅଛି ତେବେ ସବୁ ଅଛି କାମଧେନୁ ଜୀବନ–ଗାଭୀ
ଜୀବନରୁ ବଳି କି ଲୋଡୁ ଅଧିକ କହ ତ ଭାବି?
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ନିବାରଣ କଡ଼ାକଡ଼ି ହେଉ

ମହାଶୟ,

ଦୁର୍ନୀତି ଆଜି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଆକର୍ଷଣୀୟ ଦରମା,ଭତ୍ତା, ଗାଡ଼ି, କ୍ୱାର୍ଟର୍ସ ଉପଲବ୍ଧର ସୁବିଧା ସତ୍ତ୍ୱେ ପୋଲିସ ବିଭାଗରେ ଥିବା ଜଣେ ଆଇଆଇସିଙ୍କ ଘରୁ ଭିଜିଲାନ୍ସ ଚଢ଼ାଉରେ ବିପୁଳ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଓ ନଗଦ ଲକ୍ଷ ଲକ୍ଷ ଟଙ୍କା ସହ ସ୍ୱର୍ଣ୍ଣ ଅଳଙ୍କାର ଜବତ ହେବା ବଡ଼ ବଡ଼ ପୋଲିସ ପଦାଧିକାରୀ ମାନଙ୍କ ଚାକିରିରେ ସେବା ମନୋବୃତ୍ତି ଏବଂ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପାଇଁ ଦୁର୍ନୀତି ନିବାରଣ ଆଇନକୁ କଡ଼ାକଡ଼ି କରାଯିବା ସହିତ ଚଢ଼ାଉ କରୁଥିବା ବେଳେ ଅଧିକାରୀଙ୍କୁ ଆଇନତଃ ସ୍ୱାଧୀନତା ଦିଆଯାଉ। ଦୁର୍ନୀତି ବିକାଶ ଓ ଅଭିବୃଦ୍ଧିରେ ମୁଖ୍ୟ ବାଧକ ସାଜିବା ଚିନ୍ତାଜନକ । ଯେଉଁ କେତେଜଣ ସଚ୍ଚୋଟ ପ୍ରଶାସନକ ଅଧିକାରୀ ଅଛନ୍ତି,ସେମାନେ ଏଇ କେତେଜଣ ଦୁର୍ନୀତିଖୋରଙ୍କ ଦ୍ୱାରା ପ୍ରଭାବିତ ଓ ବଦନାମ। କେବଳ ପୋଲିସ ବିଭାଗରେ ନୁହେଁ, ସାରା ଦେଶର ଅମଲାତନ୍ତ୍ରରେ ତଳଠୁ ଉପର ପର୍ଯ୍ୟନ୍ତ, ଏପରି କୌଣସି ବିଭାଗ ନାହିଁ ଯେଉଁଠି ଦୁର୍ନୀତି ହେଉନାହିଁ ବୋଲି କହିବା। ଦୁର୍ନୀତି ସବୁଠାରୁ ବଡ଼ ବିପତ୍ତି। ତେଣୁ ସରକାର ଧରପଗଡ଼ ପ୍ରକ୍ରିୟାକୁ ବିନା ବାଛବିଚାରରେ ଅଧିକ ସକ୍ରିୟ କରିବା ବର୍ତ୍ତମାନ ସମୟର ଆବଶ୍ୟକତା।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରେକର୍ଡ ସ୍ତରରେ ପୁଞ୍ଜି ବଜାର**

ସୋମବାର ଭାରତୀୟ ପୁଞ୍ଜି ବଜାରର କାରବାର ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ନିଫ୍ଟି ପ୍ରଥମ ଲାଗି ୧୮ ହଜାର ପଏଣ୍ଟ ଛୁଇଁଛି। କାରବାର ଶେଷ ବେଳକୁ ଏହା ୫୦.୭୫ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୧୭,୯୪୫.୯୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ସେନ୍‌ସେକ୍ସ ୭୬.୭୨ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୬୦,୧୩୫.୭୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

## ଆକାଶା ଏୟାରକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୧।୧୦:** ରାକେଶ ଝୁନ୍‌ଝୁନ୍‌ୱାଲାଙ୍କ ସହାୟତାରେ ଆରମ୍ଭ ହେବାକୁ ଥିବା ବିମାନ କମ୍ପାନୀର ଆକାଶାକୁ ସରକାର ଅନାପତି ପ୍ରମାଣ ପତ୍ର(ଏନ୍‌ଓସି) ପ୍ରଦାନ କରିଛନ୍ତି। ସରକାରଙ୍କ ଠାରୁ ମଞ୍ଜୁରୀ ମିଳିଥିବା ଏସ୍‌ଏନ୍‌ଭି ଆଭିଏଶନ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଆକାଶା ଏୟାର ବ୍ରାଣ୍ଡ୍ ନାମରେ ଏହା ଆସନ୍ତା ବର୍ଷ ଗ୍ରୀଷ୍ମ ସମୟରୁ ସେବା ଆରମ୍ଭ କରିବା ନେଇ କୁହାଯାଉଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ଠାରୁ ଲାଇସେନ୍ସ ଲାଗି ଏହା ଆବେଦନ କରିବ। ଜେଟ ଏୟାରୱେଜର ପୂର୍ବତନ ସିଇଓ ବିନୟ ଦୁବେ ନୂଆ ବିମାନ କମ୍ପାନୀର ମଙ୍ଗ ଧରିବେ ବୋଲି ଜୋରଦାର ଚର୍ଚ୍ଚା ହେଉଛି। ଇଣ୍ଡିଗୋର ପୂର୍ବତନ ସଭାପତି ଆଦିତ୍ୟ ଘୋଷ ଏହାକୁ ନେଇ ବିନୟ ଦୁବେ ଏବଂ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ନିକଟରେ ରାକେଶ ଝୁନ୍‌ଝୁନ୍‌ୱାଲା ଏବଂ ତାଙ୍କ ସ୍ତ୍ରୀ ରେଖା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ।

# ଭାରତକୁ ତୃତୀୟ ପର୍ଯ୍ୟାୟ ଟିକସ ସୂଚନା

**ନୂଆଦିଲ୍ଲୀ,୧୧।୧୦**

ସୁଇଜରଲାଣ୍ଡ ବ୍ୟାଙ୍କରେ ଖାତା ଖୋଲିଥିବା ଭାରତୀୟଙ୍କ ତୃତୀୟ ପର୍ଯ୍ୟାୟ ଟିକସ ସଂକ୍ରାନ୍ତ ସୂଚନା ଭାରତ ସୋମବାର ହାସଲ କରିଛି। ଟିକସ ସୂଚନା ସିଧାସଳଖ ଆଦାନ ପ୍ରଦାନ ନେଇ ଭାରତ ଏବଂ ସୁଇଜରଲାଣ୍ଡ ଚୁକ୍ତି କରିଛନ୍ତି। ଏଭଳି ପଦକ୍ଷେପ ଅନ୍ତର୍ଗତ ପର୍ଯ୍ୟାୟ ଭିତ୍ତିରେ ଉକ୍ତ ଦେଶ ଭାରତକୁ ଟିକସ ସୂଚନା ପ୍ରଦାନ କରୁଛି। ସୁଇସ୍ ବ୍ୟାଙ୍କ ପ୍ରାୟ ୯୬ ଦେଶର ୩୩ ଲକ୍ଷ ଫାଇନାନ୍ସ ଆକାଉଣ୍ଟ ସମ୍ପର୍କିତ ସୂଚନା ଅଦ୍ୟାବଧି ପ୍ରଦାନ କଲାଣି। ସୁଇଜରଲାଣ୍ଡ ଫେଡେରାଲ ଟାକ୍ସ ଆଡମିନିଷ୍ଟ୍ରେଶନ(ଏଫ୍‌ଟିଏ) ପକ୍ଷରୁ ସୋମବାର କୁହାଯାଇଛି, ଚଳିତ ବର୍ଷ ଆଉ ୧୦ ଦେଶକୁ ଟିକସ ସୂଚନା ଦିଆଯାଇଛି। ଉକ୍ତ ଦେଶ ମଧ୍ୟରେ ଆଣ୍ଟିଗୁଆ, ବରବୁଡା,




ଆଜରବୈଜାନ, ଡୋମିନିକା, ଘାନା, ଲେବାନନ୍, ମକାଓ, ପାକିସ୍ତାନ, କାତାର, ସାମୋଆ ଏବଂ ବନୁଆତୁ ସାମିଲ ରହିଛି।

୭୦ ଦେଶ ସହ ସୁଇଜରଲାଣ୍ଡ ସୂଚନାର ଆଦାନ ପ୍ରଦାନ କରିଛି। ଏହା ମଧ୍ୟରୁ ୨୬ ଦେଶର ସୂଚନା ନେବା ସହ ଚୁକ୍ତିର କିଛି ସର୍ତ୍ତ ପୂରଣ ନ ହେବାରୁ ଉକ୍ତ ଦେଶଗୁଡ଼ିକୁ ସୂଚନା ଦିଆଯାଇନାହିଁ। ୧୪ ଦେଶ ଗୋପନୀୟତା ଏବଂ ଡାଟା ସିକ୍ୟୁରିଟି ସମ୍ପର୍କିତ ବିଶ୍ୱସ୍ତରୀୟ ମାନକ ପୂରଣ କରି ନ ଥିବାରୁ ସୂଚନା ପାଇ ନ ଥିବା ବେଳେ ୧୨ ଦେଶ ସୂଚନା ମାଗି ନ ଥିବା ଜଣାପଡ଼ିଛି। ଭାରତ ଲଗାତର ତୃତୀୟ ବର୍ଷ ଲାଗି ଟିକସ ସୂଚନା ଲାଭ କରିଛି। ଭାରତୀୟ ଅଧିକାରୀଙ୍କୁ ମିଳିଥିବା ସୂଚନା ମୁତାବକ, ଭାରତୀୟ ନାଗରିକ ଏବଂ କମ୍ପାନୀଗୁଡ଼ିକ ବୃହତ୍ ସଂଖ୍ୟାରେ ଖାତା ସୁଇଜରଲାଣ୍ଡରେ ଖୋଲିଥାନ୍ତି।

ଉଲ୍ଲେଖଯୋଗ୍ୟ, ସୁଇଜରଲାଣ୍ଡ ପ୍ରଥମ ପର୍ଯ୍ୟାୟ ଟିକସ ସୂଚନା ୨୦୧୯ ସେପ୍ଟେମ୍ବରରେ ପ୍ରଦାନ କରିଥିଲା। କେନ୍ଦ୍ର ସରକାର ବର୍ତ୍ତମାନ କଳାଟଙ୍କା ବିରୋଧରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରିଛନ୍ତି। ଏ ଦିଗରେ କେନ୍ଦ୍ର ଲଗାତର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ବିଭିନ୍ନ ଦେଶ ସହ ଆଲୋଚନା କିମ୍ବା ପ୍ରତ୍ୟକ୍ଷ ଟିକସ ଚୁକ୍ତି ଭଳି ପଦକ୍ଷେପ ଏହା ମଧ୍ୟରେ ସାମିଲ ରହିଛି। ଭାରତୀୟମାନେ ସୁଇଜରଲାଣ୍ଡରେ କଳାଟଙ୍କା ରଖିବା ଲାଗି ପୂର୍ବରୁ ଆଗଭର ହେଉଥିଲେ। ଏବେ ସବୁ ତଥ୍ୟ ସରକାର ହାସଲ କରୁଥିବାରୁ କଳାଟଙ୍କା କାରବାର କରୁଥିବା ବ୍ୟକ୍ତିଙ୍କୁ ଝଟକା ବୋଲି କୁହାଯାଇଛି।

## ଆଦାନୀ ପୋର୍ଟରେ ୩ ଦେଶର ସାମଗ୍ରୀ ବ୍ୟାନ୍

**ନୂଆଦିଲ୍ଲୀ,୧୧।୧୦**

ଆଦାନୀର ସମସ୍ତ ବନ୍ଦରରେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ଇରାନରୁ ଆସିଥିବା ସାମଗ୍ରୀ ଉପରେ କେନ୍ଦ୍ର ସରକାର ବ୍ୟାନ ଲଗାଇଛନ୍ତି। ଆଦାନୀ ପୋର୍ଟରେ ପ୍ରାୟ ୨୧ ହଜାର କୋଟିର ଡ୍ରଗ ମିଳିବା ପରେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ୩ ଦେଶରୁ ଆସୁଥିବା କାର୍ଗୋକୁ ପରିଚାଳନା କରାଯିବ ନାହିଁ ବୋଲି ଆଦାନୀ ପୋର୍ଟ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ୧୫ ନଭେମ୍ବରରୁ ଉକ୍ତ ନିଷ୍ପତ୍ତି ଲାଗୁ ହେବ। ଦେଶ ମଧ୍ୟରେ ରହିଥିବା ବନ୍ଦରଗୁଡ଼ିକର କାର୍ଗୋ ପରିଚାଳନା କ୍ଷେତ୍ରରେ ଆଦାନୀର ବଜାର ଅଂଶ ୨୫% ରହିଛି। ଦେଶର ୧୩ ବନ୍ଦରକୁ ଆଦାନୀ ପରିଚାଳନା କରୁଛି। ନିକଟରେ ଗୁଜରାଟର ଆଦାନୀ ପୋର୍ଟରେ ବୃହତ୍ ପରିମାଣର ଡ୍ରଗ୍ ଜବତ କରାଯାଇଥିଲା। ଗୁଜରାଟର ମୁନ୍ଦ୍ରା ବନ୍ଦରରେ ୩ ହଜାର କିଲୋ ହେରୋଇନ ଧରାପଡ଼ିଥିଲା। ଡ୍ରଗ ଯେଭଳି ଧରା ନ ପଡ଼ିବ ସେ ନେଇ ଅନେକ ସତର୍କତା ଅବଲମ୍ବନ କରାଯିବା ସହ ଏହାର ଉପରି ଭାଗକୁ ପାଉଡରରେ ଭରି ଦିଆଯାଇଥିଲା।

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
**୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ**
M.: 8280401694 (W)
M.: 8895872573

**ନବରାତ୍ରୀ ଧମାକା**
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ। ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
**2% ସୁଧ, 50% ଛାଡ଼**
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**DHANLAXMI FINANCE**
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ସୁଲତାନ ମିର୍ଜା**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ୍, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଭି୨’ର ବମ୍ପର ଅଫର

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ଭି୨ (ଭାଲ୍ୟୁ ଆଣ୍ଡ ଭେରାଇଟି) ପକ୍ଷରୁ ପାର୍ବଣ ଉପଲକ୍ଷେ ବମ୍ପର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ପୂଜାରେ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ପୋଷାକ କିଣାକିଣି ଉପରେ ଧମାକାଦାର ଅଫର ଉପଲବ୍ଧ ରହିଛି। ଏହି ଅଫର ସବୁକୁ ଗ୍ରାହକ ସାରା ଦେଶରେ ୯୭ ଷ୍ଟୋରରୁ କ୍ରୟ ଉପରେ ଲାଭ କରିପାରିବେ। ସମସ୍ତ ପରିଧାନ ଉପରେ ଫ୍ଲାଟ୍ ୨୫% ରିହାତି ଉପଲବ୍ଧ। ସକାଳ ୭ରୁ ୧୧ଟା ମଧ୍ୟରେ ଏହି ରିହାତି ମିଳିବ। ଚଳିତ ମାସ ୧୫ ତାରିଖ ଯାଏ ଅଫରର ଲାଭ ନେଇହେବ। ଅଧିକ କ୍ରୟ କ୍ଷେତ୍ରରେ ମଧ୍ୟ ଗ୍ରାହକଙ୍କୁ ବିଶେଷ ରିହାତି ପ୍ରଦାନ କରାଯାଉଛି।

ଏସ୍‌ବିଆଇ କାର୍ଡ ଉପରେ ଅତିରିକ୍ତ ୫% କ୍ୟାଶ୍‌ବ୍ୟାକ୍ ମିଳୁଛି। ଗ୍ରାହକ ଅନ୍‌ଲାଇନରେ ଭି୨କାର୍ଟ ଡଟ୍ କମ୍‌ରେ ମଧ୍ୟ ସାମଗ୍ରୀ କିଣିପାରିବେ। ୨୫୦୦ ଟଙ୍କା କ୍ରୟରେ ୭୫୦ ଟଙ୍କା ଗ୍ରାହକ ଫେରିପାଇବେ। ସେହିଭଳି ୫ ହଜାର ଟଙ୍କାର କ୍ରୟ ଉପରେ ୨୭୫୦ ଟଙ୍କା ଏବଂ ୧୦ ହଜାର ଟଙ୍କାର କ୍ରୟ ଉପରେ ୫ ହଜାର ଟଙ୍କା ଗ୍ରାହକ ଫେରିପାଇବେ। ଷ୍ଟୋରରେ ପୁରୁଷ, ମହିଳା, ଶିଶୁ ଏବଂ ଲାଇଫଷ୍ଟାଇଲ ବର୍ଗରେ ପ୍ରଡକ୍ଟ ଉପଲବ୍ଧ ହେବ। କମ୍ପାନୀ ବର୍ତ୍ତମାନ ଓଡ଼ିଶାର ବ୍ରହ୍ମପୁର, କଟକ, ଭୁବନେଶ୍ୱର,ପଟିଆ, ଯାଜପୁର, ଅନୁଗୋଳ, ଜୟପୁର, ବାଲେଶ୍ୱର, ଭଦ୍ରକ, ନିମାପଡ଼ା, ସୁନ୍ଦରଗଡ଼, ରାଜଖରିଆର, ରାଉରକେଲା ଏବଂ ବାରିପଦା ଭଳି ସ୍ଥାନରେ ନିଜର ଉପସ୍ଥିତି ଜାହିର କରିପାରିଛି।

ଭାଲ୍ୟୁ ଏବଂ ଭେରାଇଟି ପ୍ରଦାନ କ୍ଷେତ୍ରରେ କମ୍ପାନୀ କାର୍ଯ୍ୟ କରୁଛି। ବିଭିନ୍ନ ବର୍ଗରେ ସ୍ମାର୍ଟ, ଟ୍ରେଣ୍ଡି ଏବଂ ଫ୍ୟାଶନେବଲ ପୋଷାକପତ୍ର ଯୋଗାଣରେ ଏହା ନିରନ୍ତର ସେବା ଯୋଗାଉଛି। ଓଡ଼ିଶାରେ ମୋଟ ୧୪ଟି ଷ୍ଟୋର କମ୍ପାନୀ ସ୍ଥାପନ କରିଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ପ୍ରତି ଜିଲାରେ ଷ୍ଟୋର ସ୍ଥାପନ ଲକ୍ଷ୍ୟ ରଖାଯାଇଛି।

କମ୍ପାନୀର ଜାତୀୟ ରିଟେଲ ମୁଖ୍ୟ ଶକ୍ତି ମହାନ୍ତି କହିଛନ୍ତି,


ଶକ୍ତି ମହାନ୍ତି

# କ୍ରୋକଡାଇଲର ଏକ୍ସକ୍ଲୁସିଭ ଷ୍ଟୋର

**ଭୁବନେଶ୍ୱର,୧୧।୧୦**

ପ୍ରମୁଖ ବ୍ରାଣ୍ଡେଡ ଓ ଆରାମଦାୟକ ପୋଷାକ (ରିଟେଲ) ବିକ୍ରୟ କମ୍ପାନୀ ‘କ୍ରୋକଡାଇଲ’ ପକ୍ଷରୁ ସୋମବାର ସ୍ଥାନୀୟ ପଟିଆ–ନନ୍ଦନକାନନ ରୋଡରେ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ହୋଇଛି। କମ୍ପାନୀର ପୂର୍ବାଞ୍ଚଳ ଜୋନ ଆଞ୍ଚଳିକ ପ୍ରବନ୍ଧକ ଶୋଭନ ମିଶ୍ର ଏହାର ଉଦଘାଟନ କରିଥିଲେ। ୪ଶହ ବର୍ଗଫୁଟ ପରିମିତ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଏଠାରେ ପୁରୁଷଙ୍କ ଲାଗି ବିଭିନ୍ନ ଡିଜାଇନ ଓ ଭେରାଇଟିର ପୋଷାକ ଉପଲବ୍ଧ ରହିଛି। ଷ୍ଟୋରରେ ଉଦଘାଟନୀ ଏବଂ ପାର୍ବଣ ଅଫର ପ୍ରଦାନ କରାଯାଉଛି। ଗ୍ରାହକ ପ୍ରତି ୨୦ ହଜାର ଟଙ୍କା କିଣାକିଣି ଉପରେ ୫୦୦୦ ଟଙ୍କାର କ୍ୟାଶବ୍ୟାକ, ୧୫ ହଜାର ଟଙ୍କାର କ୍ରୟରେ ୩୫୦୦ ଟଙ୍କା କ୍ୟାଶବ୍ୟାକ ଓ ୧୦ ହଜାର ଟଙ୍କା କ୍ରୟ ଉପରେ ୨୦୦୦ ଟଙ୍କା ଏବଂ ୬ ହଜାର ଟଙ୍କା କ୍ରୟରେ ୧୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ ବୋଲି ମିଶ୍ର ସୂଚନା ଦେଇଛନ୍ତି। କମ୍ପାନୀ ଆଗାମୀ ଦିନରେ ଅନେକ ଆକର୍ଷଣୀୟ ସୁବିଧା ଓ ଅଫର ଗ୍ରାହକଙ୍କ ପାଇଁ ନେଇ




ଆସିବ ବୋଲି ଜଣାପଡ଼ିଛି। କମ୍ପାନୀ ଓଡ଼ିଶା ବଜାରରେ ଭଲ ବ୍ୟବସାୟ କରୁଥିବା ବେଳେ ଦିନକୁ ଦିନ ଏହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଓଡ଼ିଶାରେ କମ୍ପାନୀର ୭ଟି ଷ୍ଟୋର ରହିଥିବା ବେଳେ ଭୁବନେଶ୍ୱରରେ କେବଳ ୩ଟି ଷ୍ଟୋର ରହିଛି। ଚଳିତ ବର୍ଷରେ କମ୍ପାନୀ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଷ୍ଟୋର ଖୋଲିବାର ଯୋଜନା କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପଟିଆ ଷ୍ଟୋର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

**ଫୁର୍‌ସତ୍**

# ସଚେତନତା ସହ ସନ୍ତୁଳିତ ଆହାର ଜରୁରୀ

## ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ

ବୟସ ବଢ଼ିବା ସହିତ ମଣିଷର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟକାରିତା କମିବାରେ ଲାଗିଥାଏ। ଏଥିଯୋଗୁ ସାଧାରଣ ଭାବେ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହୁଏ। ଅବଶ୍ୟ ଏହି ଅବସ୍ଥାରେ କେତେକଙ୍କଠାରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା ବଡ଼ ସମସ୍ୟା ଭାବେ ଦେଖାଦେଇଥାଏ। ଗଣ୍ଠି ହାଡ଼ ମଝିରେ ଥିବା ଲିଗାମେଣ୍ଟର ନମନୀୟତା ହ୍ରାସ ପାଇବାରେ ଲାଗିଥାଏ। ଫଳରେ କାମ କରିବା ସମୟରେ ଯନ୍ତ୍ରଣା ହୋଇଥାଏ। ମାତ୍ର ସଚେତନତା ଏବଂ ସନ୍ତୁଳିତ ଆହାର ଦ୍ୱାରା ଏଭଳି ସମସ୍ୟାଠୁ ଦୂରେଇ ରହିବା ସମ୍ଭବ। ଅବଶ୍ୟ ଏହି ଶାରୀରିକ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୧୯୯୬ଠାରୁ ପ୍ରତିବର୍ଷ ଅକ୍ଟୋବର ୧୨ରେ ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳନ କରାଯାଉଛି। ଏହି ଅବସରରେ ପୃଥିବୀରେ ଏଭଳି ସମସ୍ୟା ଭୋଗୁଥିବା ଲୋକଙ୍କ ଜୀବନକୁ ସହଜ କରିବା



ଲାଗି ଚେଷ୍ଟା କରାଯାଇଥାଏ। ଆର୍ଥ୍ରାଇଟିସ୍‌ରେ ୧୦୦ରୁ ଅଧିକ ପ୍ରକାରର ଶାରୀରିକ ଅବସ୍ଥାକୁ ବର୍ଗୀକୃତ କରାଯାଇଛି। ତେବେ ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରତିଦିନ କିଛି ସହଜ ବ୍ୟାୟାମ ସହିତ ସନ୍ତୁଳିତ ଖାଦ୍ୟ ପ୍ରତି ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଛି।


କିଆରା ଆଡଭାନୀ

## ହେମାମାଳିନୀଙ୍କ ସହ ତୁଳନା ପସନ୍ଦ ନୁହେଁ

**ମୁମ୍ବାଇ:** ଅଭିନେତ୍ରୀ କିଆରା ଆଡଭାନୀଙ୍କ ସୌନ୍ଦର୍ଯ୍ୟକୁ ବେଶ୍ ପ୍ରଶଂସା କରନ୍ତି ତାଙ୍କ ଫ୍ୟାନ୍। ପ୍ରଶଂସକମାନେ ତାଙ୍କୁ ଅନେକ ସମୟରେ ବଲିଉଡ୍‌ର ଭେଟେରାନ୍ ଅଭିନେତ୍ରୀ ହେମାମାଳିନୀଙ୍କ ସହ ତୁଳନା କରନ୍ତି। କିନ୍ତୁ ହେମାମାଳିନୀଙ୍କ ସହ ତୁଳନା ତାଙ୍କର ପସନ୍ଦ ନୁହେଁ। ଏ ନେଇ କିଆରା କହିଛନ୍ତି, ହେମାଙ୍କ ସହ ତୁଳନା କରିବା ତାଙ୍କୁ ଅଜବ ଲାଗୁଛି। ଲୋକମାନେ ତାଙ୍କୁ ହେମାଙ୍କ ସହିତ ତୁଳନା କରିବା କଥା ନୁହେଁ। ଏକ ସାକ୍ଷାତକାରରେ କିଆରା କହିଛନ୍ତି, ‘ହେମାମାଳିନୀଙ୍କ ସହିତ ମୋ ତୁଳନା କରିବା ଗୌରବର ବିଷୟ। ଏହା ଏକ ବଡ଼ କଥା। କିନ୍ତୁ ସତ କହିବାକୁ ଗଲେ, ମୁଁ ସର୍ବଦା ଏହି ପ୍ରଶଂସାକୁ ଅଦ୍ଭୁତ ମନେ କରିଛି। କିନ୍ତୁ ମୋର ଏକ ବ୍ୟକ୍ତିତ୍ୱ ଅଛି। ମୁଁ ନିଜ ଭଳି ଦେଖାଯିବାକୁ ଚାହେଁ ।

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**

୰ ଡାକ୍ତର ବାବୁଲୁ ସିଂହ
Lt.Col. Indian Army
ଆବିର୍ଭାବ : ୧୮.୦୯.୧୯୭୦
ତିରୋଧାନ : ୧୨. ୧୦. ୨୦୧୬
ଇନ୍ଦ୍ରଧନୁ ସମ କ୍ଷଣେ ଦେଖାଦେଇ ହଜିଗଲୁ ମହାକାଶରେ,
ଡାକ୍ତର ହୋଇ ସେନା ବାହିନୀର ସେବାକଲୁ କେତେ ଖୁସିରେ,
ଶେଫାଳି ପରି ତୁ ସୁବାସ ବାଣ୍ଟିଲୁ ଭବ ରଙ୍ଗମଞ୍ଚ ଭୂମିରେ,
ଯେଉଁଠାରେ ଥା' ଭଲରେ ତୁ ଥା' ପ୍ରାର୍ଥନା ପ୍ରଭୁଙ୍କ ପାଖରେ।
ଶୋକସନ୍ତପ୍ତ : ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାରବର୍ଗ
ଧ-୭୧୦୦୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ଶକୁନ୍ତଳା ପରିଡ଼ା
ଶାରଳା ନଗର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୧୯୫୬
ତିରୋଧାନ : ୨୨.୧୦.୨୦୨୦
(ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ)
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପୁଅ-ବିଜୟ, ସଞ୍ଜୟ, ବୋହୂ-ରଶ୍ମିତା, ପ୍ରକାଶିତା, ଝିଅ-କବିତା, ମମତା, ନାତିନାତୁଣୀ - ଭକ୍ତି, ସଂସ୍କୃତି, କୁନ୍ନୁ, ବୁନ୍ନୁ, କ୍ୟାଣ୍ଡି, ଅଭି ଓ ଆତ୍ମୀୟସ୍ୱଜନ
କଲ୍ୟାଣ କାର୍ ମ୍ୟାଜିକ୍, ଆର୍ଟ ଅନ୍, ପରିଡ଼ା କନଷ୍ଟ୍ରକ୍‌ସନ, କେସିଏମ୍ କାର୍ ୱାଶ, ବ୍ରାଇଟ୍ ଆଇଜ୍ ପ୍ଲେ ସ୍କୁଲ୍ ଓ ଆମ୍‌କାର ଗୁଣମୁଗ୍ଧ କର୍ମଚାରୀବୃନ୍ଦ
ଧ-୨୧୯୪୪

**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ପତ୍ନୀ ମନୋରମାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ତିରୋଧାନ : ୨୩.୦୯.୨୦୨୦
ବୋଉ, ତୋତେ ଆମେ ଝୁରୁଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୨୧୯୪୬

**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ପତ୍ନୀ ମନୋରମାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ତିରୋଧାନ : ୨୩.୦୯.୨୦୨୦
“ମା” ପରି “ମା” ଥିଲେ ମନୋରମା
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଡିହସାହି ଗ୍ରାମବାସୀ ବୃନ୍ଦ
ଗତିରାଉତପାଟଣା
ଡ଼ଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର
ସଭାପତି
ଡଃ ବଦ୍ରୀନାଥ ପଟ୍ଟନାୟକ
କାର୍ଯ୍ୟକାରୀ ସଭାପତି
ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର
ମ୍ୟାନେଜିଂ ଟ୍ରଷ୍ଟି
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ
ଧ-୨୧୯୪୭

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ସ୍ୱର୍ଗତ ଇଂ. ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ଚାହୁଁ ଚାହୁଁ ୧୪ ବର୍ଷ ପୁରିଗଲା। ପ୍ରଭୁ ଶ୍ରୀରାମ ୧୪ ବର୍ଷ ବନବାସ ପରେ ଅଯୋଧ୍ୟା କୁ ଫେରିଥିଲେ, ମାତ୍ର ମା ଦୁର୍ଗା ତୋତେ ଏମିତି ଏକ ଅଜଣା ରାଇଜକୁ ନେଇଗଲେ ଯେ ତୁ ଆଉ ଫେରିଲୁନି। ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଏବଂ ତୋତେ ଝୁରି ହେଉଛୁ। ତୁ ଯେଉଁଠି ଥାଆ ଭଲରେ ଥାଆ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି କରନ୍ତୁ, ଏତିକି ଆମର ପ୍ରାର୍ଥନା।
ଅତି ଆଦରର : ବୋଉ ଓ ନନା, ନାନୀ ଓ ଭାଇନାମାନେ, କକେଇ ଓ ଖୁଡ଼ିମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇନା ଓ ଭାଉଜମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ-ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି, ସାଙ୍ଗସାଥି ମାନେ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୭୧୫୦୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰କ୍ଷୀରେନ୍ଦ୍ର ନାଥ ଦାସ (କ୍ଷୀର ବାବୁ)
ଅବସରପ୍ରାପ୍ତ ସ୍ଥଳସେନା କର୍ମଚାରୀ
ବ୍ରହ୍ମପୁର, ତଣ୍ଡିକୂଳ, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ୨୯।୦୪।୧୯୩୨
ସ୍ୱର୍ଗାରୋହଣ:୦୨।୧୦।୨୦୨୧
ଜେଜେ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ଦେଶସେବା, ସମାଜ ସେବା ଓ କର୍ତ୍ତବ୍ୟପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି
ତୁମର ନାତି ଦିବ୍ୟଜ୍ୟୋତି (ବାପୁନ୍), ଶୁଭ୍ରଜ୍ୟୋତି (ଇପୁନ୍), ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୯୩୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ଶ୍ରୀମତୀ ବସନ୍ତ କୁମାରୀ ପଣ୍ଡା
ଶତାବ୍ଦୀ ନଗର, ଭୁବନେଶ୍ୱର
ଆବିର୍ଭାବ: ତା୨୧।୦୨।୧୯୪୯
ତିରୋଧାନ: ତା୨୨।୧୦।୨୦୨୦
ଆପଣଙ୍କ ଅନୁପସ୍ଥିତି ଆମେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଗବାନଙ୍କ ନିକଟରେ ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୧୫୦୫

**୰ଗଙ୍ଗା। ଏକାଦଶାହ ଉପଲକ୍ଷେ**

୰କୈଳାସ ଚନ୍ଦ୍ର ରାଉତ
କଲ୍ୟାଣପୁର, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୧୦।୦୮।୧୯୪୭
ତିରୋଧାନ- ୦୨।୧୦।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମ ପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପତ୍ନୀ: ଶାନ୍ତିଲତା, ପୁତ୍ର: ରମେଶ, ରାଜେଶ, ପୁତ୍ରବଧୂ: କଳ୍ପନା, ମଧୁସ୍ମିତା, ମଧୁସ୍ମିତା, ନାତି: ଅମନ, କାକୁନି, ନାତୁଣୀ: ଖୁସି, ପ୍ରାଚୀ, ସାଚୀ, ପୁତୁରା- ରାଜେନ୍ଦ୍ର, ଦେବେନ୍ଦ୍ର, ଧୀରେନ୍ଦ୍ର, ଜ୍ଞାନେନ୍ଦ୍ର, ବିଶ୍ୱରଞ୍ଜନ।
ଧ-୨୧୯୩୯

ଓଁ ଗଙ୍ଗା
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।

ଆବିର୍ଭାବ : ୨୩/୧୦/୧୯୫୫
ତିରୋଧାନ : ୦୨/୧୦/୨୦୨୧
ପ୍ରଭାତ ଚିନ୍ତନ :
ଚିରି ଯାଇଥିବା ବସ୍ତ୍ରକୁ ଯେପରି ପରିତ୍ୟାଗ କରେ ନର,
ନୂତନ ବସ୍ତ୍ରଟି ପରିଧାନ ପାଇଁ ବଢ଼ାଇ ତାର ଆଦର।
ଶରୀର ସେପରି ନଷ୍ଟ ହୋଇଗଲେ ଧରେ ନୂତନ ଶରୀର,
ଅତ୍ମା ଅବିନାଶୀ ଘଟକୁ କେବଳ ବଦଳାଏ ବାରମ୍ବାର।
ଅରୁଣ ପଟ୍ଟନାୟକ
କ୍ରିଷ୍ଣାୟନ, ବରମୁଣ୍ଡା
ଭୁବନେଶ୍ୱର
ଧ-୭୧୧୮୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଛତିଶଗଡ଼ ବିପକ୍ଷରେ ଓଡ଼ିଶାର ବିଜୟ

**ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଖୋର୍ଦ୍ଧାସ୍ଥିତ ସେଞ୍ଚୁରିଅନ୍ ୟୁନିଭର୍ସିଟି ପଡ଼ିଆରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହିଳା ଆମନ୍ତ୍ରଣୀୟ ଦିନିକିଆ କ୍ରିକେଟ ସିରିଜ ଚାଲିଛି। ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ୭୦ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଏହି ମ୍ୟାଚରେ ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଦଳ ୪୧.୧ ଓଭରରେ ୧୩୫ ରନ କରି ଅଲଆଉଟ ହୋଇଯାଇଥିଲା।



ତନ୍ମୟୀ ବେହେରା

ଦଳ ପକ୍ଷରୁ ଐଶ୍ୱର୍ଯ୍ୟା ସିଂ ୪୧ରନ, ଶିବି ପାଣ୍ଡେ ୨୨ ଓ ରୀତୁ ମେଶ୍ରମ୍ ୧୪ ରନ କରିଥିଲେ। ଓଡ଼ିଶା ତରଫରୁ ତରନା ପ୍ରଧାନ ୩ ଏବଂ ରାଜଶ୍ରୀ ସ୍ୱାଇଁ, ତନ୍ମୟୀ ବେହେରା ଓ ମଧୁସ୍ମିତା ବେହେରା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହା ପ୍ରି-ସିଜନ ଅଭ୍ୟାସ ମ୍ୟାଚ ହୋଇଥିବାରୁ ଉଭୟ ଦଳକୁ ନିର୍ଦ୍ଧାରିତ ଓଭରରେ ଅଲଆଉଟ ହେବା ପର୍ଯ୍ୟନ୍ତ ବ୍ୟାଟିଂ ସୁଯୋଗ ରହିଥିଲା। ଓଡ଼ିଶା ଦ୍ୱିତୀୟ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ବିନିମୟରେ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତନ୍ମୟୀ ବେହେରା ସର୍ବାଧିକ ୭୦, ପ୍ରଜ୍ଞା ମହାନ୍ତି ୫୦ ଓ କାଜଲ ଜେନା ୪୭ରନ କରିଥିଲେ। ଛତିଶଗଡ଼ ମହିଳା ଦଳ ପକ୍ଷରୁ ମନପ୍ରୀତ୍ କୌର, ରୀତୁ ମେଶ୍ରାମ ଓ ପ୍ରାଂଶୁପ୍ରିୟା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦୁଇ ଦଳ ମଧ୍ୟରେ ଚତୁର୍ଥ ତଥା ଫାଇନାଲ ମ୍ୟାଚ ମଙ୍ଗଳବାର ଖେଳାଯିବ।

# ମାସ୍କଟ୍ 'ଇଭା' ଉନ୍ମୋଚିତ

**ନୂଆଦିଲ୍ଲୀ, ୧୧।୧୦ (ପି.ଟି.)**

ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ସୋମବାର ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଭାରତ ୨୦୨୨ର ଅଫିସିଆଲ ମାସ୍କଟ୍ 'ଇଭା'ର ଉନ୍ମୋଚନ କରାଯାଇଛି। 'ଇଭା' ହେଉଛି ନାରୀ ଶକ୍ତିର ପ୍ରତିଫଳନ କରୁଥିବା ଏସୀୟ ସିଂହୀ। ଟୁର୍ନାମେଣ୍ଟ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ହେବ। ଘଟଣାକ୍ରମେ ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସରେ 'ଇଭା'ର ଉନ୍ମୋଚନ କରାଯାଇଛି। ୨୦୨୨ ମହିଳା ଫୁଟ୍‌ବଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ବୋଲି ଫିଫାର ମୁଖ୍ୟ ମହିଳା ଫୁଟ୍‌ବଲ ଅଫିସର ସାରାଇ ବାରେମାନ କହିଛନ୍ତି। କାରଣ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଆୟୋଜନର ମାତ୍ର ୯ ମାସ ପରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୨୦୨୩ରେ ଫିଫା ମହିଳା ବିଶ୍ୱକପ୍ ଆୟୋଜନର କାର୍ଯ୍ୟକ୍ରମ ରହିଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି ତଥା ସ୍ଥାନୀୟ ଆୟୋଜକ କମିଟି ଚେୟାରମ୍ୟାନ ପ୍ରଫୁଲ ପଟେଲ କହିଛନ୍ତି, ଅଫିସିଆଲ ମାସ୍କଟ୍ 'ଇଭା'ର ଉନ୍ମୋଚନ ୨୦୨୨ରେ ଭାରତରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରାଯାଇ ପାରିଛି।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**




# ରାକେଶ ପଟ୍ଟନାୟକଙ୍କ ଦ୍ୱିଶତକ

**ଭୁବନେଶ୍ୱର, ୧୧।୧୦ (କ୍ରୀଡ଼ା ପ୍ରତିନିଧି)**

କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍ ସୋମବାର କଟକର ବିଭିନ୍ନ ପଡ଼ିଆରେ ଆରମ୍ଭ ହୋଇଛି। ରାକେଶ କୁମାର ପଟ୍ଟନାୟକ ଦ୍ୱିଶତକ ହାସଲ କରିଥିବାବେଳେ ଆର୍ଯ୍ୟଶ୍ରୀ ଭଞ୍ଜ, ସୌଭାଗ୍ୟ ମିଶ୍ର, ସୌରଭ କନୋଜିଆ, ଶୁଭଙ୍କର ବିଶ୍ୱାସ ଶତକ ହାସଲ କରିଛନ୍ତି ଏବଂ ସୁମିତ ଶର୍ମା ୫ ଉଇକେଟ ସଫଳତା ପାଇଛନ୍ତି। ଏସସିବି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଗ୍ରୀନ୍ ପ୍ରଥମେ ବ୍ୟାଟିଂ କରି ୨୨୬ ରନରେ ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ଜ୍ୟୋତି ରଞ୍ଜନ ଦଳାଇ ସର୍ବାଧିକ ୮୮ ରନ କରିଥିଲେ। ଇକୋର୍ସାର ଲଗ୍ନଜିତ ସାମଲ ଓ ଆଲୋକ ମଙ୍ଗରାଜ ୪ଟି ଲେଖାଏ ଉଇକେଟ ନେଇଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଇକୋର୍ସା ୧ ଉଇକେଟ ହରାଇ ୮୫ ରନ କରିଛି। ରେଭେନ୍‌ଶା-୨ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସୌରଭ କନୋଜିଆଙ୍କ ଶତକ (୧୧୧ ରନ) ସହାୟତାରେ ଓଡ଼ିଶା ବ୍ଲୁ ୩୦୭ ରନ କରିବାକୁ ସକ୍ଷମ ହୋଇଛି। ପ୍ରଥମ ଦିନ ଶେଷସୁଦ୍ଧା ସୁନ୍ଦରଗଡ଼ ୧ ଉଇକେଟ ହରାଇ ୫୧ ରନ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଆୟୋଜିତ ଓଡ଼ିଶା ୟେଲୋ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ପ୍ରଥମ ଦିନ ଖେଳ ଶେଷ ବେଳକୁ ୫ ଉଇକେଟ ହରାଇ ୪୪୨ ରନ ସ୍କୋର କରିଛି। ଅଧିନାୟକ ରାକେଶ କୁମାର ପଟ୍ଟନାୟକ (୨୦୦) ଦ୍ୱିଶତକ ହାସଲ କରିଥିବାବେଳେ ଆର୍ଯ୍ୟଶ୍ରୀ ଭଞ୍ଜ ୧୪୮ ରନ ସ୍କୋର କରିଛନ୍ତି। ଡ୍ରିମ୍ସ ପଡ଼ିଆରେ ଝାରସୁଗୁଡ଼ା ୨୯୨ ରନରେ ଅଲ୍‌ଆଉଟ ହୋଇଛି। ମହମ୍ମଦ ଅରମାନ ସର୍ବାଧିକ ୮୪ ରନ ସ୍କୋର କରିଛନ୍ତି। ସନ୍‌ସାଇନ୍ ପଡ଼ିଆରେ କଟକ 'ଏ' ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଶେଷସୁଦ୍ଧା ୬ ଉଇକେଟ ହରାଇ ୩୫୯ ରନ କରିଛି। ଦଳ ପକ୍ଷରୁ ସୌଭାଗ୍ୟ ମିଶ୍ର (୧୬୫ ରନ) ଶତକ ହାସଲ କରିଛନ୍ତି। ଅଧିନାୟକ ଅରବିନ୍ଦ ସିଂ ୭୧ ରନ କରିଛନ୍ତି। ନିମପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଶୁଭଙ୍କର ବିଶ୍ୱାସ (୧୧୮ ରନ)ଙ୍କ ଶତକ ସତ୍ତ୍ୱେ ରାଉରକେଲା ୨୦୮ ରନରେ ଅଲଆଉଟ ହୋଇଛି। ଓଡ଼ିଶା ପିଙ୍କ୍‌ର ସୁମିତ ଶର୍ମା ୪୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଓଡ଼ିଶା ପିଙ୍କ୍ ୯ ଉଇକେଟ ହରାଇ ୧୧୨ ରନ କରିଛି।



ରାକେଶ କୁମାର ପଟ୍ଟନାୟକ

**କଳାହାଣ୍ଡି କପ୍ କ୍ରିକେଟ ସୁପରଲିଗ୍**









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୧୨/୨୦୨୧ (୮+୮= ୧୬ ପୃଷ୍ଠା)
Dhenkanal, Tuesday, October 12/2021

# ୧୨ ଘଣ୍ଟା ୫ ପୋଲିସ ଅଟକ

- କୁକୁଡ଼ା ଫାର୍ମ ରାସ୍ତାକୁ ନେଇ ଉତ୍ତେଜନା
- ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ଗଁଦିଆ,୧୧।୧୦



ଉତ୍ୟକ୍ତ ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାଇତଲା ପଞ୍ଚାୟତ କୋକେଇଦା ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମକୁ ରାସ୍ତା ନିର୍ମାଣ ନେଇ ରବିବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଓ ଫାର୍ମ ମାଲିକଙ୍କ ମଧ୍ୟରେ ବିବାଦ ଖବରପାଇ ରାତି ପ୍ରାୟ ୧୦ଟାରେ ଗଁଦିଆ ପୋଲିସ ଗାଁରେ ପହଞ୍ଚିଥିଲା। ହେଲେ ଉତ୍ୟକ୍ତ ଗ୍ରାମବାସୀ ରାତିରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଗାଡ଼ି ସହ ୫ ଜଣ ପୋଲିସଙ୍କୁ ଅଟକ ରଖିଥିଲେ। ତେବେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯିବା ପରେ ଅଟକ ଥିବା ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ି ଦେଇଥିଲେ। ଘଟଣାକୁ ନେଇ ଗ୍ରାମବାସୀ ଓ ଫାର୍ମ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କୋକେଇଦା ଗ୍ରାମରେ ଗତ ୨/୩ ବର୍ଷ ହେଲା ଉକ୍ତ କୁକୁଡ଼ା ଫାର୍ମ ରହିଛି। ତେବେ ଫାର୍ମକୁ ଯାତାୟାତ ପାଇଁ ଥିବା ରାସ୍ତାକୁ ନେଇ କିଛି ମାସ ହେଲା ବିବାଦ ଦେଖାଦେଇଥିଲା। ଗତ ମେ ୨୩ ତାରିଖରେ ବଚସା ହୋଇଥିଲା। ଏପରିକି ୨୭ ତାରିଖରେ ବୋମା ମାଡ଼ ନେଇ ଚର୍ଚ୍ଚା ହୋଇଥିଲା। ଇତିମଧ୍ୟରେ ଫାର୍ମ ମାଲିକ ବିକଳ୍ପ ଭାବେ ଅନ୍ୟ ଏକ ରାସ୍ତା ନିର୍ମାଣ ଆରମ୍ଭ କରୁଥିବାରୁ ଏହାକୁ ନେଇ ରବିବାର ରାତିରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁକୁ ଯାଇଥିବା ପୋଲିସ ଟିମ୍‌କୁ ଗ୍ରାମବାସୀ ଅଟକ ରଖିବା ପରେ ସୋମବାର ଥାନା ଅଧିକାରୀ ବିଷ୍ଣୁ ଚରଣ ବାରିକ, ଏସ୍‌ଡିପିଓ ବିକାଶ ରଞ୍ଜନ ବେହୁରା ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଘଟଣା ସମ୍ପର୍କରେ କୋକେଇଦା ଗ୍ରାମ ସଭାପତି ନିର୍ମଳ ପରିଡ଼ା କହିଛନ୍ତି, ଫାର୍ମ କର୍ତ୍ତୃପକ୍ଷ ଗ୍ରାମର ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି। ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ସରକାରୀ, ଗୋଚର ଜମିକୁ ଜବରଦଖଲ କରିଛନ୍ତି ଓ ପୋଲିସକୁ ହାତ କରି ଆମ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି। ପୋଲିସକୁ ଡାକି ସମସ୍ୟା ବଢ଼ାଇଛନ୍ତି। ସେଥିପାଇଁ ଗ୍ରାମବାସୀ ରାସ୍ତା ଖୋଳି ଦେଇଛନ୍ତି। ଫାର୍ମ ମ୍ୟାନେଜର ମାଧବ ନାଥ କହିଛନ୍ତି, ଗ୍ରାମବାସୀ ରାତିଅଧିଆ ରାସ୍ତା କାଟି ଦେଇଛନ୍ତି। ଏଥିସହ ଆମ ନାମରେ ମିଥ୍ୟା ଅଭିଯୋଗ କରୁଛନ୍ତି। ଗଁଦିଆ ଥାନା ଅଧିକାରୀ ବିଷ୍ଣୁ ଚରଣ ବାରିକ କହିଛନ୍ତି, ଫାର୍ମ ମାଲିକ ଓ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ଚାଲିଥିଲାବେଳେ ପାଟ୍ରୋଲିଂ ଗାଡ଼ି ପହଞ୍ଚିଥିଲା। ହେଲେ ଗ୍ରାମବାସୀ ଗାଡ଼ିକୁ ଅଟକ ରଖିଲେ। ଗ୍ରାମବାସୀ ଫାର୍ମ ମ୍ୟାନେଜରଙ୍କ ନାମରେ ଅଭିଯୋଗ କରିଛନ୍ତି। ସେହିପରି ଫାର୍ମ ସୁପରଭାଇଜର ସୂର୍ଯ୍ୟକାନ୍ତ ନାଥ ଗ୍ରାମର ୧୨ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ତା' କାମ କରିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# କୋଟିଏରୁ ଊର୍ଦ୍ଧ୍ୱ ଲୁଟ୍ କରି ଅଧଘଣ୍ଟାରେ ଧରାପଡ଼ିଲେ

ଢେଙ୍କାନାଳ ଅଫିସ,୧୧।୧୦



ଜବତ ହୋଇଥିବା ଟଙ୍କା ଗଣା ହେଉଛି।

- ଆଠଗଡ଼ ନିକଟରୁ ଏଟିଏମ୍ କ୍ୟାଶ୍ ଗାଡ଼ିରୁ ଲୁଟିଥିଲେ ୧ କୋଟି ୨୯ ଲକ୍ଷ
- ଗୋଡ଼ାଇ ଗୋଡ଼ାଇ ୩ ଦୁର୍ବୃତ୍ତଙ୍କୁ ମାଡ଼ି ବସିଲା ଢେଙ୍କାନାଳ ପୋଲିସ

କଟକ ଜିଲା ଆଠଗଡ଼ ଥାନା ଖୁଣ୍ଟକଟା ନିକଟରୁ ସୋମବାର ଅପରାହ୍ନ ୨ଟାରେ ୪ ଜଣ ଦୁର୍ବୃତ୍ତ ଏକ ଏଟିଏମ୍ ଭ୍ୟାନ୍‌ରୁ ୧ କୋଟି ୨୯ ଲକ୍ଷ ଟଙ୍କା ଲୁଟିବାକୁ ଉଦ୍ୟମ କରିଥିଲେ ହେଁ ଢେଙ୍କାନାଳ ପୋଲିସ ତାହାକୁ ପଣ୍ଡ କରିଦେଇଛି। ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ଭ୍ୟାନ୍ ସହ ଟଙ୍କା ବୋଝେଇ ଟ୍ରଙ୍କ ନେଇ ପଳାଇ ଯାଉଥିବାବେଳେ ଢେଙ୍କାନାଳ ସଦର ଥାନା ପୋଲିସ ସେମାନଙ୍କ ପିଛାକରି ବ୍ରାହ୍ମଣୀ ନଦୀ କୂଳ ଭୋଜଦେଈପୁର ଅଞ୍ଚଳରେ ମାଡ଼ି ବସିଛି। ଧରାପଡ଼ିଥିବା ୩ ଦୁର୍ବୃତ୍ତଙ୍କ ନିକଟରୁ ୧ କୋଟି ୫ ଲକ୍ଷ ଟଙ୍କା ଜବତ କରାଯାଇଛି। ବାକି ୨୪ ଲକ୍ଷ ଟଙ୍କା ନେଇ ଅନ୍ୟ ଜଣେ ଦୁର୍ବୃତ୍ତ ଖସି ଯାଇଥିବା ପୋଲିସ ସନ୍ଦେହ କରୁଛି। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଢେଙ୍କାନାଳ ଏସ୍‌ପି କେ. ଶିବା ସୁବ୍ରମଣି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ଘଟଣାରୁ ଜଣାପଡ଼ିଛି, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍ ଗୁଡ଼ିକରେ ଟଙ୍କା ଭର୍ତ୍ତି କରିବା ପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଆଠଗଡ଼ରୁ ଉକ୍ତ କ୍ୟାଶ୍ ଭ୍ୟାନ୍ (ନଂ. ଓଡି୦୨ଏଚ-୫୮୯୯) ତିଗିରିଆ ଆଡକୁ ଯାଉଥିଲା। ୬୫ନଂ. ରାଜପଥର ଖୁଣ୍ଟକଟା ପଞ୍ଚାୟତ ମହୀଧରପୁର ନିକଟସ୍ଥ ଏକ ଢାବାରେ କ୍ୟାଶ୍ ଗାଡ଼ିର କର୍ମଚାରୀମାନେ ଖାଇବାକୁ ବସିଥିଲେ। ଏହି ସମୟରେ ଏକ କାର୍‌ରେ ୪ଜଣ ଦୁର୍ବୃତ୍ତ ପିସ୍ତଲ ଓ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ କ୍ୟାଶ୍ ଗାଡ଼ିର ଚାଳକ ପତିତ ନାୟକ ଓ ଗନ୍‌ମ୍ୟାନ ସର୍ବେଶ୍ୱର ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ଗାଡି ନେଇ ଫେରାର ହୋଇଯାଇଥିଲେ। ଜଳଖିଆ ଖାଉଥିବା ଅନ୍ୟ ଦୁଇ କର୍ମଚାରୀ ପ୍ରକାଶ ସାହୁ ଏବଂ ଶ୍ରୀରାମ ଚନ୍ଦ୍ର ଦାସ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଗୁରୁତର ଗନ୍‌ମ୍ୟାନଙ୍କୁ ପ୍ରଥମେ ଆଠଗଡ଼ ଓ ପରେ କଟକ ମେଡିକାଲ ପଠାଯାଇଥିଲା। ତେବେ ଦୁର୍ବୃତ୍ତମାନେ ଢେଙ୍କାନାଳ ଆଡକୁ ଯାଉଥିବା ଢେଙ୍କାନାଳ ପୋଲିସ ପ୍ରଶାସନକୁ ଖବର ମିଳିଥିଲା। ଢେଙ୍କାନାଳ ଜିଲା ସଦର ଥାନା ସପ୍ତଶଯ୍ୟା-ଶଙ୍କରପୁର ରାସ୍ତାରେ ଦୁର୍ବୃତ୍ତମାନେ କ୍ୟାଶ୍ ଭ୍ୟାନ୍ ଛାଡ଼ି ଆଉ ଏକ କାର୍‌ରେ ଟଙ୍କା ଭର୍ତ୍ତିକରି ଅନୁଗୋଳ ଆଡକୁ ପଳାଇବାକୁ ଉଦ୍ୟମ କରୁଥିବାବେଳେ ଢେଙ୍କାନାଳ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ କର୍ମଚାରୀଙ୍କ ସହ ଗାଡ଼ିରେ ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ନିକଟରୁ ବାରଦା ଦେଇ ଭୋଜଦେଈପୁର ଅଭିମୁଖେ ଯାଇଥିଲେ। ସଦର ଥାନା ପୋଲିସ ତାଙ୍କୁ ଗୋଡ଼ାଇ ସେଠାରେ ପହଞ୍ଚି ଯାଇଥିଲା। ହେଲେ ଆଗକୁ ରାସ୍ତା ନ ଥିବାରୁ ଦୁର୍ବୃତ୍ତମାନେ କାର ଛାଡ଼ି ଏକ ଯୋର ମଧ୍ୟଦେଇ ପଳାଉଥିବା ବେଳେ ସଦର ଥାନା ଅଧିକାରୀ ଓ ପୋଲିସ କର୍ମଚାରୀମାନେ ଗ୍ରାମବାସୀଙ୍କ ସହଯୋଗରେ ୩ ଜଣଙ୍କୁ ଗୋଡାଇ ମାଡ଼ି ବସିଥିଲେ। ସେମାନଙ୍କ ନିକଟରୁ ଟଙ୍କା ଭର୍ତ୍ତି ଟ୍ରଙ୍କ, ୪ଟି ପିସ୍ତଲ,

☞ପୃଷ୍ଠା-୪



## ସଂକ୍ଷେପରେ

### ୟୁପି ନିର୍ବାଚନ ରଣନୀତି ପ୍ରସ୍ତୁତି ଲାଗି ଭାଜପା ବୈଠକ

ନୂଆଦିଲ୍ଲୀ, ୧୧।୧୦: ଉତ୍ତରପ୍ରଦେଶରେ ଆସନ୍ତା ବର୍ଷ ଆରମ୍ଭରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ସୋମବାର ଭାଜପା ଶୀର୍ଷ ନେତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳର ସାଂଗଠନିକ ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ସ୍ୱତନ୍ତ୍ର ଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବର୍ତ୍ତମାନର ୟୁପି ସ୍ଥିତି ଏବଂ ନିର୍ବାଚନ ରଣନୀତି ନେଇ ଆଲୋଚନା ହୋଇଥିଲା। ୧୦୦ ଦିନରେ ୧୦୦ କାର୍ଯ୍ୟକ୍ରମ ଲାଗି ଦଳ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି।

### ପର୍ଯ୍ୟାପ୍ତ ଘର ନାହିଁ, ଅସୁବିଧାରେ ବିଧାୟକ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ): ବିଧାୟକମାନଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରି ସେମାନଙ୍କୁ ଆବଣ୍ଟନ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି । ଭୁବନେଶ୍ୱରରେ ପର୍ଯ୍ୟାପ୍ତ ଗୃହ ନ ଥିବାରୁ ବିଧାୟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ଏହାର ସ୍ଥାୟୀ ସମାଧାନ ପାଇଁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଏ ସଂକ୍ରାନ୍ତୀୟ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥାଇ ଭୁବନେଶ୍ୱର କେନ୍ଦ୍ରସ୍ଥଳରେ ଏକ ବହୁତଳ ବିଶିଷ୍ଟ ଆବାସିକ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ଏଥିପାଇଁ ୭୦ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ସ୍ଥଳେ ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୪୦୦ କୋଟି ଟଙ୍କା ରହିଛି। ଅତିରିକ୍ତ ବଜେଟରେ ସରକାରଙ୍କ ତରଫରୁ ୫୦ କୋଟି ଟଙ୍କା ଅଲଗା ଏକ ହେଡ୍ ଅଫ୍ ଆକାଉଣ୍ଟରେ ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ପୂର୍ତ୍ତ ବିଭାଗ ସଚିବ, ଇଷ୍ଟେଟ୍ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥୀ ଯୋଗଦେଇଥିଲେ ।

# ୪୪୭ କୋଟି ପାଇଛନ୍ତି ୧୪ ଆଞ୍ଚଳିକ ଦଳ

**ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ଚାନ୍ଦା**

- ଆୟରୁ ଅଧିକ ଖର୍ଚ୍ଚ କରିଛି ବିଜେଡି
- ଟିଆର୍ଏସ୍ ପାଇଛି ସର୍ବାଧିକ ଟଙ୍କା
- ଏଡିଆର୍ ରିପୋର୍ଟ

କୋଲାମ, ୧୧।୧୦

ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ସଂଗ୍ରହ କରିଥିବା ଚାନ୍ଦା ବାବଦରେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର୍) ରିପୋର୍ଟ ପ୍ରକାଶ ପାଇଛି। ବିଜୁ ଜନତା ଦଳ (ବିଜେଡି), ଆମ୍ ଆଦମୀ ପାର୍ଟି(ଏଏପି), ଦ୍ରାବିଡ ମୁନେତ୍ରା କାଜାଗମ୍ (ଡିଏମ୍‌କେ), ସଂଯୁକ୍ତ ଜନତା ଦଳ ବା ଜେଡିୟୁ, ଶିବସେନା ସମେତ ମୋଟ ୧୪ ଆଞ୍ଚଳିକ ଦଳ ୨୦୧୯-୨୦ ବର୍ଷରେ ୪୪୭.୪୯ କୋଟି ଟଙ୍କା ସଂଗ୍ରହ କରିଛନ୍ତି, ଯାହା କି ସେମାନଙ୍କ ମୋଟ ଆୟର ୫୦.୯୭ ପ୍ରତିଶତ। ସେହିପରି ୪୨ ଆଞ୍ଚଳିକ ଦଳର ମୋଟ ଆୟ ୮୭୭.୯୫୭ କୋଟି ଟଙ୍କା ରହିଥିବା ଏଥିରେ ଦର୍ଶାଯାଇଛି।

ଟିଆର୍ଏସ୍ ପାର୍ଟିକୁ ସର୍ବାଧିକ ୧୩୦.୪୬ କୋଟି ଟଙ୍କା ମିଳିଛି। ସମସ୍ତ ଦଳର ମୋଟ ଆୟର ଏହା ୧୪.୮୬ ପ୍ରତିଶତ। ସେହିପରି ଶିବସେନାର ଆୟ ଉକ୍ତ ଆର୍ଥିକ ବର୍ଷରେ ୧୧୧.୪୦୩ କୋଟି (୧୨.୬୯%) ଏବଂ ୱାଇଏସ୍ଆର୍-ସି ୯୨.୭୩୯ କୋଟି (୧୦.୫୬%) ଆୟ କରିଛି। ତେବେ ୧୪ଟି ଦଳ ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ୪୪୭.୪୯୮ କୋଟି ଟଙ୍କା ଆୟ କରିଥିବା ନେଇ ଘୋଷଣା କରିଥିବା ଏଡିଆର୍ କହିଛି। ସେଗୁଡ଼ିକ ହେଲେ ଟିଆର୍ଏସ୍, ଟିଡିପି, ୱାଇଏସ୍ଆର୍-ସି, ବିଜେଡି, ଡିଏମ୍‌କେ, ଶିବସେନା, ଏଏପି, ଜେଡିୟୁ, ଏସ୍‌ପି, ଜେଡିଏସ୍, ଏସ୍ଏଡି, ଏଆଇଏଡିଏମ୍‌କେ, ଆର୍‌ଜେଡି ଏବଂ ଜେଏମ୍ଏମ୍। ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷର ଡାଟା ଅନୁସାରେ ୨୩ଟି ଦଳର ଆୟ ବଢ଼ିଥିବାବେଳେ ୧୬ଟି ପାର୍ଟିଙ୍କ ଆୟ କମିଛି। ୩୯ଟି ଦଳର ମୋଟ ଆୟ ୨୦୧୮-୧୯ରେ ୧୦୮୭.୨୦୬ କୋଟି ଥିବାବେଳେ ୨୦୧୯-୨୦ରେ ୮୭୪.୪୬୭ କୋଟିକୁ ହ୍ରାସ ପାଇଛି।

ସେହିପରି ୨୪ଟି ଦଳ ୨୦୧୯-୨୦ ଆର୍ଥିକ ବର୍ଷରେ ସେମାନଙ୍କ ସମସ୍ତ ଆୟ ଖର୍ଚ୍ଚ କରି ନ ଥିବାବେଳେ ୧୮ଟି ଆୟଠାରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରୁ ବିଜେଡି ୯୫.୭୮ କୋଟି ବା ଆୟର ୧୦୬.୦୧ ପ୍ରତିଶତ ଖର୍ଚ୍ଚ କରିଦେଇଥିବା ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି।

# ଭାଜପାରେ ମିଶିଲେ ଦେବେନ୍ଦର, ସୁର୍‌ଜିତ


ସୁର୍‌ଜିତ ସିଂ ସ୍ଲାଥିଆ


ଦେବେନ୍ଦର ରାଣା

ନୂଆଦିଲ୍ଲୀ, ୧୧।୧୦

ନ୍ୟାଶନାଲ କନ୍ଫରେନ୍ସରୁ ଇସ୍ତଫା ଦେବାର ଦିନକ ପରେ ବରିଷ୍ଠ ନେତା ଦେବେନ୍ଦର ରାଣା ଏବଂ ସୁର୍‌ଜିତ ସିଂ ସ୍ଲାଥିଆ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହରଦୀପ୍ ସିଂ ପୁରୀ ଓ ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଦେବେନ୍ଦର ଓ ସୁର୍‌ଜିତ ପଦ୍ମ ଧରିଛନ୍ତି। ପୂର୍ବତନ ବିଧାୟକ ଦେବେନ୍ଦର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ସାନଭାଇ। ସେ ପୂର୍ବତନ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ନେତା ଓମାର ଅବଦୁଲ୍ଲାଙ୍କ ରାଜନୈତିକ ପରାମର୍ଶଦାତା ଥିଲେ। ଜମ୍ମୁ-କଶ୍ମୀର ଦାୟିତ୍ୱରେ ଥିବା ଭାଜପା ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ରାଜ୍ୟ ସଭାପତି ରବିନ୍ଦର ରାଇନା ଉଭୟ ଦେବେନ୍ଦର ଓ ସୁର୍‌ଜିତଙ୍କୁ ଦଳରେ ସ୍ୱାଗତ କରିଛନ୍ତି।


କଂଗ୍ରେସରେ ଯୋଗଦେଇଥିବା ଯଶପାଲ ଆର୍ଯ୍ୟ ଓ ସଞ୍ଜୀବ ଆର୍ଯ୍ୟଙ୍କୁ ରାହୁଲ ଗାନ୍ଧୀ ସ୍ୱାଗତ କରୁଛନ୍ତି ।

# ଉତ୍ତରାଖଣ୍ଡ ମନ୍ତ୍ରୀ, ତାଙ୍କ ପୁଅ କଂଗ୍ରେସରେ ମିଶିଲେ

ନୂଆଦିଲ୍ଲୀ, ୧୧।୧୦

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ମନ୍ତ୍ରୀ ଯଶପାଲ ଆର୍ଯ୍ୟ ଓ ତାଙ୍କ ପୁତ୍ର ତଥା ନୈନିତାଲ ବିଧାୟକ ସଞ୍ଜୀବ ଆର୍ଯ୍ୟ ଭାଜପା ଛାଡ଼ି ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି । ଫଳରେ ଶାସକ ଦଳକୁ ଶକ୍ତ ଧକ୍କା ଲାଗିଛି । ଭଜପା ନେତୃତ୍ୱାଧୀନ ଉତ୍ତରାଖଣ୍ଡ ସରକାରରେ ଯଶପାଲ ପରିବହନ ମନ୍ତ୍ରୀ ଥିଲେ । ଦିଲ୍ଲୀରେ ନେତା ହରିଶ ରାୱତ, ରଣଦୀପ୍ ସୁର୍ଜେୱାଲା ଏବଂ କେ.ସି. ବେଣୁଗୋପାଳଙ୍କ ଉପସ୍ଥିତିରେ ଯଶପାଲ ଓ ସଞ୍ଜୀବ କଂଗ୍ରେସରେ ଯୋଗଦେଇଛନ୍ତି। ଏହା ବାପ-ପୁଅଙ୍କ ଘରବାହୁଡ଼ା ବୋଲି ବେଣୁଗୋପାଳ କହିଛନ୍ତି। ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଯଶପାଲ ଉତ୍ତରାଖଣ୍ଡ ପିସିସି ସଭାପତି ଥିଲେ। ଯଶପାଲ ଓ ସଞ୍ଜୀବ ଦଳକୁ ଫେରିଥିବାରୁ ଉତ୍ତରାଖଣ୍ଡରେ ସରକାର ବିରୋଧୀ ହାୱା ବହୁଥିବା ସ୍ପଷ୍ଟ ହୋଇଛି ବୋଲି ବେଣୁଗୋପାଳ କହିଛନ୍ତି।

# ଟିକା ସାର୍ଟିଫିକେଟକୁ ନେଇ ମୋଦି-ବୋରିସ ଆଲୋଚନା

ନୂଆଦିଲ୍ଲୀ, ୧୧।୧୦


ବୋରିସ ଜନ୍‌ସନ


ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଟେଲିଫୋନ୍ ଯୋଗେ ତାଙ୍କ ବ୍ରିଟିଶ ପ୍ରତିପକ୍ଷ ବୋରିସ ଜନ୍‌ସନଙ୍କ ସହ ଆଲୋଚନା କରିଛନ୍ତି। ଭାରତର କୋଭିଡ୍ ଟିକା ସର୍ଟିଫିକେଟକୁ ବ୍ରିଟିଶ ସ୍ୱୀକୃତି ଦେଇଥିବାରୁ ମୋଦି ଏହାକୁ ସ୍ୱାଗତ କରିଥିଲେ। ତାଲିବାନ ସହ ଆଲୋଚନା ଲାଗି ସମନ୍ୱିତ ଅନ୍ତର୍ଜାତୀୟ ଦୃଷ୍ଟିକୋଣର ଆବଶ୍ୟକତାକୁ ନେଇ ଉଭୟ ନେତା ରାଜି ହୋଇଥିବା ବ୍ରିଟେନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

କୋଭିଶିଲ୍ଡ କିମ୍ବା ବ୍ରିଟିଶ ଅନୁମୋଦିତ ଯେକୌଣସି ଟିକାର ଦୁଇଟି ଡୋଜ୍ ନେଇଥିବା ଭାରତୀୟ ୧୧ ତାରିଖରୁ ବ୍ରିଟେନ ଆସିଲେ ୧୦ ଦିନିଆ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ ବୋଲି ୪ ଦିନ ପୂର୍ବରୁ ବୋରିସ୍ ସରକାର ଘୋଷଣା କରିଥିଲେ। ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ କରୋନା ମହାମାରୀ ମୁକାବିଲାରେ ସହଯୋଗ ଏବଂ ଅନ୍ତର୍ଜାତୀୟ ଗମନାଗମନ ସୁଗମ କରିବା ଉପରେ ଆଲୋଚନା ହୋଇଥିଲା । ଆମେରିକା-ବ୍ରିଟେନ ସମ୍ପର୍କ ବଢ଼ାଇବା ଏବଂ ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଥିବା ଜଳବାୟୁ ସମିଟ୍ ସମ୍ପର୍କରେ ମଧ ମୋଦି ଓ ବୋରିସ୍ କଥା ହୋଇଥିଲେ ବୋଲି ବ୍ରିଟିଶ୍ ହାଇକମିଶନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ୍, ଖାଇବା ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ସୋମବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

# ବାଜି ରାଉତ ଓଡ଼ିଆ ଜାତିର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)



ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ 'ଶହୀଦ ବୀର ବାଜି ରାଉତ' ଓଡ଼ିଆ ଜାତିର ବୀରତ୍ୱ, ଶୌର୍ଯ୍ୟ ଏବଂ ସାହସ ତଥା ଅସ୍ମିତାର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଢେଙ୍କାନାଳ ଜିଲା ନୀଳକଣ୍ଠପୁରଠାରେ 'ବାଜି ରାଉତ ସ୍ମୃତି ପରିଷଦ, ପକ୍ଷରୁ ଆୟୋଜିତ ଶ୍ରାଦ୍ଧୋତ୍ସବ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବାଜି ରାଉତଙ୍କ ସମେତ ଅନ୍ୟ ସଂଗ୍ରାମୀ ହୁରୁଷୀ ପ୍ରଧାନ, ଲକ୍ଷ୍ମଣ ମଲିକ, ନଟ ମଲିକ ଏବଂ ଫଗୁ ସାହୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି। ଓଡ଼ିଶା ହେଉଛି ଆଧ୍ୟାତ୍ମିକ ଚେତନାର ପବିତ୍ର ଭୂଇଁ। ଏହି ପବିତ୍ର ମାଟି ହେଉଛି, ଅଦମ୍ୟ ସାହସ, ବୀରତ୍ୱ ଏବଂ ସାଲିସ୍ ବିହୀନ ସଂଘର୍ଷର ମାଟି। ମହୋଦଧି କୂଳରେ ଓଡ଼ିଶା ମାଟିର ଅଧିବାସୀମାନେ ହେଲେ କପଟଶୂନ୍ୟ, ସରଳ ଓ ପରିଶ୍ରମୀ। ବୀର ଓଡ଼ିଆଙ୍କ ଧମନୀରେ ଶୌର୍ଯ୍ୟ ଦୌଡ଼େ। ସେହି ଓଡ଼ିଆ ଜାତିର ଅଦମ୍ୟ ସାହସର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବାଜି ରାଉତ। ସେ ଭାରତବର୍ଷର ମୁକ୍ତି ସଂଗ୍ରାମର ସର୍ବକନିଷ୍ଠ ସୈନିକ। ବାଜି ରାଉତ ଥିଲେ ଅଳ୍ପ ବୟସର, ଅଥଚ ମନରେ ଥିଲା ବ୍ୟାପକ ସାହସ। ବ୍ରିଟିଶଙ୍କ ଆଦେଶକୁ ଅମାନ୍ୟକରି ଗୁଳି ଖାଇ ଶହୀଦ ହୋଇଥିଲେ ବାଜି ରାଉତ। କବି ସଚ୍ଚି ରାଉତରାୟଙ୍କ କବିତା ହେଉଛି ବାଜି ରାଉତଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସୈନିକ ବାଜି ରାଉତଙ୍କ ସାହସ, ବୀରତ୍ୱ ଏବଂ ବଳିଦାନ ଆମ ସମସ୍ତଙ୍କ ପାଇଁ ଦେଶପ୍ରୀତି ନିମନ୍ତେ ପ୍ରେରଣାର ଅନନ୍ତ ଉତ୍ସ ଏବଂ ଅଲିଭାଦୀପ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଚାଷୀଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

## ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ପରେ ବଢ଼ିଲା ରାଜନୀତି

- ୨ ମାସ ପରେ ମୁଖ୍ୟମନ୍ତ୍ରୀ କାହିଁକି ଚିଠି ଲେଖିଲେ: ଭାଜପା
- ଓଡ଼ିଶାରୁ ଉଷୁନା ଚାଉଳ ଉଠାଇବା ଦାବି ରଖିବା ଉଚିତ: ବିଜେଡି

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ରାଜ୍ୟରୁ ବଳକା ଉଷୁନା ଚାଉଳ ଉଠାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିବା ପରେ ଏହାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତି। ଏହି ଚିଠିରୁ ମିଲରଙ୍କ ପ୍ରତି ରାଜ୍ୟ ସରକାରଙ୍କ ଥିବା ଦରଦ କଥା ବୁଝାପଡୁଛି ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି ମଧ ଭାଜପାକୁ ପଲଟା ଜବାବ୍ ଦେଇଛି।

ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ଦୁଇ ମାସ ତଳେ ଏନେଇ କେନ୍ଦ୍ର ସରକାର ବୈଠକ କରିଥିଲେ। ହେଲେ ବୈଠକର ୨ ମାସ ପରେ ମୁଖ୍ୟମନ୍ତ୍ରୀ କାହିଁକି ଚିଠି ଲେଖିଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଚାଷୀଙ୍କ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଗତ ରବି ଋତୁରେ ୭ ହଜାର ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲା। ବସ୍ତା ପରିବହନ ସକାଶେ କେନ୍ଦ୍ର ଦେଉଥିବା ୨୨୦୦ କୋଟି ଟଙ୍କା ମିଲରଙ୍କ ସହାୟତାରେ ରାଜ୍ୟ ସରକାର ଲୁଟ୍ କରିଛନ୍ତି। ଚାଷୀଙ୍କ ପାଇଁ କେନ୍ଦ୍ର କରିଥିବା କିଷାନ ସମ୍ମାନନିଧି ଯୋଜନାରେ ଚାଷୀଙ୍କ ତଥ୍ୟ ଦେଲେନି। ଚାଷୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ଦାମ୍‌ରେ ଧାନ ବିକୁଛନ୍ତି। କଟନୀ, ଛଟନୀ ନାଁରେ ମିଲର ଧାନ ଉଠାଉଛନ୍ତି। ରାଜ୍ୟ ସରକାର ଧାନ ନ କିଣି କେନ୍ଦ୍ର ଉପରେ ଦୋଷ ଲଦିବା ସହ ନିଜ ଦୁର୍ବଳତାକୁ ଲୁଚାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ପୁରୋହିତ ପ୍ରଶ୍ନ କରିଛନ୍ତି। ୨୦୨୦-୨୧ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ବଳକା ଚାଉଳ ଏଫସିଆଇ ଦ୍ୱାରା ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ ପାଖରେ ଥିବା ୭ ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳକୁ ମଧ ନିର୍ଦ୍ଧାରିତ ସମୟ ଭିତରେ ଏଫସିଆଇ ଦ୍ୱାରା ଗ୍ରହଣ କରାଯିବ। ରାଜ୍ୟ ସରକାର ନିଜ ଦୁର୍ବଳତା ଲୁଚାଇବା ପାଇଁ କାହିଁକି ଚେଷ୍ଟା କରୁଛନ୍ତି ବୋଲି ପୁରୋହିତ ପ୍ରଶ୍ନ ଉଠାଇଛନ୍ତି।

ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସଞ୍ଜୟ ଦସାବର୍ମା କହିଛନ୍ତି, କୃଷକଙ୍କ ସ୍ୱାର୍ଥ ସପକ୍ଷରେ ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଥିବା କଥା ପ୍ରଦୀପ ପୁରୋହିତ କହିବେ ବୋଲି ଆଶା କରାଯାଉଥିଲା । ହେଲେ ଏହା ବଦଳରେ ସେ ଲକ୍ଷାଧିକ କୃଷକ ଏବଂ ସେମାନଙ୍କ ପରିବାରକୁ ପ୍ରଭାବିତ କରୁଥିବା ସମ୍ବେଦନଶୀଳ ପ୍ରସଙ୍ଗର ରାଜନୀତିକରଣ କରିବାକୁ ଚେଷ୍ଟା କରିଛନ୍ତି। କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ପରିବର୍ତ୍ତେ କେନ୍ଦ୍ରରେ ତାଙ୍କ ଦଳ ଦ୍ୱାରା ପରିଚାଳିତ ସରକାର ଓଡିଶାରୁ କିଭଳି ନିୟମିତ ଭାବେ ଉଷୁନା ଚାଉଳ ଉଠାଇବେ ସେହି ଦାବି କରିବା ଉଚିତ୍। ଏହାଦ୍ୱାରା କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷିତ କରାଯାଇପାରିବ । ଓଡ଼ିଶା ବିଧାନସଭାର ଜଣେ ବିଧାୟକ ଭାବେ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଆସିଥିବା ସଂକଳ୍ପକୁ ସମର୍ଥନ କରିଥିବାବେଳେ ଆଜି କିନ୍ତୁ ଚୁପ୍ ଅଛନ୍ତି। ସେ କେବଳ କୃଷକ ପ୍ରସଙ୍ଗରେ ରାଜନୀତି କରୁଛନ୍ତି। ତାଙ୍କର ଏହି ଚାଷୀ ବିରୋଧୀ ମାନସିକତା ଆଜି ଓଡିଶା କୃଷକଙ୍କ ସମ୍ମୁଖରେ ଧରା ପଡିଯାଇଛି ବୋଲି ସଞ୍ଜୟ କହିଛନ୍ତି।

# କଂଗ୍ରେସର ମୌନ ପ୍ରତିବାଦ, କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି

## ଆନ୍ଦୋଳନରତ କୃଷକଙ୍କ ଉପରକୁ ଗାଡ଼ି ଚଢ଼ାଇବା ଘଟଣା

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ନୂଆ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଉତ୍ତର ପ୍ରଦେଶର ଲଖିମ୍‌ପୁର ଖେରିଠାରେ ଆନ୍ଦୋଳନରତ କୃଷକଙ୍କୁ ଗାଡ଼ି ଚଢାଇ ମାରିବା ଘଟଣାକୁ ନେଇ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନକ୍ରମେ ସୋମବାର ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳ କଂଗ୍ରେସ ଦେଶବ୍ୟାପୀ ମୌନ ଧାରଣା ଦେବା ସହ ଏହାର ଦୃଢ଼ ପ୍ରତିବାଦ କରିଛି। ଏହିକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ମୌନ ପ୍ରତିବାଦ କରାଯାଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ନିରଞ୍ଜନ କହିଥିଲେ, କୃଷକମାନେ ହେଉଛନ୍ତି ଦେଶର ଅନ୍ନଦାତା। କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ପୁଅ ଆଶିଷ ଓ ତାଙ୍କ ସମର୍ଥକ ଯେଉଁଭଳି ଭାବରେ ସେମାନଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କଲେ ତାହା ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଏହି ଘଟଣାରେ ଆମେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। କଂଗ୍ରେସ ଦଳ ସର୍ବଦା ଅନ୍ନଦାତାଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଛି ଓ ଆଜି ମଧ ସେମାନଙ୍କ ପଛରେ ଦୃଢ ଭାବରେ ଛିଡା ହୋଇଛି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ତା'ର ସଂଗ୍ରାମ ଜାରି ରଖିବ ବୋଲି ସେ କହିଛନ୍ତି।

ଧାରଣାରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୁରେଶ କୁମାର ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ନକୁଳ ନାୟକ, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଅନୁଲେଖା ବୋଷା, ଜ୍ଞାନଦେବ ବେଉରା, ଅମିୟ କୁମାର ପଟ୍ଟନାୟକ, ଦୀପକ ମହାପାତ୍ର, ରଶ୍ମି ମହାପାତ୍ର, ବନ୍ଦିତା ପରିଡ଼ା, ପଦ୍ମାକର ଗୁରୁ, ଯାସିର ନୱାଜ, ବିଶ୍ୱଭୂଷଣ ମହାପାତ୍ର, ପ୍ରଣତୀ ମିଶ୍ର, ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ସୋମବାର ମୌନ ପ୍ରତିବାଦ କରାଯାଇଛି।

# ଦଶହରା, ଦୀପାବଳିରେ ଦର୍ଶନ ବନ୍ଦ



ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର।

- କୁମାରପୂର୍ଣ୍ଣିମାରେ ଶ୍ରୀମନ୍ଦିର ଯାଇପାରିବେ ଶ୍ରଦ୍ଧାଳୁ
- ଏଥର ହବିଷିଆଳୀଙ୍କ ପାଇଁ ହେବନାହିଁ କୌଣସି ବ୍ୟବସ୍ଥା
- ୧୮ରେ ପରିକ୍ରମା ପ୍ରକଳ୍ପର ଭୂମି ପୂଜନ କରିବେ ମୁଖ୍ୟମନ୍ତ୍ରୀ



**ପୁରୀ ଅଫିସ,୧୧।୧୦**

ଦଶହରା, ଦୀପାବଳି, ବଡ଼ ଏକାଦଶୀ ଓ କାର୍ତ୍ତିକପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ପୂର୍ବଭଳି ସବୁ ରବିବାର ମଧ୍ୟ ଦର୍ଶନ ବନ୍ଦ ରହିବ। ତେବେ ୨୦ ତାରିଖ କୁମାରପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ହେବ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୮ତାରିଖରେ ପୁରୀ ଆସି ପରିକ୍ରମା ଯୋଜନାରେ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରିବେ। ସୋମବାର ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, କରୋନା ସଂକ୍ରମଣ ଯୋଗୁ ଚଳିତବର୍ଷ ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନା ବନ୍ଦ ରହିବ। ହବିଷିଆଳିଙ୍କ ପାଇଁ କୌଣସି ବ୍ୟବସ୍ଥା ହେବ ନାହିଁ। ତେଣୁ କାର୍ତ୍ତିକ ବ୍ରତ ଓ ଧର୍ମମାସ ପାଳନ ପାଇଁ ହବିଷିଆଳି ପୁରୀ ନ ଆସିବାକୁ ପରାମର୍ଶ ଦିଆଯାଇଛି। ମାତ୍ର କେହି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଚାହିଁଲେ ଆସିପାରିବେ।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, କାର୍ତ୍ତିକ ମାସରେ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ଏଥର ହବିଷିଆଳିଙ୍କ ପାଇଁ କୌଣସି ବ୍ୟବସ୍ଥା ହେବ ନାହିଁ। ମାତ୍ର ମହାପ୍ରସାଦ ସେବନ ଓ ବିକ୍ରି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଅଧିକାରୀ କିମ୍ବା ସେବାୟତ ଯେ କେହି ପାରମ୍ପରିକ ବେଶ ପୋଷାକରେ ଭିତରକାଠ ଆଗକୁ ବା ଗର୍ଭଗୃହକୁ ଯାଇପାରିବେ। କୁମାରପୂର୍ଣ୍ଣିମା ପରଠାରୁ ସେବାୟତମାନେ ପାରମ୍ପରିକ ବେଶ ପୋଷାକରେ ପୋଖରିଆ ଭିତରକୁ ଯିବେ। ସେହିପରି ଦୀପାବଳି ପରଦିନଠାରୁ ପୋଖରିଆ ଭିତରକୁ ଗଲେ ପାରମ୍ପରିକ ବେଶ ପୋଷାକରେ ଯିବାକୁ ବାଧ୍ୟ। ପ୍ରଥମ ପର୍ଯ୍ୟାୟରେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ କିଛି ନିଷ୍ପତ୍ତି ନିଆଯିବ।

ଅନ୍ୟପକ୍ଷରେ ନାବାଳିକା ଅସଦାଚରଣ ଘଟଣାରେ କୌଣସି ସେବାୟତ ସମ୍ପୃକ୍ତ ନ ଥିଲେ। ତେଣୁ ସମ୍ବେଦନଶୀଳ ହୋଇ ଖବର ପ୍ରସାରଣ କରାଯିବା ଉଚିତ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ପୋଲିସ ପକ୍ଷରୁ ଜାରି ବିବୃତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୂଜକ ବୋଲି ଉଲ୍ଲେଖ କରାଯାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଦର୍ଶାଇଥିଲେ। ସେହିପରି ଶ୍ରୀମନ୍ଦିରରେ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବିକୁ ମୁଖ୍ୟ ପ୍ରଶାସକ ଗ୍ରହଣ କରିନାହାନ୍ତି। ମୁଖ୍ୟ ପ୍ରଶାସକ କହିଛନ୍ତି, ଲୋକଙ୍କ ନିରାପତ୍ତା ଓ ସୁରକ୍ଷାକୁ ପ୍ରାଥମିକତା ଦେଉଛୁ। ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ପ୍ରଶାସନିକ ସ୍ତରରେ ସମୟ ଦରକାର। ବର୍ତ୍ତମାନ ପାଇଁ ସମସ୍ତଙ୍କୁ ସମାନ ଦର୍ଶନ ସୁବିଧା ମିଳିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉକ୍ତ ବୈଠକରେ ମୁଖ୍ୟ ପ୍ରଶାସକଙ୍କ ସମେତ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପରିଚାଳନା କମିଟି ଏବଂ ଛତିଶା ନିଯୋଗର ସଦସ୍ୟମାନେ ଯୋଗଦେଇଥିଲେ।

# ଶ୍ରୀମନ୍ଦିର ପାଇଁ ୧୯୦ କୋଟି ବଜେଟ

**ପୁରୀ ଅଫିସ,୧୧।୧୦**

ଶ୍ରୀମନ୍ଦିର ପରିଚାଳନା କମିଟିର ଅର୍ଥ ସବ୍‌କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀମନ୍ଦିର ଅର୍ଥ ବଜେଟ୍ ଆଗତ ହୋଇଛି। ପରିଚାଳନା କମିଟି ଗଠନରେ ବିଳମ୍ବ ଯୋଗୁ ବଜେଟ୍ ପ୍ରସ୍ତୁତ ହୋଇପାରି ନ ଥିଲା। ଏବେ ଚଳିତ ବର୍ଷର ୧୯୦ କୋଟି ୨୬ ଲକ୍ଷ ୫ ହଜାର ୩ଶହ ୬ ଟଙ୍କାର ବଜେଟ୍ ଆଗତ କରାଯାଇଛି। ଚଳିତବର୍ଷ ଖଣି, ସୈରାତ୍ ଓ ରାଜସ୍ୱ ଆଦାୟ ଅଧିକ ରହିବ ବୋଲି ଆଶା କରାଯାଉଛି। ରାଜସ୍ୱ ଆଦାୟ ଅର୍ଥ ମହାପ୍ରଭୁଙ୍କ ରଥଯାତ୍ରା, ନୀତିକାନ୍ତି ସମେତ ସେବାୟତଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ବିକାଶରେ ଖର୍ଚ୍ଚ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି।

## ରାଜସ୍ୱ ବଢ଼ିବ କହିଲେ ମୁଖ୍ୟ ପ୍ରଶାସକ

ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ରାଜସ୍ୱ ଆଦାୟ ବଢ଼ିବ। ମୁଖ୍ୟତଃ ପଥର ଖଣି ନିଲାମରୁ ଶ୍ରୀମନ୍ଦିର ପ୍ରଶାସନ ଅର୍ଥ ରୋଜଗାର କରିବ। ପଥର ଖଣିକୁ ନେଇ କ୍ଲିୟରରାନ୍ସ ମିଳିପାରି ନ ଥିଲା ଏବେ ଏସବୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ଓ ଖୁବଶୀଘ୍ର ଆୟ ହେବ। ସେବାୟତ ବର୍ଗଙ୍କ ପାଇଁ ଗୁରୁକୁଳ ଓ ଛାତ୍ରବୃତ୍ତିକୁ ପ୍ରାଥମିକତା ଦେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେବାୟତ ବର୍ଗଙ୍କ ସାମଗ୍ରିକ କଲ୍ୟାଣ ଓ ବାସଗୃହ ଯୋଜନାକୁ ପ୍ରାଥମିକତା ଦିଆଯିବ। ରାଜସ୍ୱ ବାବଦକୁ ୧୦୬ କୋଟି ୮୯ ଲକ୍ଷ ୮୫ ହଜାର ୩୦୬ ଟଙ୍କା ଆୟ ହେବାକୁ ଥିବାବେଳେ ୮୫ କୋଟି ୭୫ ଲକ୍ଷ ୨୦ ହଜାର ୧୧୦ ଟଙ୍କା ବ୍ୟୟ କରାଯିବ। ସେହିଭଳି ପୁଞ୍ଜି ବାବଦକୁ ୮୩ କୋଟି ୩୬ ଲକ୍ଷ ୨୦ ହଜାର ଟଙ୍କା ଆୟ ହେବାକୁ ଥିବା ବେଳେ ୧୦୪ କୋଟି ୧୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯିବ। ଏହିଭଳି ଭାବେ ଆୟ ଓ ବ୍ୟୟକୁ ସମାନ କରାଯାଇ ୧୯୦ କୋଟି ୨୬ ଲକ୍ଷ ୫ ହଜାର ୩୦୬ ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଛି। ଉଲ୍ଲେଖଯୋଗ୍ୟ ୨୦୨୦-୨୧ରେ ୧୬୭ କୋଟି ୪୨ ଲକ୍ଷ ୩୧ ହଜାର ୨୧୮ ଟଙ୍କା ଓ ୨୦୧୯-୨୦ରେ ୧୩୮ କୋଟି ୨୮ ଲକ୍ଷ ୭୨ ହଜାର ୮୨୨ ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଥିଲା।

# ଚାଷଜମିରେ ପାଉଁଶପାଣି

## ତଦନ୍ତ କରି ଫେରିଲା ଟିମ୍

**ଯାଜପୁର ଅଫିସ,୧୧।୧୦**

ଯାଜପୁର ଜିଲା ଦେଇ ଯାଇଥିବା ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟ ପାଉଁଶକୁ ବ୍ୟବହାର କରାଯାଉଛି। ରାସ୍ତାକଡ଼ରେ ପାହାଡ଼ ଭଳି ପାଉଁଶ ଗଦା ହୋଇଥିବା ଦେଖିବାକୁ ମିଳିଛି। ବର୍ଷାହେଲେ ଏହି ପାଉଁଶ ମିଶା ପାଣି ଗ୍ରାମ ଭିତରକୁ ଏବଂ ଚାଷ ଜମିରେ ମିଶୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି। ଏନେଇ ଗତ ୨୯ ତାରିଖରେ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ସୋମବାର ଏକ ତଦନ୍ତକାରୀ ଟିମ୍ ପରିଦର୍ଶନ କରି ଫେରିଛି। ଉକ୍ତ ଟିମ୍‌ରେ ଚଣ୍ଡିଖୋଲ ଆରଟିଓ ରହିଛନ୍ତି। ଏନ୍‌ଏଚ୍ କଡ଼ ବାଲିସାହି ଗ୍ରାମ ନିକଟ ପାଉଁଶ ଗଦା ଓ ରାସ୍ତାରୁ ଚାଷଜମିକୁ ବିପୁଳ ପରିମାଣର ପାଉଁଶ ପାଣି ମିଶୁଥିବା ସେମାନଙ୍କ ଦୃଷ୍ଟିଗୋଚର ହୋଇଥିବା ଜଣାପଡିଛି। ତଦନ୍ତକାରୀ ଟିମ୍ ସଦସ୍ୟଙ୍କୁ କ୍ଷତିଗ୍ରସ୍ତ ଚାଷୀ ଭେଟି କ୍ଷତିପୂରଣ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ବାୟୁ ଓ ଜଳ ପ୍ରଦୂଷଣ ଆଇନକୁ ଉଲ୍ଲଂଘନ କରି ଠିକାସଂସ୍ଥା ଲୋକଙ୍କ ଜୀବନ ସହ ଖେଳ ଖେଳୁଛି। ଖରାଦିନେ ଏନ୍‌ଏଚ୍ କଡ଼ ଗ୍ରାମବାସୀ ବାୟୁ ପ୍ରଦୂଷଣରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଥିବାବେଳେ ଚଳିତ ବର୍ଷା ଦିନରେ ପାଉଁଶ ମିଶ୍ରିତ ପାଣି ଯୋଗୁ ସେମାନଙ୍କ ଫସଲ ଉଜୁଡ଼ିଛି।

# ମା'ଶାରଳା ମନ୍ଦିରରେ ୧୪୪ ଧାରା

**ଜଗତ୍‌ସିଂହପୁର ଅଫିସ୍, ୧୧।୧୦:** ଦୁର୍ଗାପୂଜା ସମୟରେ କନକପୁରସ୍ଥିତ ମା'ଶାରଳା ମନ୍ଦିରରେ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। କୋଭିଡ୍-୧୯ ଓ ଗହଳିକୁ ଦୃଷ୍ଟିରେ ରଖି ଏସ୍‌ଡିଏମ୍ (ସବ୍ ଡିଭିଜିନାଲ ମାଜିଷ୍ଟ୍ରେଟ୍) ଧର୍ମେନ୍ଦ୍ର ମଲ୍ଲିକ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଉକ୍ତ ମନ୍ଦିର ପରିସରରେ ୧୪୪ ଧାରା ଜାରି କରିଛନ୍ତି। ଏହି ଆଇନ୍ ଅନୁଯାୟୀ ୪ ଜଣରୁ ଅଧିକ ଲୋକ ଶାରଳା ମନ୍ଦିର ପରିସରରେ ଏକାଠି ହୋଇପାରିବେ ନାହିଁ। ମନ୍ଦିର ପ୍ରଶାସନ ସର୍ବନିମ୍ନ ପୂଜକ, ସେବକ ଆଦିଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ କରିବେ। ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ ପ୍ରେସ ବିବୃତିରେ ଦର୍ଶାଯାଇଛି।




# ଶଯ୍ୟାଶାୟୀଙ୍କୁ ଘରେ ଦିଆଯିବ କରୋନା ଟିକା

**କଟକ ଅଫିସ,୧୧।୧୦:** ବାର୍ଦ୍ଧକ୍ୟ ଜନିତ ହେଉ କିମ୍ବା କୌଣସି ରୋଗରେ ଶଯ୍ୟାଶାୟୀ ଥିଲେ, ସେମାନେ ଘରେ ଟିକା ନେଇପାରିବେ। ଏ ନେଇ ସୋମବାର କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶଯ୍ୟାଶାୟୀମାନେ ଟିକା ନେବାକୁ ଚାହୁଁଥିଲେ ସିଏମ୍‌ସି ପକ୍ଷରୁ ଜାରି ହୋଇଥିବା ଟୋଲ ଫ୍ରି ନମ୍ବର ୯୭୭୭୦୬୭୨୯୭ରେ ଯୋଗାଯୋଗ କରି ପଞ୍ଜୀକରଣ କରିବାକୁ ପଡ଼ିବ। ପଞ୍ଜୀକରଣ ପାଇଁ ଟିକା ନେବାକୁ ଥିବା ବ୍ୟକ୍ତିଙ୍କର ନାମ, ଘର ଠିକଣା, ୱାର୍ଡ ନମ୍ବର, ଆଧାର କାର୍ଡ ନମ୍ବର, ଫୋନ ନମ୍ବର ଦେବାକୁ ଦେବାକୁ ପଡ଼ିବ। ଏହାପରେ ଏକ ମୋବାଇଲ ହେଲଥ୍ ଟିମ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଯାଇ ଟିକା ଦେବେ। ଯଉଁ ବ୍ୟକ୍ତି ଟିକ ନେବେ ସେମାନେ ସକାଳ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ନାମ ପଞ୍ଜୀକରଣ କରିବେ। କେବଳ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ହେବ ବୋଲି ସିଏମ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ସମୁଦ୍ରରୁ ହରିଣ ଉଦ୍ଧାର



**କୋଣାର୍କ,୧୧।୧୦(ଡି.ଏନ୍.ଏ.):** କୋଣାର୍କସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ସୋମବାର ଅପରାହ୍ନରେ ଏକ ହରିଣ ପାଣି ପିଇବାକୁ ସମୁଦ୍ରକୁ ଯାଇ ଭାସିଯାଇଥିଲା। ସେଠାରେ ଉପସ୍ଥିତ ଲାଇଫ ଗାର୍ଡ ଏହା ଦେଖି ହରିଣଟିକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବନ ବିଭାଗକୁ ଦେବା ପରେ ହରିଣଟିର ଚିକିତ୍ସା କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀ ଦ୍ରୁମନ କୁମାର ବେହେରାଙ୍କ ଦ୍ୱାରା କରାଯାଇଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଅସ୍ତବ୍ୟସ୍ତ ହୋଇ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ପଳାଉଥିବା ନଜିର ରହିଛି। ଏ ସମ୍ପର୍କରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି, ଉଦ୍ଧାର ହରିଣଟିର ଚିକିତ୍ସା ପରେ ସୁସ୍ଥ ରହିଛି।

# ରେଳଧାରଣାରେ କଟିଗଲେ ଯୁବକ

**କଟକ ଅଫିସ,୧୧।୧୦:** ଶିଖରପୁର ନିକଟ ରେଳଧାରଣାରୁ ସୋମବାର ଅପରାହ୍ନରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ମିଳିଛି। ଉକ୍ତ ଯୁବକଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରୁ ଏକ ତାଟିଆ, କିଛି ଖୁଚୁରା ପଇସା ଓ ଗାମୁଛା ମିଳିଛି। ମୃତଦେହକୁ ରେଲୱେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ସେଠାରେ ୪ଦିନ ରଖାଯିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜିଆର୍‌ପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

# କଟକ ସହର ଜଗିବେ ୧୮ ପ୍ଲାଟୁନ ଫୋର୍ସ

## ଦୁର୍ଗାପୂଜା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**କଟକ ଅଫିସ,୧୧।୧୦**

କୋଭିଡ୍ କଟକଣା ମଧ୍ୟରେ କଟକରେ ଦୁର୍ଗାପୂଜା ପାଳନ ନେଇ କମିଶନରେଟ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ସୋମବାର ଜବାହରଲାଲ ଇନଡୋର ଷ୍ଟାଡିୟମରେ ପ୍ରସ୍ତୁତି ବୈଠକ ହୋଇଥିଲା। ଟ୍ରାଫିକ କଟକଣା ସମ୍ପର୍କରେ ସମସ୍ତ ପୋଲିସ ଅଧିକାରୀ ଓ ଫୋର୍ସକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଅବଗତ କରାଇଥିଲେ।

ପରେ ପୋଲିସ କମିଶନର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଦ୍ୱୈତ ନଗରୀରେ ଶନିବାରଠାରୁ ୨୦ ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ଭୋର ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ବଳବତ୍ତର ରହିବ। ଏନେଇ କଡ଼ାକଡ଼ି ପାଟ୍ରୋଲିଂ ହେବ। ନିୟମ ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାକୁ ଦୃଷ୍ଟିରେ ରଖି କଟକ ସହରକୁ ୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୪ଜଣ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଧିକାରୀ, ୧୧ ଜଣ ଡିଏସ୍‌ପି, ୨୭ଜଣ ଇନ୍ସପେକ୍ଟର ସୁରକ୍ଷା ଓ ଆଇନଶୃଙ୍ଖଳା ଦାୟିତ୍ୱରେ କରିବେ। ସେହିପରି ୨୧୬ ଅଧିକାରୀଙ୍କ ନେତୃତ୍ୱରେ ୪୪ ହାବିଲଦାର, ୪୨୭ କନଷ୍ଟେବଲ, ୨୮୯ ହୋମଗାର୍ଡ ସମେତ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଟ୍ରାଫିକ କଟକଣାକୁ ସୁନିୟନ୍ତ୍ରିତ କରିବା ପାଇଁ ୨ଜଣ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଧିକାରୀ ତଦାରଖ କରିବେ। ତାଙ୍କୁ କମିଶନରେଟ ପୋଲିସର ଟ୍ରାଫିକ ଡିସିପି ସହଯୋଗ କରିବେ। କଟକ ସହରରେ କିପରି ସୁରୁଖୁରୁରେ ଦଶହରା ସମାପନ ହେବ, ସେନେଇ ସୁରକ୍ଷା ଓ ଆଇନଶୃଙ୍ଖଳା ସମ୍ପର୍କରେ ଡିସିପି ପ୍ରତୀକ ସିଂ ସମସ୍ତ ପୋଲିସ ଅଧିକାରୀ ଓ ଫୋର୍ସକୁ ଅବଗତ କରାଇଥିଲେ।



ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ ଏବଂ ଅନ୍ୟ ଅଧିକାରୀ।

# ପୂଜାରେ ଗଡ଼ିବ ପୂର୍ବତଟ ରେଳପଥର ଅତିରିକ୍ତ ବିଶେଷ ଟ୍ରେନ୍

**ଭୁବନେଶ୍ୱର,୧୧।୧୦**

ଚଳିତ ବର୍ଷର ପାର୍ବଣକୁ ନଜରରେ ରଖି ପୂର୍ବତଟ ରେଳପଥ କିଛି ଅତିରିକ୍ତ ବିଶେଷ ଟ୍ରେନ୍‌ର ଚଳାଚଳକୁ ଅନୁମତି ଦେଇଛି। ଫଳରେ ଯାତ୍ରୀମାନଙ୍କ ସୁବିଧା ଏବଂ ଆଗାମୀ ପର୍ବପର୍ବାଣିରେ ସେମାନଙ୍କ ଅତିରିକ୍ତ ପ୍ରତୀକ୍ଷା ସୂଚୀକୁ ଏଡ଼ାଇବାପାଇଁ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟସ୍ଥଳକୁ କିଛି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ବ୍ୟବସ୍ଥା କରାଯାଇଛି।

ଉକ୍ତ ଟ୍ରେନଗୁଡିକ ହେଉଛି ପୁରୀ-ପାଟନା-ପୁରୀ ସ୍ପେଶାଲ (୦୮୪୩୯-୦୮୪୪୦) ୧୬ରୁ ୩୧ ଅକ୍ଟୋବର ମଧ୍ୟରେ ପ୍ରତି ଶନିବାର ପୁରୀରୁ ଅପରାହ୍ନ ୨ଘ.୫୫ମି.ରେ ଛାଡ଼ିବ ଏବଂ ପ୍ରତି ରବିବାର ଅପରାହ୍ନ ୧ଘ.୪୫ମି.ରେ ପାଟନାରୁ ଛାଡ଼ିବ। ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସ୍ପେଶାଲ (୦୮୫୭୯-୦୮୫୮୦) ୧୩ ରୁ ୨୮ଅକ୍ଟୋବର ମଧ୍ୟରେ ପ୍ରତି ବୁଧବାର ବିଶାଖାପାଟଣାଠାରୁ ସନ୍ଧ୍ୟା ୭ଘଟିକାରେ ଛାଡିବ ଏବଂ ସିକନ୍ଦରାବାଦଠାରୁ ପ୍ରତି ଗୁରୁବାର ସନ୍ଧ୍ୟା ୭ଘଣ୍ଟା ୪୦ମି.ରେ ଛାଡ଼ିବ। ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର (୦୮୫୮୩-୦୮୫୮୪) ୧୮ ଅକ୍ଟୋବରରୁ ୨ନଭେମ୍ବର ମଧ୍ୟରେ ପ୍ରତି ସୋମବାର ବିଶାଖାପାଟଣାଠାରୁ ସନ୍ଧ୍ୟା ୭ଘଣ୍ଟା ୧୫ମି.ରେ ଛାଡିବ ଏବଂ ତିରୁପତିଠାରୁ ପ୍ରତି ମଙ୍ଗଳବାର ରାତି ୯ଘ.୫୫ମି.ରେ ଛାଡିବ। ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସ୍ପେଶାଲ (୦୮୫୮୫-୦୮୫୮୦୬) ୧୯ ଅକ୍ଟୋବରରୁ ୩ ନଭେମ୍ବର ମଧ୍ୟରେ ପ୍ରତି ମଙ୍ଗଳବାର ବିଶାଖାପାଟଣାରୁ ସନ୍ଧ୍ୟା ୫ଘ.୩୫ମି.ରେ ଛାଡିବ ଏବଂ ସିକନ୍ଦରାବାଦଠାରୁ ପ୍ରତି ବୁଧବାର ରାତ୍ରି ୯ଘ.୦୫ମି.ରେ ଛାଡ଼ିବ। ହାଓଡା-ପୁରୀ-ହାଓଡା ସ୍ପେଶାଲ(୦୮୧୭୯-୦୮୧୮୦) ୯ ଅକ୍ଟୋବରରୁ ୭ନଭେମ୍ବର ମଧ୍ୟରେ ପ୍ରତି ଶନିବାର ହାଓଡାରୁ ରାତ୍ରି ୮ଘ.୩୫ମି.ରେ ଛାଡ଼ିବ ଏବଂ ପୁରୀରୁ ପ୍ରତି ରବିବାର ସନ୍ଧ୍ୟା ୭ଘଣ୍ଟା ୨୦ମି.ରେ ଛାଡ଼ିବ।





## ଅକ୍ସିଜେନ୍ ପ୍ଲାଣ୍ଟରୁ ଚୋରି

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅକ୍ସିଜେନ୍ ପ୍ଲାଣ୍ଟରୁ ୮ରୁ ୧୦ ମିଟର କପର ୱେୟାର ଚୋରି ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ମେଡିକାଲରେ ଏକାଧିକ ସୁରକ୍ଷାକର୍ମୀ ଦାୟିତ୍ୱରେ ରହିଥିବାବେଳେ ଅକ୍ସିଜେନ୍ ପ୍ଲାଣ୍ଟ ଭଳି ସମ୍ବେଦନଶୀଳ ସ୍ଥାନରୁ ଚୋରି ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆଜି କ'ଣ କେଉଁଠି

ବଅଁରପାଳ

- ନାଲ୍‌କୋ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ। ସ୍ଥାନ- ୟୁନିୟନ କାର୍ଯ୍ୟାଳୟ। ସମୟ-ସନ୍ଧ୍ୟା ୬ଟା।
- ଅଷ୍ଟମୀ ପୂଜା। ସ୍ଥାନ-ତାଳମୂଳ ଦୁର୍ଗା ମନ୍ଦିର। ସମୟ-ପୂର୍ବାହ୍ଣ ୧୨ ଟା।

## ଟ୍ରକ୍‌ରୁ ୧୧ ଲକ୍ଷ ଟଙ୍କା ଚୋରି

ବଇଣ୍ଡା,୧୧।୧୦(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ଅଞ୍ଚଳର ଏକ ଢାବା ନିକଟରେ ଛିଡା ହୋଇଥିବା ଟ୍ରକ୍ (ନଂ. ଓଡି୧୪କେ ୭୦୨୯) ରୁ ୧୧ ଲକ୍ଷ ଟଙ୍କା ଚୋରି କରି ଚାଳକ ଫେରାର ହୋଇଯାଇଥିବା ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବାରିପଦାରୁ ଆଠମଲ୍ଲିକ ଅଞ୍ଚଳକୁ ମହୁଲ ନେବା ପାଇଁ ଏକ ଟ୍ରକ୍‌ରେ ସୁପରଭାଇଜର କେନ୍ଦୁଝର ଅଞ୍ଚଳର ଅନୁକୂଳ ସେଠୀ ୧୧ ଲକ୍ଷ ୫୫ ହଜାର ଟଙ୍କା ଧରି ଆସିଥିଲେ। ଉକ୍ତ ଢାବା ନିକଟରେ ରାତିରେ ଗାଡି ରଖି ସୁପରଭାଇଜର ଓ ଚାଳକ ଖାଇବା ସହ ଶୋଇଥିଲେ। ହେଲେ ଚାଳକ ଜଣକ ୧୧ ଲକ୍ଷ ୫୫ ହଜାର ଟଙ୍କା ଥିବା ବ୍ୟାଗ ନେଇ ଅନ୍ୟ ଟ୍ରକ ଯୋଗେ ପଳାଇଯାଇଛନ୍ତି। ଏ ନେଇ ସୁପରଭାଇଜର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୪୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସୌରଭଙ୍କୁ ବିଜୁ ପଟ୍ଟନାୟକ ଆୱାର୍ଡ

କଣିହାଁ,୧୧।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ଟୋଲକବେଡା ଗ୍ରାମର ଯୁବ ସାମାଜିକ କର୍ମୀ ସୌରଭ କୁମାର ପ୍ରଧାନଙ୍କୁ ସୋମବାର କଣିହାଁ ବନାଞ୍ଚଳ ତରଫରୁ ବିଜୁ ପଟ୍ଟନାୟକ ଆୱାର୍ଡ ସହ ପୁରସ୍କାର ବାବଦରେ ୫



ହଜାର ଟଙ୍କା ପ୍ରଦାନ କରାଯାଇଛି। କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ତାଳଚେର ଉପଖଣ୍ଡର ବିଭିନ୍ନ ସ୍ଥାନରୁ ସୌରଭ ଅନେକ ସରୀସୃପ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି। ତାଙ୍କର ଏପରି ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ଏହି ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଛି।
ଫଟୋ-ସୌରଭଙ୍କୁ ମାନପତ୍ର ଦିଆଯାଉଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୧।୧୦(ଡି.ଏନ.ଏ.)- ହଣ୍ଡପା ଥାନା ପାପସରା ଗ୍ରାମରେ ସୋମବାର ଅବକାରୀ ବିଭାଗ ଚଢାଉ କରି ୧୫ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଛିନା ପ୍ରଧାନଙ୍କୁ ଗିରଫ କରାଯାଇଛି। ସେ ଘରେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ବେଳେ ବିଭାଗ ଚଢାଉ କରିଥିଲା।

## ୫ ଡକାୟତ ଗିରଫ

ବଇଣ୍ଡା,୧୧।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଆଠମଲ୍ଲିକ ରୋଡର ଓଭରବ୍ରିଜ୍ ନିକଟରେ ରବିବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ବଇଣ୍ଡା ଫାଣ୍ଡି ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ରୋହିତ ବେହେରା, ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳର ସଂଦୀପ୍ତ ସେଠୀ, ବଡହୁଲା ଗ୍ରାମର ଆନାମ ସାହୁ ଓ ୨ ଜଣ ନାବାଳକ। ସେମାନଙ୍କଠାରୁ ବାଇକ, ଠେଙ୍ଗା, ଭୁଜାଲି, ଛୁରୀ ଓ ୨ ଟି ମୋବାଇଲ ଜବତ କରାଯାଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରିଥିଲେ।

## ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ସୋମବାର ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନୂତନ ଭୋଟର ତାଲିକା ପ୍ରସ୍ତୁତି, ଭୋଟର ତାଲିକା ସଂଶୋଧନ, ନାମ ସଂଯୋଗୀକରଣ ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ତହସିଲଦାର ଡାନିଏଲ୍ ଏକ୍କା ଉପସ୍ଥିତ ଥିଲେ। ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର ୩ ଜଣ କର୍ମଚାରୀ ଏ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମସ୍ତ ଅଙ୍ଗନୱାଡ଼ି କର୍ମୀ ନିର୍ବାଚନ ସଂକ୍ରାନ୍ତରେ ପ୍ରଶିକ୍ଷଣ ନେଇଥିଲେ।

# ଆଗ୍ରହୀ ନୁହେଁ ଅବକାରୀ ବିଭାଗ

ବଇଣ୍ଡା,୧୧।୧୦(ଡି.ଏନ.ଏ.)

ବଢ଼ି ଚାଲିଛି ଚୋରା ମଦ କାରବାର। ବଜାର ଅଞ୍ଚଳଠାରୁ ଗାଁ ଯାଏ ଲମ୍ବିଲାଣି ଏହି ଅବାଧ ନିଶାର ଚେର। ହେଲେ ଏହାକୁ କିପରି ରୋକାଯିବ ସେ ନେଇ ଅନୁଗୋଳ ଅବକାରୀ ବିଭାଗ ସେପରି ଆଗ୍ରହ ପ୍ରକାଶ କରୁନାହିଁ। ଖାସ୍ ଏହି କାରଣରୁ ନିର୍ମାଣର ବର୍ଷେ ପରେ ମଧ୍ୟ କିଶୋରନଗର ବ୍ଲକର ବଇଣ୍ଡା ଅବକାରୀ ଥାନା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାକୁ ନେଇ ବ୍ଲକବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତରେ ଚୋରା ମଦ ରୋକିବା ପାଇଁ ବଇଣ୍ଡା ନିକଟସ୍ଥ ଜାମୁନାଳୀଠାରେ ୩୩ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅବକାରୀ ଥାନା କୋଠା ନିର୍ମାଣ କରାଯାଇଛି। ଜୁନ ୨୦୨୦ରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଜୁନ ୨୦୨୧ରେ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଏଯାଏ ଉକ୍ତ ଥାନାକୁ ଅବକାରୀ ବିଭାଗ କାର୍ଯ୍ୟକ୍ଷମ କରୁନାହିଁ। ଫଳରେ କିଶୋରନଗର, ହଣ୍ଡପା ଥାନା ଓ ବଇଣ୍ଡା ଫାଣ୍ଡି ଅଞ୍ଚଳରେ ଚୋରା ମଦ କାରବାରକୁ



ଉଦ୍‌ଘାଟନ ଅପେକ୍ଷାରେ ବଇଣ୍ଡା ଅବକାରୀ ଥାନା।

- ରୋକାଯାଉନି ଚୋରା ମଦ କାରବାର
- କାର୍ଯ୍ୟକ୍ଷମ ହେଉନି ବଇଣ୍ଡା ଅବକାରୀ ଥାନା
- ଅବହେଳା ନେଇ ବଢ଼ୁଛି ଅସନ୍ତୋଷ

ରୋକାଯାଇ ପାରୁନାହିଁ। ଗତ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୨୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩୨୦ ଲିଟର ଦେଶୀ ମହୁଲି, ୧୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ୨ ହଜାର କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ସେହିପରି କିଶୋରନଗର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ୩୫ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ହଣ୍ଡପା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୯ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୬୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ୧୫୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ହଣ୍ଡପା ପୋଲିସ ୧୨ ଜଣଙ୍କୁ ଗିରଫ କରିଛି। ୯୦ ଲିଟର ମଦ ଜବତ କରିଛି। ବଇଣ୍ଡା ଅବକାରୀ ଥାନା କାର୍ଯ୍ୟକ୍ଷମ କରିବା ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଗତ ଜୁନ୍ ୫ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ବଇଣ୍ଡା ଛକ ବିକାଶ ପରିଷଦ ଦାବି କରିଛି। ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ କହିଛନ୍ତି, ବଇଣ୍ଡା ଅବକାରୀ ଥାନାକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଚଳିତ ମାସରେ ଏହାକୁ କାର୍ଯ୍ୟକ୍ଷମ କରାଯିବ।

### ଆଠମଲ୍ଲିକରେ ରହୁଛନ୍ତି କର୍ମଚାରୀ



"ଜାମୁନାଳୀ ଠାରେ ନିର୍ମାଣ ହୋଇଥିବା ଅବକାରୀ ଥାନା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏହାର କର୍ମଚାରୀ ଆଠମଲ୍ଲିକ ଅବକାରୀ ବିଭାଗରେ କାମ କରୁଛନ୍ତି। ଅନେକ କର୍ମଚାରୀ ଅନୁଗୋଳଠାରେ ଘର ଭଡ଼ା ନେଇ ରହୁଛନ୍ତି।

-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ

### ନିର୍ଭୟରେ ଅଛନ୍ତି ଚୋରା ବ୍ୟବସାୟୀ



"ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଅବକାରୀ ଥାନା ଉଦ୍‌ଘାଟନ ହୋଇପାରୁନାହିଁ। ଫଳରେ ଚୋରା ମଦ ବ୍ୟବସାୟୀମାନେ ନିର୍ଭୟରେ ସେମାନଙ୍କ କାରବାର ଚଳାଇଛନ୍ତି। ତୁରନ୍ତ ଥାନାକୁ କାର୍ଯ୍ୟକ୍ଷମ କରାଯାଉ।

- ଧ୍ରୁବ ଚରଣ ସାହୁ, ବଡଗୋବିନ୍ଦପୁର

### ନିୟମିତ ଚଢ଼ାଉ ଦରକାର



"କିଶୋରନଗର ବ୍ଲକର ଗ୍ରାମାଞ୍ଚଳରେ ଚୋରା ମଦ ବିକ୍ରି ହେଉଥିଲେ ମଧ୍ୟ ରୋକିବାରେ ଅବକାରୀ ବିଭାଗ ବିଫଳ ହେଉଛି। ନିୟମିତ ଚଢ଼ାଉ କରାଗଲେ ଏହାକୁ ଅନେକାଂଶରେ ରୋକାଯାଇ ପାରନ୍ତା।

-ସଞ୍ଜୀବ ପ୍ରଧାନ, ବାମୁର

## ଅନୁଗୋଳରେ ୨ ଆକ୍ରାନ୍ତ

ଅନୁଗୋଳ ଅଫିସ,୧୧।୧୦

ଅନୁଗୋଳ ଜିଲାରୁ ସୋମବାର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୯୨ ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ଜଣେ ଏବଂ ଅନୁଗୋଳ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ଠିକାଶ୍ରମିକ ମୃତ

ତାଳଚେର,୧୧।୧୦(ନି.ପ୍ର.)

ବଳରାମ କୋଇଲା ଖଣିରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶାନ୍ତି ଏଲ. ଟପ୍ପୋ(୨୧)। ଖଣିର ଟ୍ରାନ୍ସପୋର୍ଟ ରୋଡରେ ରାସ୍ତା କାମ ଚାଲୁଥିଲା। ସେହି ସମୟରେ ଠିକାସଂସ୍ଥାର ଏକ ଟ୍ରକ୍ ପଛକୁ ଯାଉଥିବାବେଳେ ଶାନ୍ତିଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଶ୍ରମିକମାନେ କ୍ଷତିପୂରଣ ଓ ନିଯୁକ୍ତି ଦାବିରେ ମୃତଦେହ ଅଟକ ରଖି ଆନ୍ଦୋଳନ କରିଥିଲେ। ଫଳରେ ଖଣି କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଉତ୍ତେଜନା ଲାଗି ରହିଛି। ଖବରଲେଖା ସୁଦ୍ଧା କଲିୟାରୀ ପୋଲିସ ଓ ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚଳାଇଛନ୍ତି।

## ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି

ବଇଣ୍ଡା,୧୧।୧୦(ଡି.ଏନ.ଏ.)

ଠାକୁରଗଡ ଥାନା ପାଇକସାହି ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନଙ୍କ ପାନ ଦୋକାନରୁ ରବିବାର ରାତିରେ ଚୋରି ହୋଇଥିବା ସୁବାସ ଥାନାରେ ଅଭିଯୋଗ କରିଛନ୍ତି। କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନରେ ପଶି ୨୦ ହଜାର ଟଙ୍କାର ସାମଗ୍ରୀ ନେଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚୋରି ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀରୁ ଚୋରି କରୁଥିବା ବେଳେ ଦୁଇଜଣ ଚୋରଙ୍କୁ ସୁରକ୍ଷା କର୍ମୀମାନେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ କହିଛି, ବଡକେରଜାଙ୍ଗ ଗ୍ରାମର ପ୍ରଶାନ୍ତ ସାହୁ ଓ ଟାଇଁସି ଗ୍ରାମର ଡିଲେଶ୍ୱର ପ୍ରଧାନ କମ୍ପାନୀ ପାଚେରୀ ଡେଇଁ ଭିତରେ ପଶି ଏକ ୯୮ହଜାର ଟଙ୍କାର ଇମ୍ପେଲର ଚୋରି କରୁଥିବାବେଳେ ଧରାପଡ଼ିଥିଲେ। ପୋଲିସ ନଂ. ୨୧୬/୨୧ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

ଅନୁଗୋଳ ଅଫିସ, ୧୧।୧୦

ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ପଳସମା ଗ୍ରାମର ପ୍ରଭାତ କୁମାର ପ୍ରଧାନ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ପ୍ରଭାତ ଓ ତାଙ୍କର ୩ ଜଣ ସହଯୋଗୀ ଗୁଡ଼ାମାଳ ଅଞ୍ଚଳରେ ବିଦ୍ୟୁତ୍ ମରାମତି କରୁଥିଲେ। ହଠାତ୍ କେହି ବିଦ୍ୟୁତ୍ ଚାଲୁ କରିବାରୁ ପ୍ରଭାତ ଖୁଣ୍ଟରୁ ଜଳନ୍ତା ଅବସ୍ଥାରେ ଗଳି ପଡ଼ିଥିଲେ। ତାଙ୍କ ସହଯୋଗୀମାନେ ପ୍ରଥମେ ଛେଣ୍ଡିପଦା ମେଡିକାଲ ଓ ପରେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଦୁର୍ଘଟଣାରେ ୨ ଗୁରୁତର

ଅନୁଗୋଳ ଅଫିସ, ୧୧।୧୦

ଅନୁଗୋଳ ଜିଲା ମହିଧରପୁର ଫାଣ୍ଡି ନିକଟରେ ସୋମବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଗୋହିଲାପଶି ଗ୍ରାମର ତରଣୀ ଦେହୁରୀ(୩୦) ଓ ତାଙ୍କ ଭଣଜା କୁହ୍ମା ଦେହୁରୀ ଗୁରୁତର ହୋଇଛନ୍ତି। ଉଭୟେ ଅନୁଗୋଳକୁ ରାଜମିସ୍ତ୍ରି କାମ କରିବାକୁ ଆସିଥିଲେ। କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ମହୀଧରପୁର ଫାଣ୍ଡି ନିକଟରେ ଏକ କୁକୁର ତାଙ୍କ ବାଇକ ସମ୍ମୁଖକୁ ଚାଲିଆସିଥିଲା। ଫଳରେ ଉଭୟେ ଗୁରୁତର ହୋଇଥିଲେ।

# ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ



ପଞ୍ଚାୟତ କାର୍ଯ୍ୟାଳୟକୁ ମହିଳାମାନେ ଘେରାଉ କରିଛନ୍ତି।

ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜେରେଙ୍ଗ ଦେହୁରୀସାହି ପଞ୍ଚାୟତର ମିଶନ ଶକ୍ତି ଗୃହ ନିର୍ମାଣ ଓ ସ୍ଥାନାନ୍ତରକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ସମାଧାନ ପାଇଁ ସୋମବାର ପିସିସିର ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୨ ଶହରୁ ଊର୍ଦ୍ଧ୍ୱ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ମିଶନଶକ୍ତି ଗୃହ ନିର୍ମାଣ ଓ ସ୍ଥାନାନ୍ତରକୁ ବିରୋଧ କରିଥିଲେ। ଉକ୍ତ ମିଶନଶକ୍ତି ଗୃହ ନିର୍ମାଣ ପାଇଁ ପୂର୍ବରୁ ସ୍ଥାନ ନିରୂପଣ ହୋଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ କେତେଜଣ ଖଳ ପ୍ରକୃତିର ଲୋକଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ଗୃହ ନିର୍ମାଣ ନ କରାଯାଇ ବୁଢାରାଜା ପାହାଡ ନିକଟରେ ନିର୍ମାଣ କରାଯାଉଥିବା ମହିଳାମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀ, ଅଶୋକ ସାହୁ, ଜିତେନ୍ଦ୍ର ସାହୁ, ଉଦୟନାଥ ବେହେରା, ତ୍ରିନାଥ ସାହୁ, ସେବତୀ ପ୍ରଧାନ, ରେବତୀ ସାହୁ, ଅଭିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ କଲେଜରେ କ୍ୟାମ୍ପସ୍ ପ୍ଲେସମେଣ୍ଟ

ଅନୁଗୋଳ ଅଫିସ, ୧୧।୧୦

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଏବଂ ଏମ୍‌ବିଏ ବିଭାଗର ମିଳିତ ସଂଯୋଜନାରେ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ସିଦ୍ଧି ଲକ୍ଷ୍ମୀ ମୋଟର୍ସ ମୁଖ୍ୟ ନିଯୁକ୍ତିଦାତା ଭାବେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଗଙ୍ଗାଧର କର ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଭାଗୀୟ ମୁଖ୍ୟ ଡ. ସୋମେଶ ଦାଶ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗର ସଦ୍‌ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ସିଦ୍ଧି ଲକ୍ଷ୍ମୀ ଏବଂ ଶୁଭ ଲକ୍ଷ୍ମୀ ମୋଟରର୍ସର ଏଚଆର ମ୍ୟାନେଜର ଆଶୁତୋଷ ରଥ ଏବଂ ସ୍ନେହାସିନି ନାୟକଙ୍କ ଉପସ୍ଥିତିରେ ମନୋନୟନ ପ୍ରକ୍ରିୟା ସମ୍ପାଦନ କରାଯାଇଥିଲା। ନିଯୁକ୍ତିଦାତାମାନେ ଛାତ୍ରୀଛାତ୍ରଙ୍କ ସାକ୍ଷାତକାରକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏମ୍‌ବିଏ ବିଭାଗର ମୁଖ୍ୟ ଦୀପକ ମିଶ୍ର ନିଯୁକ୍ତି ଦାତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ କିଭଳି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ସୁଗ୍ୟାନି ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପିକା ଲିପିକା ପରିଡ଼ା, ଅଧ୍ୟାପକ ରଞ୍ଜୟ ସର, ଦେବବ୍ରତ ସାହୁ ଏବଂ ବିଶ୍ୱଜିତ ବିଶ୍ୱାଳ ସହଯୋଗ କରିଥିଲେ।




କ୍ୟାମ୍ପସ୍ ପ୍ଲେସମେଣ୍ଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କୋଟିଏରୁ ଊର୍ଦ୍ଧ୍ୱ...

ଗୋଟିଏ ବନ୍ଧୁକ, ଗୋଟିଏ ଖଣ୍ଡା, ୨ଟି ଭୁଜାଲି ଜବତ କରାଯାଇଛି। ଖବରପାଇ ଆଠଗଡ଼ ଥାନା ଏସ୍‌ଡିପିଓ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଟଙ୍କା ଗଣାଯିବା ପରେ ୧ କୋଟି ୫ଲକ୍ଷ ଟଙ୍କା ଟ୍ରଙ୍କ ମଧ୍ୟରେ ରହିଥିବା ଜଣାପଡ଼ିଛି। ବାକି ୨୪ ଲକ୍ଷ ଟଙ୍କା ଫେରାର ଦୁର୍ବୃତ୍ତ ନେଇ ପଳାଇଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି, କ୍ୟାଶ୍ ଭ୍ୟାନ୍ ଲୁଟ୍ ସମ୍ପର୍କରେ ଆଠଗଡ଼ ପୋଲିସ ପକ୍ଷରୁ ତୁରନ୍ତ ସୀମାନ୍ତ ଜିଲାର ବିଭିନ୍ନ ଥାନାକୁ ଜଣାଇ ଦିଆଯାଇଥିଲା। ଆଠଗଡ଼ ଓ ଢେଙ୍କାନାଳ ପୋଲିସ ଦୁର୍ବୃତ୍ତମାନଙ୍କ ପିଛା କରିଥିଲା। ଭୋଜଦେଇପୁରଠାରେ ଦୁର୍ବୃତ୍ତମାନେ କାରକୁ ଛାଡି ନାଳ ଓ ଚାଷଜମି ଦେଇ ପଳାଉଥିବା ବେଳେ ଢେଙ୍କାନାଳ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ, ଥାନା ଗାଡ଼ି ଚାଳକ ସନ୍ତୋଷ ନାୟକ ଏବଂ ଥାନା ଅଧିକାରୀଙ୍କ ଟିମ୍ ୩ ଜଣଙ୍କୁ ଧରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଉପରକଟା ଗ୍ରାମର ଜଳିଦେବ କଅଁର ଓରଫ କାଳିଆ (୨୪), କଟକ ଜିଲା ନିଆଳି ଥାନା ନାଟି ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୧) ଓ ଆଠଗଡ଼ ଥାନା ଅରଖପାଟଣା ତଳସାହିର ବିବେକାନନ୍ଦ ନାୟକ (୨୮) ବୋଲି କେନ୍ଦ୍ରାଞ୍ଚଳ ଆଇଜି ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ ଉଭୟ ଆଠଗଡ଼ ଓ ଢେଙ୍କାନାଳ ପୋଲିସକୁ ପ୍ରଶଂସା କରିଛନ୍ତି ଡିଜିପି ଅଭୟ।

### ଲୁଟ୍‌ରେ ଚୋରି କାର୍ ବ୍ୟବହାର

ଦୁର୍ବୃତ୍ତମାନେ ଏଟିଏମ୍ ଗାଡ଼ିରୁ ଟଙ୍କା ଲୁଟ୍ ପାଇଁ ଯେଉଁ କାର୍‌ରେ ସେଠାକୁ ଯାଇଥିଲେ, ଉକ୍ତ କାର୍ କିଛିଦିନ ତଳେ ଢେଙ୍କାନାଳରୁ ଚୋରି ହୋଇଥିଲା। କାର୍‌ଟି କଟକରୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଢେଙ୍କାନାଳ ସୀମାବର୍ତ୍ତୀ ଅଞ୍ଚଳରୁ କାରଟିକୁ ଲୁଟି ନେଇଥିଲେ। ଉକ୍ତ କାରରେ ଜାଲ୍ ନମ୍ବର ଲଗାଇ ସୋମବାର ଟଙ୍କା ଲୁଟ୍ କରାଯାଇଥିବା ତଦନ୍ତ ପରେ ପୋଲିସ ସୂଚନା ଦେଇଛି।



ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଓ ଢେଙ୍କାନାଳ ଏସ୍‌ପି କେ. ଶିବା ସୁବ୍ରମଣୀ ତଦନ୍ତ କରୁଛନ୍ତି।

# 'ଏନ୍‌ସିସିକୁ ଅଧିକ ବ୍ୟାପକ କରାଯିବ'

ଢେଙ୍କାନାଳ ଅଫିସ,୧୧।୧୦

ଏନ୍‌ସିସିର ଜାତୀୟ ଅଧ୍ୟକ୍ଷ ତଥା ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ସୋମବାର ଢେଙ୍କାନାଳ ମହିଷାପାଟସ୍ଥିତ ୧୨-ଓଡ଼ିଶା ଏନ୍‌ସିସି ବାଟାଲିୟନ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଲେ ଯେ, ଏନ୍‌ସିସିକୁ ଭାରତ ବର୍ଷରେ ଅଧିକ ବ୍ୟାପକ କରାଯିବ। ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ମିଲିଟାରୀ ଆର୍ମଡ୍ ଫୋର୍ସ ଭଳି ତାଲିମ ଦିଆଯିବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ଏନ୍‌ସିସି ଜାତୀୟ କମିଟି ସଦସ୍ୟ ମେଜର ଜେନେରାଲ ଆଲୋକ ରାଜ, ଓଡ଼ିଶା ଏନ୍‌ସିସି ମୁଖ୍ୟ କମାଣ୍ଡର ସୋମେନ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ୧୨-ବାଟାଲିୟନ ଏନ୍‌ସିସି ଅଧୀନରେ କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲାର ମୋଟ୍ ୫୭ଟି ସ୍କୁଲ ଓ କଲେଜର ୩୩୦୦ ଛାତ୍ରୀଛାତ୍ର ତାଲିମ ନେଉଛନ୍ତି। ଏହାପରେ ସେ ଅପରାହ୍ଣ ୩ଟାରେ ଜିଲା ଭାଜପା କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ନେତା ବିନୋଦ ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଶତ୍ରୁଘ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଏନ୍‌ସିସିର ଜାତୀୟ ଅଧ୍ୟକ୍ଷ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ତଦନ୍ତ ବିଳମ୍ବ ପ୍ରତିବାଦରେ ରାସ୍ତାରୋକୋ

ଢେଙ୍କାନାଳ ଅଫିସ,୧୧।୧୦

ଢେଙ୍କାନାଳ ସହର ଜଗନ୍ନାଥରୋଡ୍ ଅଞ୍ଚଳରେ ଥିବା ଗୋଡିପୋଖରୀର ବେଆଇନ ଭାବେ କିସମ ପରିବର୍ତ୍ତନ ଓ ନିଲାମ ଘଟଣାର ତଦନ୍ତରେ ବିଳମ୍ବ ପ୍ରତିବାଦରେ ଅଞ୍ଚଳବାସୀ ସୋମବାର ରାସ୍ତାରୋକୋ କରିଥିଲେ। ଫଳରେ ଜଗନ୍ନାଥରୋଡ୍ ଦେଇ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଅଭିଯୋଗରୁ ଜଣାପଡିଛି, ଗୋଡିପୋଖରୀ ଜଳାଶୟକୁ ଅଞ୍ଚଳବାସୀ ପୁରୁଷାନୁକ୍ରମେ ବ୍ୟବହାର କରୁଥିଲେ। ଦେବୋତ୍ତର ପକ୍ଷରୁ ଏହି ଜଳାଶୟକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଇଥିଲା। ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ସର୍ବୋଚ୍ଚ ନିଲାମଧାରୀ ହୋଇଥିଲେ ମଧ୍ୟ ଦେବୋତ୍ତର ବିଭାଗ ପକ୍ଷରୁ ଚଞ୍ଚକତା କରାଯାଇ ବହୁ ଲୋକଙ୍କ ନାମରେ ଦଲିଲ କରାଯାଇଥିବା ଅଭିଯୋଗ ହୋଇଛି।



ଆନ୍ଦୋଳନକାରୀଙ୍କ ଦ୍ୱାରା ରାସ୍ତାରୋକୋ କରାଯାଇଛି।

ଜଳାଶୟକୁ କିଣିଥିବା ବ୍ୟକ୍ତିମାନେ ଏହାକୁ ପୋତି ପ୍ଲଟିଂ କରିବାକୁ ମସୁଧା କରୁଛନ୍ତି। ଖବରପାଇ ସହକାରୀ ଜିଲାପାଳ ହରିହର ପଞ୍ଝିଆତି, ସଦର ତହସିଲଦାର ସୁରେଶଚନ୍ଦ୍ର ପଣ୍ଡା, ଟାଉନ ଥାନା ଅଧିକାରୀ ନମିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, ଏହାର ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କୁ ପ୍ରଦାନ କରିଛି। ଆନ୍ଦୋଳନକାରୀଙ୍କ ପକ୍ଷରୁ ଓକିଲ ସଂଘର ପୂର୍ବତନ ସଭାପତି ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ କହିଛନ୍ତି, ଗୋଡି ପୋଖରୀ ଜଳାଶୟକୁ ବେଆଇନ ଭାବେ କିସମ ପରିବର୍ତ୍ତନ କରାଯାଇଛି। ଜଣେ ବ୍ୟକ୍ତି ସର୍ବୋଚ୍ଚ ନିଲାମଧାରୀ ହୋଇଥିବା ବେଳେ ଦେବୋତ୍ତର ବିଭାଗ ପକ୍ଷରୁ ଏହାକୁ ବହୁ ଲୋକଙ୍କ ନାମରେ କିପରି ଦଲିଲ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

# ଆରସିବି ଏଲିମିନେଟ

**ଶାରଜା, ୧୧।୧୦**

ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଇଣ୍ଡିଆନ ପ୍ରିମିୟର ଲିଗ୍‌ର ନକ୍ ଆଉଟ ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ଏଲିମିନେଟ୍ ହୋଇଯାଇଛି। ସୋମବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ଦଳ କୋଲକାତା ନାଇଟ ରାଇଡର୍ସଠାରୁ ୪ ଉଇକେଟରେ ହାରି ଯାଇଛି। ବ୍ୟାଟିଂ ବିଫଳତା ଯୋଗୁ ଆରସିବି ୨୦ ଓଭରରେ ୭ ଉଇକେଟ ହରାଇ ୧୩୮ ରନରେ ସୀମିତ ରହିଥିଲା। କୋଲକାତା ୧୯.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଲିଗ୍‌ର ଗତ ସଂସ୍କରଣରେ ମଧ୍ୟ ଆରସିବି ପ୍ରତିପକ୍ଷ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ହାରି ଏଲିମିନେଟ୍ ହୋଇଥିଲା। ଏଠାରେ ବିଜୟୀ ହୋଇଥିବା କୋଲକାତା ବୁଧବାର କ୍ୱାଲିଫାୟର-୨ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହି ମ୍ୟାଚର ବିଜେତା ୧୫ ତାରିଖରେ ଚେନ୍ନାଇ ସୁପରକିଙ୍ଗ୍ସ ସହିତ ଫାଇନାଲରେ ମୁକାବିଲା କରିବ। ଆରସିବି ଅଧିନାୟକଭାବେ ବିରାଟ କୋହଲି ୧୪୦ଟି ମ୍ୟାଚ ଖେଳିଥିବାବେଳେ ୬୬ଟିରେ ବିଜୟୀ ହୋଇଛନ୍ତି ଏବଂ ୭୦ଟିରେ ପରାଜିତ ହୋଇଛନ୍ତି। ୪ଟି ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ।

ଲୋ ସ୍କୋରିଂ ମ୍ୟାଚରେ କୋଲକାତା ଓପନିଂ ଯୋଡ଼ିରେ ୩୨ ବଲ୍‌ରୁ ୪୧ ରନ କରି ଦୃଢ଼ ଭିତ୍ତି ପକାଇଥିଲା। ୧୮ ବଲ୍‌ରୁ ୪ ଚୌକା ସହାୟତାରେ ୨୯ ରନ କରିଥିବା ଶୁବମନ ଗିଲ୍‌ଙ୍କୁ ଆଉଟ କରି ଆରସିବିକୁ ବ୍ରେକ୍ ଥ୍ରୁ ଦେଇଥିଲେ ହର୍ଷଲ ପଟେଲ। ରାହୁଲ ତ୍ରିପାଠୀ ମାତ୍ର ୬ ରନ କରିଥିବାବେଳେ ଭେଙ୍କଟେଶ୍ ଆୟାର ୨୬ ରନ କରି ଆଉଟ ହୋଇଥିଲେ। ନୀତୀଶ ରାଣା ମଧ୍ୟ ଉପଯୋଗୀ ବ୍ୟାଟିଂ କରି ୨୩ ରନର ଯୋଗଦାନ ଦେଇଥିଲେ। ଡାନିଏଲ ଖ୍ରିଷ୍ଟିଆନଙ୍କ ଗୋଟିଏ ଓଭରରେ ସୁନୀଲ ନାରିନ ୩ଟି ଛକା ମାରି କୋଲକାତାକୁ ସୁବିଧା ଜନକ ସ୍ଥିତିକୁ ନେଇ ଆସିଥିଲେ। ୧୯ତମ ଓଭରରେ ଜର୍ଜ ଗର୍ଟନ ମାତ୍ର ୫ ରନ ଦେଇଥିଲେ ହେଁ ଡାନିଏଲ ଖ୍ରିଷ୍ଟିଆନ ଶେଷ ଓଭରରେ ୭ ରନକୁ ଡିଫେଣ୍ଡ କରିପାରି ନ ଥିଲେ। ଶାକିବ ଅଲ୍-ହାସନ ୯ ଓ ଅଧିନାୟକ ଇଅନ ମୋର୍ଗାନ ୫ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ୟୁଜବେନ୍ଦ୍ର ଚହଲ ଭଲ ବୋଲିଂ କରି ୪ ଓଭର ସ୍ପେଲରେ ମାତ୍ର ୧୬ ରନ ଦେଇ ୨ଟି ଉଇକେଟ ନେଇଥିଲେ। ମହମ୍ମଦ ସିରାଜ ୧୮ତମ ଓଭରରେ ୨ଟି ଉଇକେଟ ନେଇ ଟି୨୦ରେ ୧୦୦ ଓ ଆଇପିଏଲରେ ୫୦ ଉଇକେଟ ପୂରଣ କରିଥିଲେ। ହର୍ଷଲ ପଟେଲଙ୍କୁ ୨ଟି ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୩୮/୭(ବିରାଟ କୋହଲି-୩୯, ସୁନୀଲ ନାରିନ-୪/୨୧, ଲୋକି ଫର୍ଗୁସନ-୨/୩୦)। କୋଲକାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୩୯/୬(ଶୁବମନ ଗିଲ-୨୯, ସୁନୀଲ ନାରିନ-୨୬, ଭେଙ୍କଟେଶ ଆୟାର-୨୬, ୟୁଜବେନ୍ଦ୍ର ଚହଲ-୨/୧୬, ହର୍ଷଲ ପଟେଲ-୨/୧୯, ମହମ୍ମଦ ସିରାଜ-୨/୧୯)।

# ନେଦରଲାଣ୍ଡସ୍‌କୁ ୫-୦ରେ ହରାଇଲା ଭାରତ

**ଆରହୁସ (ଡେନମାର୍କ), ୧୧।୧୦ (ପି.ଟି.)**

ଥୋମାସ କପ୍ ବ୍ୟାଡ୍‌ମିଣ୍ଟନ ଫାଇନାଲରେ ଭାରତୀୟ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଭାରତ ୫-୦ରେ ନେଦରଲାଣ୍ଡସ୍‌କୁ ପରାସ୍ତ କରିଛି। ପ୍ରଥମ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ୨୧-୧୨, ୨୧-୧୪ରେ ଜୋରାନ କ୍ୱିକେଲଙ୍କୁ ହରାଇ ଦେଇଥିଲେ। ପୁରୁଷ ଡବଲ୍ସରେ ସାତ୍ତ୍ୱିକରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ଡଚ୍ ଯୋଡ଼ି ରୁବେନ ଜୁଲେ ଓ ଟିଏସ୍ ଭାନ୍ ଡର୍ ଲେକ୍‌ଙ୍କୁ ୨୧-୧୯, ୨୧-୧୨ ପଏଣ୍ଟରେ ପରାସ୍ତ କରିବାରୁ ଭାରତ ୨-୦ରେ ଅଗ୍ରଣୀଲାଭ କରିଥିଲା। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ବି. ସାଇ ପ୍ରଣୀଥ ଦ୍ୱିତୀୟ ସିଙ୍ଗଲ୍ସରେ ପ୍ରତିପକ୍ଷ ରୋବିନ ମେସମାନଙ୍କୁ ୨୧-୪, ୨୧-୧୨ରେ ହରାଇବାରୁ ଭାରତର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚି ଯାଇଥିଲା। ସେହିପରି ଦ୍ୱିତୀୟ ଡବଲ୍ସ ମ୍ୟାଚରେ ଏମ୍.ଆର. ଅର୍ଜୁନ ଓ ଧ୍ରୁବ କପିଳା ଯୋଡ଼ି ୨୧-୧୨, ୨୧-୧୩ରେ ନେଦରଲାଣ୍ଡସ୍‌ର ଆଣ୍ଡି ବୁଇଜକ ଓ ବ୍ରାଏନ ୱାସିଙ୍କ ଯୋଡ଼ିଙ୍କୁ ହରାଇଥିବାବେଳେ ଅନ୍ତିମ ଲିଗ୍ ମ୍ୟାଚରେ ସମୀର ବର୍ମା ୨୧-୬, ୨୧-୧୧ ପଏଣ୍ଟରେ ଗିଜ୍‌ସ ଡୁଇଜ୍‌ସଙ୍କୁ ହରାଇବାରୁ ଭାରତ କ୍ଲିନ ସୁଇପ୍ କରିଥିଲା। ରବିବାର ତାରକା ମହିଳା ଖେଳାଳି ସାଇନା ନେହ୍ୱାଲ ମ୍ୟାଚ ମଝିରୁ ଓହରି ଯାଇଥିଲେ ହେଁ ଭାରତ ଉବର କପ୍‌ରେ ୩-୨ରେ ସ୍ପେନକୁ ହରାଇ ଅଭିଯାନ ଆରମ୍ଭ କରିଛି।

# ପେଲେଙ୍କ ସମକକ୍ଷ ହେଲେ ଛେତ୍ରୀ

**ମାଲେ, ୧୧।୧୦ (ପି.ଟି.):** ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ୧-୦ ଗୋଲରେ ନେପାଳକୁ ପରାସ୍ତ କରିଛି। ଅଧିନାୟକ ସୁନୀଲ ଛେତ୍ରୀ ୮୩ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ତାଙ୍କର ୭୭ତମ ଅନ୍ତର୍ଜାତୀୟ ଗୋଲ୍ ଯୋଗୁ ସେ କିମ୍ବଦନ୍ତୀ ପେଲେଙ୍କ ସମକକ୍ଷ ହୋଇ ପାରିଛନ୍ତି। ୩୭ବର୍ଷୀୟ ଛେତ୍ରୀଙ୍କ ଭାରତ ତରଫରୁ ଏହାଥିଲା ୧୨୩ତମ ମ୍ୟାଚ। ବ୍ରାଜିଲ କିମ୍ବଦନ୍ତୀ କିନ୍ତୁ ୯୨ ଅନ୍ତର୍ଜାତୀୟ ମ୍ୟାଚରେ ୭୭ ଗୋଲ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସକ୍ରିୟ ରହିଥିବା ଖେଳାଳିଙ୍କୁ ନେଇ ସର୍ବାଧିକ ଗୋଲ ସ୍କୋରର ତାଲିକାରେ ଛେତ୍ରୀ ସଂଯୁକ୍ତ ଆରବ ଏମିରେଟ୍ସର ଅଲି ମାବଖୋତ୍ (୭୭)ଙ୍କ ସମକକ୍ଷ ହୋଇଥିବା ବେଳେ ଖ୍ରିଷ୍ଟିଆନୋ ରୋନାଲ୍‌ଡୋ (୧୧୨) ଓ ଲିଓନେଲ ମେସି (୭୯)ଙ୍କ ପଛରେ ରହିଛନ୍ତି।

# ଶତକ ହାସଲରେ ଆମି ସର୍ବକନିଷ୍ଠ କ୍ରିକେଟର

**ହରାରେ, ୧୧।୧୦:** ଜିମ୍ବାୱେ ବିପକ୍ଷ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଆୟର୍ଲାଣ୍ଡ ୮୫ରନରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୧୬ ବର୍ଷୀୟା ଆମି ହଣ୍ଟରଙ୍କ ଅପରାଜିତ ୧୨୧ ରନ ସହାୟତାରେ ୩ ଉଇକେଟ ବିନିମୟରେ ୩୧୨ ରନ କରିଥିଲା। ଆମି ବିଶ୍ୱର ସବୁଠାରୁ କମ୍ ବୟସ ଖେଳାଳି ଭାବେ ଶତକ ହାସଲ କରିଥିଲେ। ପୂର୍ବରୁ ଏହି ରେକର୍ଡ ଭାରତର ମିଥାଲି ରାଜଙ୍କ ନାମରେ ରହିଥିଲା। ସେ ଆୟର୍ଲାଣ୍ଡ ବିପକ୍ଷରେ ୧୬ ବର୍ଷ ୨୦୫ ଦିନର ହୋଇଥିବାବେଳେ ଶତକ ହାସଲ କରିଥିଲେ। ଶାହିଦ ଆଫ୍ରିଦୀ ସର୍ବ କନିଷ୍ଠ ପୁରୁଷ ଖେଳାଳି ଭାବେ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ୧୯୯୬ରେ ଶ୍ରୀଲଙ୍କା ବିପକ୍ଷରେ ଶତକ ହାଲ କଲା ବେଳକୁ ତାଙ୍କୁ ୧୬ ବର୍ଷ ୨୧୭ ଦିନ ହୋଇଥିଲା।


## The Odisha Small Industries Corporation Ltd.

( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1469 OSIC GST No. 21AAACO2101M1Z1

### TENDER CALL NOTICE

Ref-OSIC/Comml-NB-RE/4377 Dt. 11.10.2021
Tender Documents for the work "Different work at Udala, Jashipur, Nuapada, Kathiguda(Nabarangpur)"

| | |
|---|---|
| Date of available of Bid Document in OSIC Website. | 11.10.2021 at 5.00 PM |
| Last date/Time of Submission of Bid | 03.11.2021 up to 03.00 PM |
| Date of opening of Bid Document | 03.11.2021 up to 3.30 PM |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.
**Place of receipt, opening of Bid & Address for Communication.**: The Managing Director, Odisha Small Industries Corporation Ltd, Madhupatna,Industrial Estate, Cuttack-10, Tel: 0671-2341204.

By order of MD
OIPR-14073/11/0047/2122 Sd/-Joint Manager(Tech)



## ODISHA HYDRO POWER CORPORATION LTD.

OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR
(ODISHA), INDIA, PHONE: 0663-2950721 (O), 2950765 (R)
E-mail: srgmhps_burla@yahoo.co.in, GST No. 21AAACO2575P1Z9, CIN: U40101OR1995SGC003963
No.: HHEP/Tech-W-56/5(Vol-II), 2021-22

### e-TENDER CALL NOTICE No. HHEP-48/2021

No.: CAD-1449: Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade/ class registered with Central Govt./MES/Railway to be received online mode only for the following work in the portal **https://tendersodisha.gov.in**. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No. | Name of Work | Approx. tender value of work (in Rs.) | Class of Contractor | Cost of tender (Non-refundable) |
|---|---|---|---|---|
| 1 | AMC of residential building in HHEP, Burla (Old-E, D, SD, DF, C, CF & A type quarters) | 1546194/- | D & C | Rs.7080/- (Rs.6000/- + GST 18%) |

- Availability of bids online : 11.10.2021 (11.00 A.M.) to 25.10.2021 (05.00 P.M.)
- Last date & time of receipt of bid online : 25.10.2021 upto 05.00 P.M.
- Date & time of opening of tender : 27.10.2021 at 11.30 A.M.
- EMD : In shape of Bid Security Declaration form as per Annexure - 6
- The bidders shall have to participate in online only in the portal **https://tendersodisha.gov.in**.

Further details can be seen from the e-procurement portal **https://tendersodisha.gov.in / www.ohpcltd.com**.

OIPR-04007/11/0021/2122 Sd./- Unit Head, HHEP, Burla



## OFFICE OF THE PRINCIPAL GOVT. COLLEGE, SUNDARGARH

No. 2142 Date: 11.10.21

A Walk-in-Interview for engagement of teaching guest faculty for +2, +3, P.G., B.Ed., Course and a librarian & P.E.T. for B.Ed. wing of this college will be held on 22.10.2021 from 11 A.M. to 5 P.M. in the concerned/respective Dept. of this College. For details, please visit the college website **www.govtcollegesundargarh.org**.

Sd./- Principal
Govt. College, Sundargarh



## NATIONAL HEALTH MISSION
## ODISHA STATE HEALTH & FAMILY WELFARE SOCIETY
## HEALTH & FW DEPARTMENT, GOVT. OF ODISHA

Annex Building of SIH&FW, Nayapalli, Unti-8, Bhubaneswar - 751012
Advt. No. 23/21 Date: 11.10.2021

**Request for Proposal (RFP) through Online for Operation & Management of Urban Primary Health Centers in Partnership mode under NHM (Re-tender).**

No. E-513: Odisha State Health & Family Welfare Society invites **online application** as per the prescribed RFP document from credible entites registered under Society Registration Act/ Indian Trust Act/Company Act/Institutions like Medical Colleges/ Hospitals run under Govt./Public Sector/Pvt. Sector for operation & management of some **Urban Primary Health Centers** in partnership mode.
The eligibility criteria and detailed requirements for "Operation & Management of UPHC" are set forth in the RFP document which can be downloaded along with user manual for online application from the website **www.nhmodisha.gov.in**. Interested bidders fulfilling the eligibility criteria may submit their online application & required documents as set forth in this RFP. The bidders have to submit EMD only in a sealed envelope through Speed Post/ Registered Post/Courier only clearly superscribing the name of the UPHC applied for management on the envelope to the CDM & PHO of the applied district on or before the last date for submission of online application mentioned in the RFP.
The interested bidders are required to apply online on the weblink **www.nhmodisha.in/ngo**. The online applications complete in all respect should be submitted **latest by 06.11.2021.** Incomplete applications/applications received from the blacklisted NGOs/ Trusts will be summarily rejected. The authority reserves the right for cancellation of the advertisement/selection/modification of guidelines for selection without assigning any reason thereof. No personal inquiry shall be entertained.

Sd./- Mission Director, NHM & Member Secretary, OSH&FW Society
OIPR-10084/11/0021/2122



GOVERNMENT OF ODISHA
## OFFICE OF SPECIAL RELIEF COMMISSIONER

No. 5809 / R&DM(DM) Date:11.10.2021

### NOTIFICATION

No. F-181; In pursuance of the Hon'ble Supreme Court's direction dated 4th October, 2021 in Miscellaneous Application No.1120 of 2021 in Writ Petition (Civil) No.539 of 2021, the State Government do hereby authorize the Collector of the District and Chairman of District Disaster Management Authority (DDMA) to disburse ex-gratia assistance of Rs.50,000/- (Fifty thousand ) only out of State Disaster Response Fund (SDRF) to the eligible Next of Kin (NoK) of the persons died due to COVID-19.
The office of the Collector/ Office of the Municipal Commissioner shall function as office to deal with all matters relating to payment of such COVID-19 ex-gratia assistance.
The Committee constituted by the Collectors and Municipal Commissioners as per direction of Health & Family Welfare Department vide their letter No. 2711/H Dt.05.10.2021 and 27973/ H dt.09.10.2021 for issuing "Official Document for COVID-19 Death" shall also act as Grievance Redressal Committee to deal with grievances relating to payment of ex-gratia assistance for such COVID-19 death.
The Collectors and Municipal Commissioners are hereby directed to publish the above information in prominent places& offices of the district/ Municipal Corporation such as Gram Panchayat office,Hospitals, Block office, Tahasils, RI office, Offices of State Govt., Ward office, NACs, Municipalities.
The Application Format and other procedures of availing COVID-19 ex-gratia assistance shall be intimated shortly.

By orders of the Governor
Sd./- Special Relief Commissioner & Additional Chief Secretary to Govt. (Disaster Management)
OIPR-24003/11/0005/2122



## କୋଭିଡ୍-୧୯ ଟୀକାକରଣ କାର୍ଯ୍ୟକ୍ରମ

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ଯେଉଁ ବ୍ୟକ୍ତିମାନେ ଶଯ୍ୟାଶାୟୀ, ଘରୁ ବାହାରକୁ ଯିବାପାଇଁ ଅକ୍ଷମ କିମ୍ବା ଚଳତ୍ ଶକ୍ତି ରହିତ ସେମାନଙ୍କୁ ଘରେ ଭ୍ରାମ୍ୟମାଣ ଟୀକାକରଣ ଦଳ ଦ୍ୱାରା କୋଭିଡ୍ ଟୀକା ପ୍ରଦାନ ଓ ତତ୍ ସଂକ୍ରାନ୍ତୀୟ ସୂଚନା ପାଇଁ ଜିଲ୍ଲାୱାରୀ ହେଲ୍ପଲାଇନ୍ ନମ୍ବର

DSPL-188

| ଜିଲ୍ଲା ନାମ | ହେଲ୍ପଲାଇନ୍ ନମ୍ବର |
|---|---|
| ଅନୁଗୁଳ | ୦୬୭୬୪-୨୩୦୬୧୨ |
| ବାଲେଶ୍ୱର | ୦୬୭୮୨-୨୬୮୮୩୦ |
| ବରଗଡ | ୦୬୬୪୬-୨୩୦୮୦୪ |
| ଭଦ୍ରକ | ୯୪୩୯୯୮୬୭୫୦ |
| ଭୁବନେଶ୍ୱର | ୧୯୨୯ |
| ବଲାଙ୍ଗୀର | ୦୬୬୫୨-୨୩୨୬୩୮ |
| ବୌଦ୍ଧ | ୦୬୮୪୧-୨୨୨୨୨୫ / ୯୪୩୯୯୯୧୦୫୯ |
| କଟକ | ୦୬୭୧-୨୩୦୫୩୭୭ |
| ଦେଓଗଡ | ୦୬୬୪୧-୨୨୬୪୪୨୮ |
| ଢେଙ୍କାନାଳ | ୭୬୫୫୦୫୦୮୭୭ |
| ଗଜପତି | ୦୬୮୧୫-୨୨୩୮୩୪ |
| ଗଞ୍ଜାମ | ୯୪୩୯୯୮୫୦୦୭ |
| ଜଗତସିଂହପୁର | ୦୬୭୨୪-୨୨୧୦୧୬ |
| ଯାଜପୁର | ୦୬୭୨୮-୨୨୫୨୨୮ |
| ଝାରସୁଗୁଡା | ୭୮୪୮୦୩୭୫୮୭ |
| କଳାହାଣ୍ଡି | ୦୬୬୭୦-୨୩୦୨୬୭ / ୯୯୩୮୯୩୫୨୨୭ |
| କନ୍ଧମାଳ | ୬୮୪୨୨୫୩୨୨୯ |
| କେନ୍ଦ୍ରାପଡା | ୯୪୩୭୦୮୦୫୮୨ / ୯୪୩୯୯୯୬୦୦୪ |
| କେନ୍ଦୁଝର | ୦୬୭୬୬-୨୫୫୪୨୬ |
| ଖୋର୍ଦ୍ଧା | ୦୬୭୫୫-୨୨୩୧୭୮ |
| କୋରାପୁଟ | ୯୪୩୯୯୯୦୫୦୯ / ୯୪୩୭୭୭୮୭୩୩ |
| ମାଲ୍‌କାନଗିରି | ୭୬୦୬୮୭୫୨୬୧ |
| ମୟୁରଭଞ୍ଜ | ୦୬୭୯୨-୨୫୨୭୦୨ |
| ନବରଙ୍ଗପୁର | ୦୬୮୫୮-୨୨୨୪୫୯ / ୨୨୨୦୫୭ |
| ନୟାଗଡ | ୯୩୩୭୦୮୨୭୮୧ |
| ନୂଆପଡା | ୦୬୬୭୮୨୨୫୬୧୪ |
| ପୁରୀ | ୧୮୦୦୩୪୫୭୪୯୧ |
| ରାୟଗଡା | ୭୦୦୮୯୨୭୦୧୭ |
| ସମ୍ବଲପୁର | ୦୬୬୩୨୪୧୨୦୮୭ / ୦୬୬୩୨୪୧୨୦୨୬ |
| ସୋନପୁର | ୭୮୪୬୮୫୦୫୫୩ |
| ସୁନ୍ଦରଗଡ | ୯୪୩୯୯୯୩୪୮୪ / ୯୪୩୯୯୯୩୨୦୦ / ୯୪୩୭୨୧୨୩୧୩ |

ଅଧିକ ବିବରଣୀ ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪ରେ ଯୋଗାଯୋଗ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0079/2122



## UTKAL UNIVERSITY OF CULTURE

Sanskruti Vihar, Madanpur, Bhubaneswar-752 054
E-mail : mailboxuuc@gmail.com, Visit us at uuc.ac.in
No. 270 /UUC dt.08-10-2021
No. CAD-1463

### ADMISSION NOTIFICATION-2021-22

Utkal University of Culture invites application on ONLINE MODE ONLY for admission in to the following innovative, inter-disciplinary and career oriented courses:

| Courses | Duration | No. of seats |
|---|---|---|
| **Faculty of Culture Studies (M.A. Programme)** | | |
| Culture Studies | 2 Years | 32 |
| **Faculty of Architecture and Archaeology (M.A. Programme)** | | |
| History and Archaeology | 2 Years | 32 |
| **Faculty of Language and Literature (M.A. Programme)** | | |
| Liguistics | 2 Years | 32 |
| Odia Langauge and Literature | 2 Years | 32 |
| **Faculty of Visual Art (MVA Programme)** | | |
| Painting | 2 Years | 24 |
| Print Making | 2 Years | 16 |
| Applied Art & Design | 2 Years | 24 |
| Sculpture | 2 Years | 16 |
| Art History | 2 Years | 16 |
| **Faculty of Performing Art (M.Mus. Programme)** | | |
| Odissi Vocal | 2 Years | 24 |
| Hindustiani Vocal | 2 Years | 24 |
| Odissi Dance | 2 Years | 24 |
| Chhow Dance | 2 Years | 16 |
| Tabla | 2 Years | 16 |
| Mardal | 2 Years | 16 |
| Violin | 2 Years | 16 |
| Flute | 2 Years | 16 |
| Sitar | 2 Years | 16 |
| Drama(Acting, Design and Direction) | 2 Years | 16 |
| **M.Phil Programmes** | | |
| Odissi Dance | 1 year | 10 |
| Odissi Vocal | 1 year | 10 |
| Hindustani Vocal | 1 year | 08 |
| Drama | 1 year | 05 |
| Instrumental Music (Flute/Violin/Sitar) | 1 year | 10 |
| Painting | 1 year | 08 |
| Applied Art and Design | 1 year | 08 |

**Eligibility** : Any person who has passed the qualifying degree with atleast 45% of marks in aggregate (40% for SC/ST students) of Utkal University of Culture, or any other examination conducted by other Universities/Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses except for M.Phil Programmes. For M.Phil programmes, the eligibility criteria is MPA/M.Mus or MVA/MFA in the concerned subject. The qualifying degree and other details can be seen from the prospectus available for download from **uuc.ac.in-Prospectus 2021-22**.

**Candiates who are appearing/appeared the final examination of qualifying degree and awaits thier results are also eligible to apply with the downloaded results, subject to production of final degree mark sheet before the selection process.**

**Application Procedure**: Candidates are required to login to **uuc.ac.in (Admissions-2021)** to registered themselves for ON-LINE application on payment of **Rs.300/-** towards application fee payable on online mode.

**Commencement of of On-line Application form for admission into P.G. and M.Phil Programmes 12-10-2021 to 25-10-2021**
**Last date for submission of hard copy of application along with required documents 01-11-2021**
**Other details are available in the E-Prospectus.**

By order of Vice-Chancellor
Sd/-CHAIRMAN, P.G.COUNCIL
OIPR-03005/11/0004/2122



ସୌନ୍ଦର୍ଯ୍ୟ

# ବେସନ ଫେସ୍ ପ୍ୟାକ୍

ବର୍ତ୍ତମାନ ତ୍ୱଚାର ଯତ୍ନ ପାଇଁ ଅନେକେ ବ୍ୟୁଟି ପାର୍ଲର ଯିବାଠାରୁ ଆରମ୍ଭ କରି ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ଫେସ୍‌ପ୍ୟାକ୍ ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ଅନେକ ସମୟରେ ଏହା ତ୍ୱଚା ଉପରେ ନକାରାତ୍ମକ ପ୍ରଭାବ ପକାଉଥିବାର ନଜିର ରହିଛି। ତେଣୁ ଆପଣ ଚାହିଁଲେ ଉଜ୍ଜ୍ୱଳ, ବ୍ରଣ ଦାଗ ମୁକ୍ତ ତ୍ୱଚା ପାଇବା ଲାଗି ଘରେ ମଧ୍ୟ ବେସନ ବ୍ୟବହାର କରି ପ୍ରାକୃତିକ ଭାବେ ଫେସପ୍ୟାକ୍ ପ୍ରସ୍ତୁତ କରିପାରିବେ...

- ବେସନରେ ଗୋଟିଏ ଚାମଚ ମୁଲତାନୀ ମାଟି ମିଶାନ୍ତୁ। ଏହି ପ୍ୟାକ୍‌କୁ **ନିଜ ମୁହଁ**ରେ ଲଗାନ୍ତୁ। ୨୦ ମିନିଟ୍ ପରେ ଏହାକୁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ ଓ ସତେଜ ରଖିବ।
- ୨ଟି କମଳା ନିଅନ୍ତୁ। ସେଥିରୁ ଚୋପା ଛଡ଼ାଇ ରସ ବାହାର କରନ୍ତୁ। ସେଥିରେ ଏକ ଚାମଚ କ୍ଷୀର ଏବଂ ଚିମୁଟାଏ ହଳଦୀ ଏବଂ ଗୋଟେ ଚାମଚ ଲେଖାଏ ବେସନ, ମହୁ ମିଶେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ନିଜ ମୁହଁ ଏବଂ ବେକରେ ଭଲଭାବେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ ଏବଂ ୨୦ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ପରେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏହି ପ୍ୟାକ୍ ଲଗାଇଲେ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଏବଂ ଗୋରା ଦିଶିବ।
- ଯଦି ଆପଣ ବ୍ଲାକ୍‌ହେଡସ୍ ଯୋଗୁ ଚିନ୍ତିତ ତେବେ ୨ଚାମଚ ବେସନରେ ଗୋଟେ ଚାମଚ ଲେମ୍ବୁର ରସ ମିଶାଇ ମୁହଁରେ ଲଗାନ୍ତୁ। ଏହି ସ୍କ୍ରବ ପ୍ୟାକ୍‌କୁ ସପ୍ତାହରେ ଦୁଇ ଥର ବ୍ୟବହାର କଲେ ବ୍ଲାକ୍‌ହେଡ୍‌ସ ଲିଭେଇବାରେ ସାହାଯ୍ୟ କରିବ।
- ପ୍ରାକୃତିକ ବାଦାମ ଏବଂ ବେସନ ଫେସ୍‌ପ୍ୟାକ୍ ଆପଣଙ୍କ ମୁହଁର ଗ୍ଲୋ ବଢ଼ାଇ ଆକର୍ଷଣୀୟ ଦେଖାଯିବାରେ ସାହାଯ୍ୟ କରେ। ଏଥିପାଇଁ ୩ ଚାମଚ ବେସନ, ୨ ଚାମଚ ବାଦାମ ପେଷ୍ଟ ଏବଂ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇବା ପରେ କିଛି ସମୟ ରଖି ଧୋଇଦିଅନ୍ତୁ।



# ଦଶହରାରେ ଡାଣ୍ଡିଆ ଗେଟ୍‌ଅପ୍



ଦଶହରା ଆସିଲେ ସମସ୍ତେ ନିଜ ନିଜ ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ମଜା ମସ୍ତିରେ ମଜି ଯାଆନ୍ତି। ହେଲେ ବ୍ୟସ୍ତତା ମଧ୍ୟରେ ଥାଇ ମଧ୍ୟ ଅଧିକାଂଶ ମହିଳା ନିଜକୁ ଭିନ୍ନ ଭିନ୍ନ ଲୁକ୍‌ରେ ସଜାଇବାକୁ ଜମାରୁ ଭୁଲନ୍ତି ନାହିଁ। ବର୍ତ୍ତମାନ ଡାଣ୍ଡିଆ ଗେଟ୍‌ଅପ୍ ଟ୍ରେଣ୍ଡରେ ଥିବାରୁ ଅନେକେ ଏହାକୁ ଆପଣେଇବାକୁ ପସନ୍ଦ କରୁଛନ୍ତି। ଯଦି ଆପଣ ବି ଏଥିପାଇଁ ଇଚ୍ଛୁକ ତେବେ ନିଜକୁ କିପରି ପ୍ରସ୍ତୁତି କରିବେ ଜାଣିବା ରଖନ୍ତୁ ଟିପ୍ସ...

- ଦଶହରାକୁ ଅଧିକ ମଜାଦାର କରିବାକୁ ଯଦି ନିଜକୁ ଡାଣ୍ଡିଆ ଲୁକ୍ ଦେବାକୁ ଚାହାନ୍ତି ତେବେ ଚନିଆ- ଚୋଲି , ଘାଘରା-ଚୋଲି ହିଁ ସବୁଠୁ ଭଲ ଲାଗିଥାଏ। ଆପଣ ଚାହିଁଲେ ଲେହେଙ୍ଗା ବି ପିନ୍ଧିପାରିବେ। ଲାଲ୍, ସବୁଜ, ହଳଦୀ, ଗୋଲାପି, ନୀଳ ଆଦି ରଙ୍ଗ ବାଛନ୍ତୁ, ଅଧିକ ଆଟ୍ରାକ୍ଟିଭ୍ ଲାଗିବେ।
- ଯଦି ନୂଆ କିଣିବାକୁ ନ ଚାହାନ୍ତି ତେବେ ପାଖରେ ଥିବା କୌଣସି ହାତୀ, ମୟୂର, ଫୁଲ, କୁମ୍ଭ କିମ୍ବା ଅନ୍ୟ ଟ୍ରାଡିଶନାଲ୍ ପ୍ରିଣ୍ଟ ଥିବା ଲଙ୍ଗ୍ ସ୍କର୍ଟ ସହିତ ଡିଜାଇନର୍ ବ୍ଲାଉଜ୍ ଏବଂ ହେଭି ୱାର୍କ ଥିବା ଦୁପଟା(ରାଜସ୍ଥାନୀ କିମ୍ବା ଗୁଜରାଟି)କୁ ମିକ୍ସ ମ୍ୟାଚ୍ କରି ପିନ୍ଧି ପାରିବେ। ଏହା ଆପଣଙ୍କୁ ଟ୍ରେଣ୍ଡି ଏବଂ ଗର୍ଜିଅସ୍ ଲୁକ୍ ଦେବ।
- ନିଜ ଡ୍ରେସ୍‌ର ରଙ୍ଗ ଅନୁସାରେ ମ୍ୟାଚିଙ୍ଗ୍ କରି ଅଳଙ୍କାର ବାଛନ୍ତୁ। ସୁନ୍ଦର ଡିଜାଇନ୍‌ର ୱାର୍କ ଚୁଡି ସାଙ୍ଗକୁ ଆର୍ଟିଫିସିଆଲ୍ ଜୁଏଲେରି ସେଟ୍ ଅଧିକ ସୁନ୍ଦର ଲାଗିବ। ତେବେ ନିଜ ଗେଟ୍‌ଅପ୍‌କୁ ଆହୁରି ଆଇକ୍ୟାଚି କରିବା ଲାଗି ଆପଣ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ୱେଷ୍ଟ ବେଲ୍ଟ ବା କମର୍ ବନ୍ଧ ବି ବାଛି ପାରିବେ।
- ଏହି ଗେଟ୍‌ଅପ୍ ମ୍ୟାଚି ଫୁଟ୍‌ୱେର୍ ବିନା ଅଧୁରା। ତେଣୁ ଏହା ସହ ରାଜସ୍ଥାନୀ ଜୁତି କିମ୍ବା ଏମ୍ବ୍ରୋଏଡୋରି ବା ସାଇନିଂ ୱାର୍କ ଥିବା ହାଫ୍‌ସୁଜ୍ ପିନ୍ଧିପାରିବେ।



ଆଦ୍ୟାଶକ୍ତି ମା'ଦୁର୍ଗାଙ୍କ ଆଗମନ ସଭିଙ୍କ ମନରେ ଭରିଦିଏ ଆନନ୍ଦ ଓ ଉନ୍ମାଦନା। ଦିଗ୍‌ବଳୟରେ ଲାଗିଯାଏ ବିଚିତ୍ର ରଙ୍ଗ। କାଶତଣ୍ଡିଫୁଲର ମଧୁ ହିଲ୍ଲୋଳ ପୂଜାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦିଏ। ଦିନଥିଲା, ମା'ଙ୍କୁ ଲାଲ୍ ରଙ୍ଗ ପସନ୍ଦ ବୋଲି ଧରାପୃଷ୍ଠରେ ତାଙ୍କ ସ୍ୱାଗତ ଲାଗି ଝିଅମାନେ ମଞ୍ଜୁଆତି, ହରଗୌରା ଆଦିରେ ହାତକୁ ସଜାଉଥିଲେ। ଏବେ ବି ପୂଜାରେ ଝିଅମାନେ ମେହେନ୍ଦୀ ଲଗାଉଛନ୍ତି ସତ, ହେଲେ ସେଥିରେ ନା ଅଛି ସେ ଆନନ୍ଦ ଉଲ୍ଲାସ ନା ସେ ମାଦକତା। ଆଧୁନିକତାର ଛାପ ଭିତରେ ଯେମିତି କେଉଁଆଡ଼େ ହଜିଯାଇଛି ସେ ବେଳର ପ୍ରଥା ଆଉ ପରମ୍ପରା...



# ମା'ଙ୍କ ଶରଧା ନାଲି ରଙ୍ଗରେ...

**ମଞ୍ଜୁଆତିର ମଞ୍ଜୁଲତା: ଡା. ସରୋଜିନୀ ଷଡଙ୍ଗୀ(ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ):** 'ଯା ଦେବୀ ସର୍ବ ଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ।' ଅଭୟଦାୟିନୀ ଶକ୍ତିମୟୀ ମା'ଦୁର୍ଗା ଯେବେ ପୃଥିବୀକୁ ଓହ୍ଲାଇ ଆସି ମଣ୍ଡପରେ ଉଭା ହୁଅନ୍ତି ଶରୀର ଓ ମନ ଉନ୍ମୁଖ ହୋଇଉଠେ, ଧମନୀର ପ୍ରତ୍ୟେକ ରକ୍ତକୋଷରେ ପୂରିଯାଏ ପାର୍ବଣର ରଙ୍ଗ। ଥିଲା ଏତେ ସବୁ ରଙ୍ଗର ନେଲ୍‌ପଲିସ୍ ନା ହେଉଥିଲା ନେଲ୍ ଆର୍ଟ। ମେହେନ୍ଦୀର ଏତେ ଚମତ୍କାର ଡିଜାଇନ୍ ବା ଲଗାଇବାର ଶୈଳୀ ବି ଜଣା ନ ଥିଲା। ତେଣୁ ମା'ଙ୍କୁ ସ୍ୱାଗତ ଜଣାଇବା ଲାଗି ଆମେ ମଞ୍ଜୁଆତି ଲଗାଇବାକୁ ତତ୍ପର ହୋଇପଡୁଥିଲୁ। ହାତ ଓ ନଖ ଲାଲ୍ କରିବାକୁ ପ୍ରବଳ ଆଗ୍ରହ। ଆମେ ମଞ୍ଜୁଆତି ପତ୍ର ତୋଳିଆଣି ତାକୁ ବାଟୁଥିଲୁ। ସେ ବଟାରେ ଖଇର ମିଶାଇଲେ ଖୁବ୍ ଲାଲ୍ ରଙ୍ଗ ହେଉଥିଲା।



ଧରିତ୍ରୀ, ଆକାଶ ଓ ଦିଗ୍‌ବଳୟରେ ଲାଗିଯାଏ ବିଚିତ୍ର ରଙ୍ଗ। ସମସ୍ତେ ନୂଆ ଲୁଗା ପିନ୍ଧି ସଜବାଜ ହୋଇ ମା' ଦୁର୍ଗାଙ୍କର ସ୍ତୋତ୍ର ଓ ମନ୍ତ୍ର ଉଚ୍ଚାରଣ କରି ମା'ଙ୍କର ପୂଜା ଅର୍ଚ୍ଚନା କରନ୍ତି। ମା' ପୂଜା ଆସିଲେ ହିଁ ନୃତ୍ୟ, ସଂଗୀତ, ଘଣ୍ଟ ଘଣ୍ଟା ଆଉ ମାଦଳର ମଙ୍ଗଳମୟ ଧ୍ୱନିରେ ମନ ଚାଲିଯାଏ ବହୁବର୍ଷ ତଳର ସେଇ ଅଭୁଲା ଅତୀତକୁ। ସେତେବେଳେ ମୁଁ ମାମୁ ଘରେ ରହି ପାଠପଢୁଥିଲି। ଆମ ଘର ପାଖରେ ଦୁର୍ଗାଙ୍କର ଦୁଇଟି ମେଢ ହେଉଥିଲା। ଆମ ସାହିରେ ଯେଉଁ ପୂଜା ହେଉଥିଲା ତାହା ଖୁବ୍ ଚମତ୍କାର ଥିଲା। ଷଷ୍ଠୀ ଦିନରୁ ପୂଜାର ଆରମ୍ଭ ହୋଇଥାଏ। ସେତେବେଳେ ନା ଲୁହା କରେଇରେ ମଞ୍ଜୁଆତି ପତ୍ର ଖଇର ଓ କଫି ମିଶାଇ ବାଟି ତାକୁ କିଛି ସମୟ ରଖିଲେ ଖୁବ୍‌ଲାଲ୍‌ରଙ୍ଗ ହୋଇଯାଉଥିଲା। ତା'ପରେ ଜଣେ ଝିଅ ବସି ସମସ୍ତଙ୍କୁ ମଞ୍ଜୁଆତି ଲଗାଉଥିଲା। ପ୍ରାୟ ୨-୩ ଘଣ୍ଟା ପରେ ଶୁଖିଗଲେ ଆମେ ହାତ ଆଉ ନଖରୁ ମଞ୍ଜୁଆତି ଛଡ଼ାଇଲା ପରେ ଅଧିକ ଲାଲ୍ ହେବା ଲାଗି ନଡ଼ିଆ ତେଲ ବୋଳି ଦେଉଥିଲୁ। ଖାଲି ଏତିକି ନୁହେଁ, କାହାର କେତେ ଲାଲ୍ ରଙ୍ଗ ହୋଇଛି ଦେଖୁଥିଲୁ। ଏବେବି ମନେ ଅଛି ଥରେ ଥରେ ରଙ୍ଗ ଗାଢ଼ ନ ହୋଇଥିଲେ କେହି ଯେମିତି ନ ଦେଖନ୍ତି ଲୁଚେଇ ଲୁଚେଇ ଆଉଥରେ ମଞ୍ଜୁଆତି ବଟା ଲଗାଇ ଦେଉଥିଲୁ। ହାତରୁ ସେ ରଙ୍ଗ ଯଦିଓ କିଛି ଦିନରେ ଚାଲିଯାଉଥିଲେ ହେଲେ ନଖରୁ ଆଉଥରେ ସମ୍ପୂର୍ଣ୍ଣ ନୂଆ ନଖ ଆସିବା ପର୍ଯ୍ୟନ୍ତ ଧୀରେ ଧୀରେ ଯାଉଥିଲା। ସେଦିନର ସେ ପରମ୍ପରା ଆଉ ନାହିଁ। ଏବେ ବି ଦୁର୍ଗା ପୂଜା ଅଛି, ଝିଅମାନେ ମେହେନ୍ଦୀ ଲଗାଉଛନ୍ତି ହେଲେ ସେଥିରେ ସେ ବେଳର ରଙ୍ଗ, ସେ ଉଲ୍ଲାସ, ସେ ଆନନ୍ଦ , ସେ ମାଦକତା କାହିଁ?

**ଦେବୀଙ୍କ ପସନ୍ଦ ନାଲି ରଙ୍ଗ: ଲକ୍ଷ୍ମୀ ଚାନ୍ଦ(ଭୁବନେଶ୍ୱର):** କେଜାଣି କାହିଁକି ଆଶ୍ୱିନ ମାସ ଆସିଲେ ଦେହରେ ଏକ ନୂତନ ଶିହରଣ ଖେଳିଯାଏ। ମନ ଉଚ୍ଚାଟିତ ହୁଏ। ଦଶହରା ପାଇଁ କି? ଜାଣେନା। ତେବେ କିଛି ତ ହୁଏ। କିନ୍ତୁ ସେହି ଉଚ୍ଚାଟ ପିଲାବେଳେ ଆହୁରି ଅଧିକ ଥିଲା। ପଞ୍ଚମୀ ଦିନଠୁ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଉଥିଲା। ଚାରିଆଡେ ଗହଳ ଚହଳ ଲାଗିରହୁଥିଲା। ମାଆ ଆମ ଚାରି ଭଉଣୀଙ୍କୁ ବାରମ୍ବାର ହାତ, ନଖ ପଚାଇବାକୁ କହୁଥିଲା। ସେଥିପାଇଁ ପୂର୍ବରୁ ଆମେ ମଞ୍ଜୁଆତି ପତ୍ର ବାଟିକି ରଖୁଥିଲୁ। କେହି କେହି ହରଗୌରା ଫୁଲ ବଟା କିମ୍ବା ଚା-ଚିନିକୁ ପୋଡ଼ି ମଧ୍ୟ ସେଥିରେ ହାତ ରଙ୍ଗାଉଥିଲେ। ଥରେ ମାଆକୁ ପଚାରିଥିଲି -କାହିଁକି ଷଷ୍ଠୀ ଦିନ ହିଁ ହାତ ଓ ନଖକୁ ରଙ୍ଗା ହୁଏ? ମାଆ କହିଥିଲା ଦେବୀ ଆସିବେ ପରା, ନାଲି ରଙ୍ଗ ଲଗେଇ ତାଙ୍କୁ ଆବାହନ କରାଯାଏ। -ହେଲେ ନାଲି ରଙ୍ଗ କାହିଁକି?

-ନାଲି ରଙ୍ଗ ପରା ଦେବୀଙ୍କୁ ଭାରି ପସନ୍ଦ। ତାଙ୍କୁ ସମ୍ମାନ ଦେଖେଇବାକୁ ହାତ ନଖ ରଙ୍ଗ କରାଯାଏ। ଯା ଯଦି ହାତ, ନଖ ରଙ୍ଗେଇ ସାରିଲୁ ଦାଣ୍ଡ କାନ୍ଥର ଦୁଇପାଖରେ ବଡ଼ ଫୁଲ ଦୁଇଟା ଆଙ୍କି ନାଲି ରଙ୍ଗ ଦେଇଦେବୁ। ମୁଁ ରାଉଣ୍ଡର ଧରି ଦଉଡ଼େ। ଏବେ ଏ କଥା କହିଲେ ଆଜିକା ପିଲା ହସି ହସି ଗଡ଼ିଯିବେ। ବଡ଼ ବଡ଼ ନଖରେ ନିଜ ଡ୍ରେସ ସହ ମ୍ୟାଚିଂ କରି ନେଲପୋଲିସ ଲଗାଉଥିବା ହାତରେ କ'ଣ ସେଦିନର ମଞ୍ଜୁଆତି, ଚା-ଚିନି କି ହରଗୌରାର ରଙ୍ଗ ଶୋଭା ପାଇବ? ମୋର ଝିଅ ଥିଲେ ସିଏ ବି ଏକଥା ଶୁଣି ହସିଥାନ୍ତା। ମୁଁ ନିର୍ବାକ ହୋଇ ତା' ନଖର ବିଭିନ୍ନ ରଙ୍ଗକୁ ଦେଖୁଥାଏ। ଜାଣିପାରିଲିନି ଏତେ ସୁନ୍ଦର ପ୍ରଥା ସବୁ କେତେ ଶୀଘ୍ର ଲୋପ ପାଇଗଲା। ଆଧୁନିକତାର ଦ୍ୱାହି ଦେଇ ଆମେ କେଉଁଦିଗକୁ ଗତି କରୁଛେ? ପୂଜା ପାର୍ବଣରେ ଭକ୍ତି ଦୂର କଥା, କିଏ ନିଜକୁ ଅନ୍ୟ ସାମ୍ନାରେ କେତେ ଉପସ୍ଥାପନା କରିପାରୁଛି ତା'ର ପ୍ରତିଯୋଗିତାରେ ସମସ୍ତେ ଏବେ ବ୍ୟସ୍ତ। ପୁରୁଣା ଅନୁଭୂତି ସାଉଁଟିବା ଭିତରେ ହଠାତ୍ ମନେ ପଡ଼ିଲା ମା' ଧରାବତରଣ କଲେଣି। ଦୌଡ଼ି ଯାଇ କିଛି ରଙ୍ଗ ନ ପାଇବାରୁ ଅଳତା ଆଣି କାନ୍ଥରେ ଦୁଇଟା ଫୁଲ ଆଙ୍କିବାକୁ ଲାଗିଲି। ଦେବୀଙ୍କ ନାଲି ରଙ୍ଗ ପସନ୍ଦ ପରା।



ଡା. ସରୋଜିନୀ ଷଡଙ୍ଗୀ



ଲକ୍ଷ୍ମୀ ଚାନ୍ଦ



ଉଷାରାଣୀ ମହାନ୍ତି

**ହଜିଗଲାଣି ସେ ପରମ୍ପରା: ଉଷାରାଣୀ ମହାନ୍ତି(ଗଡ଼ ମହାବୀର ବିହାର, ଭୁବନେଶ୍ୱର):** ଦୁଷ୍ଟ ନିବାରି ସନ୍ଥ ପାଳନ ନିମନ୍ତେ ମା' ଆବିର୍ଭୂତା ହୁଅନ୍ତି। ପ୍ରକୃତି ସଜାଇ ହୋଇଯାଏ ମା'ଙ୍କ ଆବାହନ ପାଇଁ ଶରତର ଶୁଭ୍ର ତୋଫା ଜହ୍ନରେ। କାଶତଣ୍ଡିର ମନଲୋଭା ଦୃଶ୍ୟ, କାକର ଗାଧୁଆ ଧରଣୀ ରାଣୀର ସବୁଜ ବନାନୀ ସତେ ଯେମିତି ଗାଁରୁ ସହର ପାର୍ବଣ ମୁଖର କରିଦିଏ। ଆମ ଓଡ଼ିଶାର ପ୍ରତ୍ୟେକ ଦେବୀ ପୀଠ ଚଳଚଞ୍ଚଳ ହୋଇଉଠେ। ଦୀର୍ଘ ପଚାଶ ବର୍ଷ ତଳର ମୋ ପିଲାବେଳର କଥା ମନେ ପଡ଼ିଲେ ଲାଗୁଛି ସମୟ ବଦଳିଛି। ଜନ ମାନସରେ ଆଉ ସେ ନିଷ୍ଠା ବା ନୈବେଦ୍ୟ ନାହିଁ। ପୂଜାର ଆଗମନୀରେ ମନ ଭିତରେ ଯେଉଁ ଆଗ୍ରହ ଓ ଉତ୍କଣ୍ଠା ଥିଲା ତାହା ଏବେ ନାହିଁ। ମାଟି କାନ୍ଥକୁ ଗାଈ ଗୋବରରେ ଲିପି ତା' ଉପରେ ଦଶ ରଙ୍ଗ ଦେଇ ପଦ୍ମ, ଓଲଟା ପଦ୍ମ, ଗଛ ଲତା ଇତ୍ୟାଦି ଆଙ୍କିବାକୁ ଗ୍ରାମ୍ୟ ଝିଅ ବୋହୂଙ୍କ ମନରେ ଯେଉଁ ପ୍ରତିଯୋଗିତା ମନୋଭାବ ତାହା ଆଜିକାଲି କାହିଁ। ସେତେବେଳେ ଆମେ ଝିଅବୋହୂମାନେ ଏକାଠି ହୋଇ ମଞ୍ଜୁଆତି ପତ୍ର, ହରଗୌରା ଫୁଲ ବାଟି ହଳଦୀ, ଖଇର ଇତ୍ୟାଦି ମିଶେଇ ହାତ ପଚେଇବାରେ ଲାଗିପଡୁଥିଲୁ। ଶୁଖିବା ପର୍ଯ୍ୟନ୍ତ ହାତକୁ ସେମିତି ଟେକି ଟେକି ଲୁଡୁ, ତାସ୍ ଖେଳିବାର ମଜା ନେବାଠୁ ଆରମ୍ଭ କରି ଛୋଟଭାଇମାନେ ହାତକୁ ବୋଳି ଦେବେ ବୋଲି ଆମ ପଛରେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ମାଡ଼ ଖାଇବା ପର୍ଯ୍ୟନ୍ତ ସବୁ ମନେଅଛି। ଆମେ ବାଡୁଅ ଝିଅମାନେ ମଞ୍ଜୁଆତି ଲାଗି ସାରିବା ପରେ କାହାର କେତେ ନାଲି ହୋଇଛି ଦେଖୁଥିଲୁ। କାରଣ ବିଶ୍ୱାସ ଥିଲା ଯେ, ''ଯା' ହାତ ଯେତେ ଲାଲ୍, ତା' ବର ସେତେ ଭଲ''। କେବଳ ଏତିକି ନୁହେଁ, କୁଆଁରୀ ଝିଅମାନେ ପ୍ରତିଦିନ ସନ୍ଧ୍ୟାରେ ଜହ୍ନିଫୁଲ ତୋଳି ଭାଇମାନଙ୍କ ଶୁଭ ମନାସି ଚଉରା ମୂଳରେ ପୂଜା କରନ୍ତି। ଘରେ ଘରେ ମା'ଙ୍କ ପୂଜାର୍ଚ୍ଚନା ପାଇଁ ଦଶପ୍ରକାର ଫୁଲ, ଦଶ ପ୍ରକାର ଫଳ, ଦଶ ପ୍ରକାର ପୁରଦିଆ ମଣ୍ଡା ଲାଗିଥାଏ। ପ୍ରତ୍ୟେକ ପରିବାର ଉତ୍ସବ ମୁଖର ଥାଏ। ଏବେ ପୂଜାର ସେ ପରମ୍ପରା ଧୀରେ ଧୀରେ ଜନମାନସରୁ ହଜିଗଲାଣି।

- ପୌର୍ଣ୍ଣମାସୀ



ଖାଦ୍ୟରୁଚି

# ଡେଟ୍ ପାନ୍‌କେକ୍

**ଆବଶ୍ୟକ ସାମଗ୍ରୀ :** ଅଟା- କପ୍‌ର ଏକ ଚତୁର୍ଥାଂଶ, ଖାଇବା ସୋଡ଼ା-୧ ଛୋଟ ଚାମଚ, ପାଣି-୧ କପ୍, ଅଣ୍ଡା କେଶର- ୪ଟି, ଚିନି-୧ ବଡ ଚାମଚ, ମଞ୍ଜି ନ ଥିବା ଖଜୁରୀ -ଅଧା କପ୍, ତେଲ-ଆବଶ୍ୟକ ପରିମାଣ, ଅଳ୍ପ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଖାଇବା ସୋଡ଼ା, ଅଟା, ଚିନି ଏବଂ ଅଣ୍ଡା କେଶର ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ସେଥିରେ ଧୀରେ ଧୀରେ ପାଣି ଢାଳି ବହଳିଆ ହେବା ପର୍ଯ୍ୟନ୍ତ ଗୋଳାନ୍ତୁ। ମିଶ୍ରଣକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ। ଏବେ ଏକ ପ୍ୟାନ୍‌କୁ ଗରମ କରି ସେଥିରେ ଦୁଇ ଚାମଚ ଲେଖାଏ ମିଶ୍ରଣକୁ ପକାଇ କେକ୍ ଆକୃତିର କରନ୍ତୁ। ଏପଟେ ଖଜୁରୀକୁ ଗ୍ରାଇଣ୍ଡ କରି ଅଳ୍ପ ତେଲରେ ମିଶାଇ ଦିଅନ୍ତୁ। ଏହାକୁ ଏବେ ନେଇ ପ୍ୟାନ୍‌ରେ ବସିଥିବା କେକ୍ ଉପରେ ପକାଇ କିଛି ସମୟ ପାଇଁ ଘୋଡ଼ାଇ ଦିଅନ୍ତୁ। ବାଦାମୀ ରଙ୍ଗ ଆସିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ପ୍ଲେଟ୍‌ରେ କାଢି ଅଳ୍ପ ଗୁଜୁରାତି ଗୁଣ୍ଡ ପକାଇ ପରଷି ଦିଅନ୍ତୁ।



**ଅଶିକ୍ଷିତମାନେ ଦେଶ ପାଇଁ ବୋଝ: ଶାହା**

ଅଶିକ୍ଷିତ ଲୋକମାନେ ଦେଶ ପାଇଁ ବୋଝ। ନିରକ୍ଷରମାନେ କଦାପି ଭାରତର ଉତ୍ତମ ନାଗରିକ ହୋଇପାରିବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ନରେନ୍ଦ୍ର ମୋଦି କ୍ଷମତାରେ ୨୦ ବର୍ଷ ପୂରଣ କରିବା ଅବସରରେ ସଂସଦ ଟିଭିକୁ ସାକ୍ଷାତ୍‌କାର ଦେଇ ଶାହା କହିଥିଲେ, ଦେଶର ବିକାଶରେ ଶିକ୍ଷାର ଅବଦାନ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ବର୍ତ୍ତମାନର ସରକାର ପିଲାମାନଙ୍କୁ ସ୍କୁଲ୍‌କୁ ଆଣିବା ଲାଗି ସର୍ବାଧିକ ଉଦ୍ୟମ କରିଛନ୍ତି।



# ଆଷ୍ଟ୍ରାଜେନିକା ବ୍ଲୁପ୍ରିଣ୍ଟ ଚୋରି କରିଛି ରୁଷିଆ

**କରୋନା ମୁକାବିଲା ପାଇଁ ଦୁନିଆର ପ୍ରଥମ ଦେଶ ଭାବେ ରୁଷିଆ ସ୍ପୁଟନିକ-ଭି ନାମରେ ଟିକା ବାହାର କରିଥିଲା। ପ୍ରଭାବଶାଳୀ ଭାକ୍ସିନ ପ୍ରସ୍ତୁତ କରିବାରେ ଏହି ଦେଶ ବେଶ୍ ସକ୍ଷମ ଏବଂ ସ୍ୱୟଂନିର୍ଭରଶୀଳ ବୋଲି ଦେଖାଇବାକୁ ଚାହିଁଥିଲେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ। କିନ୍ତୁ ରୁଷିଆ ନିଜ ପ୍ରଣାଳୀରେ ଟିକା ତିଆରି କରି ନ ଥିବା ଏବଂ ସ୍ପୁଟନିକ୍ ଭି ପାଇଁ ଗୁପ୍ତଚରଗିରି କରି ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଟିକାର ବ୍ଲୁପ୍ରିଣ୍ଟ ଚୋରି କରିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଗାମାଲିଆ ନ୍ୟାଶନାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି ଆଣ୍ଡ୍ ମାଇକ୍ରୋବାୟୋଲୋଜି ଏହି ଟେକ୍ନୋଲୋଜି ଦ୍ୱାରା ସ୍ପୁଟନିକ-ଭି ପ୍ରସ୍ତୁତ କରିଥିବା ଏଥିରେ ଦର୍ଶାଯାଇଛି।**






**ଲଣ୍ଡନ/ନୂଆଦିଲ୍ଲୀ, ୧୧।୧୦**

କୋଭିଡ୍-୧୯ ମହାମାରୀ କବଳରୁ ମୁକ୍ତି ପାଇବା ପାଇଁ ୨୦୨୦ରେ ଦୁନିଆର ଅଧିକାଂଶ ଦେଶ ଟିକା ପ୍ରସ୍ତୁତି ଦୌଡ଼ରେ ଲାଗପଡ଼ିଥିଲେ। ନିଜ ଲୋକଙ୍କ ଟିକାକରଣ ସହ ଅନ୍ୟ ଦେଶକୁ ଟିକା ରପ୍ତାନୀ ପାଇଁ ମଧ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ପ୍ରଥମ ଦେଶ ଭାବେ ରୁଷିଆ ପ୍ରଭାବଶାଳୀ କୋଭିଡ୍ ଟିକା ସ୍ପୁଟନିକ୍-ଭି ପ୍ରସ୍ତୁତ କରିସାରିଥିବା ଦାବି କରିଥିଲା। କିନ୍ତୁ ରୁଷିଆ ନିଜ ଜ୍ଞାନକୌଶଳ ନୁହେଁ ବରଂ ଗୁପ୍ତଚରଗିରି ଦ୍ୱାରା ବ୍ରିଟେନରୁ ଆଷ୍ଟ୍ରାଜେନିକା ବ୍ଲୁପ୍ରିଣ୍ଟ ଚୋରି କରିବାରେ ସଫଳ ହୋଇଥିଲା ବୋଲି 'ଦି ସନ୍'ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାବ୍ କିମ୍ବା ଫାକ୍ଟ୍ରିରୁ ପେପର ମାଧ୍ୟମରେ ଚୋରି ହୋଇଛି ନା ପରୀକ୍ଷଣ ପାଇଁ ବାହାରକୁ ଯାଇଥିବା ଭାଏଲରୁ ରୁଷିଆ ଡାଟା ନେଇଛି ତାହା ସ୍ପଷ୍ଟ ହୋଇନାହିଁ। ସୁରକ୍ଷାବଳ ବ୍ରିଟେନ ମନ୍ତ୍ରୀଙ୍କୁ ଦେଇଥିବା ସୂଚନା ଅନୁସାରେ ରୁଷିଆ କୋଭିଡ୍ ଭାକ୍ସିନ ଫର୍ମୁଲା ଚୋରି କରି ସ୍ପୁଟନିକ-ଭି ପ୍ରସ୍ତୁତ କରିଥିବା ପ୍ରମାଣ ସେମାନଙ୍କ ନିକଟରେ ରହିଛି। ଏଥିରେ ରୁଷିଆ ରାଷ୍ଟ୍ରପତି ବାସଭବନ କ୍ରେମଲିନ୍ ଗୁପ୍ତଚର ସମ୍ପୃକ୍ତ ଅଛନ୍ତି। ବିଦେଶୀ ସ୍ପାଏ ଏଜେଣ୍ଟଙ୍କ ଦ୍ୱାରା ଏହି ବ୍ଲୁପ୍ରିଣ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଛି ବୋଲି 'ଦି ସନ୍' ଉଲ୍ଲେଖ କରିଛି।

**■ଅକ୍ସଫୋର୍ଡକୁ ଟାର୍ଗେଟ କରିଥିଲେ ହ୍ୟାକର୍ସ**

**■କ୍ରେମଲିନ୍ ଗୁପ୍ତଚରଙ୍କ ସମ୍ପୃକ୍ତି ଅଭିଯୋଗ**

୨୦୨୦ ମାର୍ଚ୍ଚରେ ରୁଷୀୟ ହ୍ୟାକର୍ସ ଅକ୍ସଫୋର୍ଡ ୟୁନିଭର୍ସିଟି ଉପରେ ସାଇବର ଆକ୍ରମଣ ପାଇଁ ବାରମ୍ବାର ଉଦ୍ୟମ କରିଥିବା ପୂର୍ବରୁ ବ୍ରିଟେନ୍ ସ୍ପାଏ ଏଜେନ୍ସି ଏମ୍ଆଇ୫ କହିଥିଲା। ଏହାର ପ୍ରାୟ ମାସେ ପରେ ବ୍ରିଟିଶ ବୈଜ୍ଞାନିକମାନେ ନୂଆ ଭାକ୍ସିନ ବିକଶିତ କରିଥିବା ନେଇ ଘୋଷଣା କରିଥିଲେ। ଗତ ବର୍ଷ ଏପ୍ରିଲରେ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଟିକାର ପ୍ରଥମ ମାନବ ପରୀକ୍ଷଣ କରାଯାଇଥିଲା। ଏହାର କିଛି ଦିନ ମଧ୍ୟରେ ହିଁ ରୁଷିଆ ବିଶ୍ୱର ପ୍ରଥମ କରୋନା ଟିକା ସ୍ପୁଟନିକ୍-ଭି ପ୍ରସ୍ତୁତ କରିଥିବା ରାଷ୍ଟ୍ରପତି ପୁଟିନ୍ ଗଣମାଧ୍ୟମ ଆଗରେ କହିଥିଲେ। ତେବେ ଆଷ୍ଟ୍ରାଜେନିକା ଭଳି ସମାନ ଢଙ୍ଗରେ ସ୍ପୁଟନିକ୍-ଭି କାମ କରୁଥିବା ଜଣାଯାଇଥିଲା। କିଛି ଦିନ ପୂର୍ବରୁ ପୁଟିନ୍ ଏହି ଟିକାର ଦୁଇଟି ଯାକ ଡୋଜ୍ ନେଇଥିବା ଘୋଷଣା କରିବା ସହ ରୁଷିଆବାସୀ ମଧ ସ୍ପୁଟନିକ-ଭି ନେବାକୁ ପରାମର୍ଶ ଦେଇଥିଲେ। ୭୦ ଦେଶ ଏହାକୁ ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ଦେଇଥିଲେ ହେଁ ଅନ୍ତର୍ଜାତୀୟସ୍ତରରେ ଏହି ଭାକ୍ସିନକୁ ଅନୁମୋଦନ ମିଳିନାହିଁ।

# ୩ ଦିନ ପୋଲିସ ରିମାଣ୍ଡରେ ଆଶିଷ ମିଶ୍ର

**ଲକ୍ଷ୍ନୌ, ୧୧।୧୦**



ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ୟୁପି ପୋଲିସ ସୋମବାର ୩ ଦିନିଆ ରିମାଣ୍ଡରେ ନେଇଛି। ଗତ ୩ ତାରିଖରେ ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଆଶିଷଙ୍କ ଏସ୍‌ୟୁଭି ସମେତ ୩ଟି ଗାଡ଼ି ମାଡ଼ିଯିବା ଓ ଏହା ପରବର୍ତ୍ତୀ ହିଂସାରେ ୪ କୃଷକଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଗତ ଶନିବାର ୧୨ ଘଣ୍ଟାର ଜେରା ପରେ ଆଶିଷଙ୍କୁ ପୋଲିସ ଗିରଫ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଥିଲା। ଅଧିକ ପଚରା ଉଚରା ପାଇଁ ତାଙ୍କୁ ରିମାଣ୍ଡରେ ନେବାକୁ ୟୁପି ପୋଲିସ ଆବେଦନ କରିଥିଲା। ବିଭାଗୀୟ ମାଜିଷ୍ଟ୍ରେଟ୍ ତାଙ୍କୁ ୩ ଦିନ ପୋଲିସ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି।

ଚାଷୀମାନଙ୍କ ଅଭିଯୋଗକୁ ଭିତ୍ତିକରି ଆଶିଷଙ୍କ ବିରୋଧରେ ହତ୍ୟା, ଅପରାଧ ଷଡ଼ଯନ୍ତ୍ର ଏବଂ ଦଙ୍ଗା ମାମଲା ରୁଜୁ ହୋଇଥିଲା। ଏହାର ୫ ଦିନ ପରେ ତାଙ୍କୁ ଗିରଫ କରାଯାଇଥିଲା। ୩ ତାରିଖ ହିଂସାକାଣ୍ଡ ଦିନ ଆଶିଷ କେଉଁଠି ଥିଲେ ସେ ନେଇ ଜେରା କରୁଥିବା ଏସ୍ଆଇଟି ଅଧିକାରୀମାନଙ୍କୁ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ସେହିପରି ଆଶିଷଙ୍କ ଲୋକେ ଚାଷୀଙ୍କ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ ହେଉଥିବାବେଳେ ଘଟଣାସ୍ଥଳରୁ ମିଳିଥିବା ଦୁଇଟି ଖାଲି କାର୍ଟ୍ରିଜ୍ ସମ୍ପର୍କରେ ମଧ ସେ କୌଣସି ଉତ୍ତର ଦେଇପାରି ନ ଥିଲେ।

# ଇଣ୍ଡିଆନ ସ୍ପେସ୍ ଆସୋସିଏଶନ ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୧।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଭାରତୀୟ ସ୍ପେସ୍ ଆସୋସିଏଶନ (ଆଇଏସ୍‌ପିଏ)ର ଶୁଭାରମ୍ଭ କରିଛନ୍ତି। ଏକବିଂଶ ଶତାବ୍ଦୀରେ ସାରା ବିଶ୍ୱକୁ ସଂଯୋଗ ତଥା ଏକତ୍ର କରିବାରେ ମହାକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ମହାକାଶ କ୍ଷେତ୍ର ମାଧ୍ୟମରେ ଭାରତ ସାରା ବିଶ୍ୱକୁ ଏକତ୍ର କରିପାରିବ। ମହାକାଶ ସେକ୍ଟରରେ ସଂସ୍କାର ଘରୋଇ ସେକ୍ଟରକୁ ଇନୋଭେଶନରେ ସ୍ୱାଧୀନତା, ସହଯୋଗୀ ଭାବେ ସରକାରଙ୍କ ଭୂମିକା, ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଏବଂ ସାଧାରଣ ଲୋକଙ୍କ ବିକାଶରେ ସ୍ପେସ୍ ସେକ୍ଟରକୁ ଏକ ଯନ୍ତ୍ର ଭାବେ ବ୍ୟବହାର ସ୍ତମ୍ଭ ଉପରେ ଆଧାରିତ। ପୂର୍ବରୁ ଏହି କ୍ଷେତ୍ର କେବଳ ସରକାରଙ୍କ ପାଇଁ ସୀମିତ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।








ଆସାମର ଗୁଆହାଟୀସ୍ଥିତ କାମାକ୍ଷା ମନ୍ଦିରରେ ସୋମବାର କୁମାରୀମାନଙ୍କୁ ପୂଜା କରାଯାଉଛି। ଦୁର୍ଗାପୂଜା ସମୟରେ କୁମାରୀ ପୂଜା ଉତ୍ସବ ପାଳନ କରାଯାଇଥାଏ।

# ଆର୍ଯ୍ୟନ ଖାନ୍‌ଙ୍କୁ ଜାମିନ ମିଳିଲାନି

**ମୁମ୍ବାଇ, ୧୧।୧୦**

କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ଗିରଫ ହୋଇଥିବା ବଲିଉଡ୍ ଷ୍ଟାର ଶାହରୁଖ୍ ଖାନଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ସୋମବାର ମଧ ଜାମିନ ମିଳିନାହିଁ। ବୁଧବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) କୋର୍ଟରେ ବିବୃତି ରଖିବା ପରେ ଆର୍ଯ୍ୟନଙ୍କ ଜାମିନ ଆବେଦନର ଶୁଣାଣି ହେବ। ଗତ ଶୁକ୍ରବାରଠାରୁ ଆର୍ଯ୍ୟନ ମୁମ୍ବାଇର ଆର୍ଥର ଜେଲରେ ରହିଛନ୍ତି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଆର୍ଯ୍ୟନଙ୍କ କଷ୍ଟୋଡି ବଢ଼ାଯାଇ ଏନ୍‌ସିବି ଏହାର ଜବାବ ରଖିବାକୁ କୋର୍ଟରେ ଆବେଦନ କରିଥିଲା। ତେବେ ବୁଧବାର ସକାଳ ସୁଦ୍ଧା ଏନ୍‌ସିବି ଜବାବ ରଖୁ ବୋଲି କୋର୍ଟ କହିଥିଲେ।

# ବିଦେଶୀଙ୍କୁ ସ୍ଥଳପଥରେ ଭାରତ ଆସିବା ମନା

**ନୂଆଦିଲ୍ଲୀ, ୧୧।୧୦:** କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ଅନ୍ତର୍ଜାତୀୟ ଯାତାୟାତ ବନ୍ଦ ରହିଥିବାବେଳେ କଟକଣା କୋହଳ କରିବା ନିମନ୍ତେ ଗତ ୭ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଘୋଷଣା କରିଥିଲା। ନଭେମ୍ବର ୧୫ରୁ ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ଭାରତ ଆସିବା ଲାଗି ଭିଜା ମଞ୍ଜୁର କରାଯିବ ବୋଲି କୁହାଯାଇଥିଲା। ତେବେ ସ୍ଥଳପଥରେ ଆସିବାକୁ ଥିବା ପର୍ଯ୍ୟଟକଙ୍କୁ ଭିଜା ଦିଆଯିବ ନାହିଁ। କେବଳ ବିମାନରେ କିମ୍ବା ଜଳପଥରେ ସେମାନେ ଭାରତ ଆସିପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂଆ ଗାଇଡ୍‌ଲାଇନରେ କୁହାଯାଇଛି।

# ସ୍ଥିତିରେ ସୁଧାର ଚାହୁଁନି ଚାଇନା

**ନୂଆଦିଲ୍ଲୀ, ୧୧।୧୦**

ଗତ ବର୍ଷ ମେ'ରୁ ଭାରତ-ଚାଇନା ମଧ୍ୟରେ ଲାଗି ରହିଥିବା ସୀମା ବିବାଦର କୌଣସି ସମାଧାନ ବାହାରିପାରିନାହିଁ। ରବିବାର ଉଭୟ ଦେଶ ମଧ୍ୟରେ ତ୍ରୟୋଦଶ କମାଣ୍ଡରସ୍ତରୀୟ ଆଲୋଚନା ହୋଇଥିଲେ ମଧ ତାହା ବିଫଳ ହୋଇଛି। ସମାଧାନ ପାଇଁ ଭାରତ ପକ୍ଷରୁ ଅନେକ ଗଠନମୂଳକ ପରାମର୍ଶ ଦିଆଯାଇଥିଲେ ହେଁ ଚାଇନା ତାହାକୁ ଶୁଣି ନ ଥିଲା କିମ୍ବା ନିଜ ଆଡୁ କୌଣସି ସମାଧାନର ବାଟ ବାହାର କରି ନ ଥିଲା ବୋଲି ଭାରତୀୟ ସେନା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବୈଠକରେ କୌଣସି ସିଦ୍ଧାନ୍ତ ବାହାରି ନ ଥିଲେ ହେଁ ଚାଇନା ସୀମା ବିବାଦର ସମାଧାନ ନିମନ୍ତେ ଆଗକୁ ବଢ଼ିବ ବୋଲି ଆଶା ଥିବା ସେନା ପକ୍ଷରୁ କୁହାଯାଇଛି।

**କମାଣ୍ଡରସ୍ତରୀୟ ବୈଠକ ବିଫଳ**

ଚୁଶୁଲ-ମୋଲଡୋଠାରେ ଆୟୋଜିତ ୧୩ତମ ରାଉଣ୍ଡ କୋର କମାଣ୍ଡର ବୈଠକରେ ଉଭୟ ପକ୍ଷ ପୂର୍ବ ଲଦାଖକୁ ନେଇ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ଠାରେ ଉପୁଜିଥିବା ସୀମା ବିବାଦ ଉପରେ ଆଲୋଚନା କରିଥିଲେ। ହଟ୍ ସ୍ପ୍ରିଙ୍ଗ ଏବଂ ୯୦୦ ବର୍ଗ କି.ମି. ଡେସ୍‌ପାଙ୍ଗ ବିବାଦର ସମାଧାନ ପାଇଁ ଭାରତ ଗୁରୁତ୍ୱ ଦେଇଥିଲା। ଦ୍ୱିପାକ୍ଷିକ ଚୁକ୍ତିନାମାକୁ ଚାଇନର ଉଲ୍ଲଂଘନ ଏବଂ ଏହାର ଏକପାଖିଆ ନୀତି ଯୋଗୁ ଏଲ୍ଏସିରେ ଉତ୍ତେଜନା ଲାଗି ରହିଥିବା କଥା ଭାରତ ଉଠାଇଥିଲା। ସେପଟେ ଚାଇନା ଭାରତର ଦାବି ଓ ଅଭିଯୋଗକୁ ଅବାସ୍ତବ ଏବଂ ଅନୁଚିତ ବୋଲି କହିଛି। ଏହାଦ୍ୱାରା ନୂଆ ବିବାଦ ଉପୁଜିପାରେ ବୋଲି ବେଜିଂର ଗ୍ଲୋବାଲ ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଛି।

# ମନ୍ତ୍ରୀଙ୍କ ସହ ଶାହାଙ୍କ ଆଲୋଚନା

**ନୂଆଦିଲ୍ଲୀ, ୧୧।୧୦**



**କୋଇଲା ସଙ୍କଟ**

ଦେଶର ତାପଜ ବିଦ୍ୟୁତ ପ୍ଲାଣ୍ଟଗୁଡ଼ିକରେ କୋଇଲା ଅଭାବକୁ ନେଇ ବ୍ଲାକ୍‌ଆଉଟ ଆଶଙ୍କା ସୃଷ୍ଟି ହୋଇଥିବାବେଳେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ କୋଇଲା ଓ ଶକ୍ତିମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତିମନ୍ତ୍ରୀ ଆର୍.କେ. ସିଂ, କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ, ଉଭୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ, ରାଷ୍ଟ୍ରାୟତ୍ତ କମ୍ପାନୀ ଏନ୍‌ଟିପିସିର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଘଣ୍ଟାଏ ବ୍ୟାପୀ ବୈଠକରେ ମନ୍ତ୍ରୀମାନେ ପ୍ଲାଣ୍ଟଗୁଡ଼ିକରେ ଗଚ୍ଛିତ କୋଇଲା ପରିମାଣ ଓ ବର୍ତ୍ତମାନର ବିଦ୍ୟୁତ୍ ଚାହିଦା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ଲାଣ୍ଟଗୁଡ଼ିକରେ ୭.୨ ନିୟୁତ ଟନ୍ କୋଇଲା ଗଚ୍ଛିତ ଅଛି, ଯାହା ୪ ଦିନ ପାଇଁ ଯଥେଷ୍ଟ ବୋଲି କୋଇଲା ମନ୍ତ୍ରଣାଳୟ ରବିବାର କହିଥିଲା। ରାଷ୍ଟ୍ରାୟତ୍ତ କମ୍ପାନୀ କୋଲ୍ ଇଣ୍ଡିଆ ପାଖରେ ୪୦ ନିୟୁତ ଟନ୍‌ରୁ ଅଧିକ କୋଇଲା ରହିଛି। ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବା ଆଶଙ୍କା ଠିକ୍ ନୁହେଁ ବୋଲି ସରକାର କହିଥିଲେ।

ଭାରତର କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ ପାୱାର ପ୍ଲାଣ୍ଟଗୁଡ଼ିକରେ ଅଭୂତପୂର୍ବ କୋଇଲା ଅଭାବ ଦେଖାଦେଇଛି, ଯାହା ବିଦ୍ୟୁତ୍ ସଙ୍କଟ ସୃଷ୍ଟି କରିବା ସମ୍ଭାବନା ସୃଷ୍ଟି କରିଛି। କୋଇଲା ବ୍ୟବହାର କରୁଥିବା ୧୩୫ ତାପଜ ବିଦ୍ୟୁତ କେନ୍ଦ୍ର ମଧ୍ୟରୁ ଅକ୍ଟୋବର ୫ରେ ୧୦୬ଟିରେ ଗୁରୁତର କୋଇଲା ସଙ୍କଟ ଦେଖାଦେଇଥିଲା। ସେଗୁଡ଼ିକରେ ମାତ୍ର ୬-୭ ଦିନ ପାଇଁ କୋଇଲା ଗଚ୍ଛିତ ଥିଲା। କୋଇଲା ଯୋଗାଣରେ ସମସ୍ୟା ପାଇଁ ଶକ୍ତି ମନ୍ତ୍ରଣାଳୟ ୪ଟି କାରଣକୁ ଦାୟୀ କରିଥିଲା। ତାହା ହେଲା ଅର୍ଥନୀତି ସୁଧୁରୁଥିବାରୁ ବିଦ୍ୟୁତ ଚାହିଦା ଅତ୍ୟଧିକ ବୃଦ୍ଧି, ସେପ୍ଟେମ୍ବରରେ କୋଇଲା ଖଣି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଉତ୍ପାଦନ ଓ ଯୋଗାଣ ବାଧାପ୍ରାପ୍ତ, ଆମଦାନୀ କୋଇଲା ଦାମ୍ ବୃଦ୍ଧି ଏବଂ ବର୍ଷାଦିନ ପୂର୍ବରୁ ପର୍ଯ୍ୟାପ୍ତ କୋଇଲା ଗଚ୍ଛିତ ରଖା ନ ଯିବା। ଦିଲ୍ଲୀରେ ବିଦ୍ୟୁତ ସଙ୍କଟ ଦେଖାଦେଇନି ଓ ଖୁବ୍‌ଶୀଘ୍ର କୋଇଲା ଯୋଗାଣ ସ୍ୱାଭାବିକ ହେବ ବୋଲି ଶକ୍ତିମନ୍ତ୍ରୀ ରବିବାର ପ୍ରତିଶ୍ରୁତି ଦେଇଥିଲେ।




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୧୨/୨୦୨୧ Dhenkanal, Tuesday, October 12/ 2021

## ଆଜି କ'ଣ କେଉଁଠି

### ୪ ଆକ୍ରାନ୍ତ ଚିହ୍ନଟ

ଢେଙ୍କାନାଳ ଅଫିସ,୧୧।୧୦- ଢେଙ୍କାନାଳ ଜିଲାରୁ ସୋମବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତମାନଙ୍କ ମଧ୍ୟରୁ ଢେଙ୍କାନାଳ ପୌରାଞ୍ଚଳରୁ ୨ ଜଣ, ଗଁଦିଆରୁ ୧ ଓ ଭୁବନରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୨ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଦିନକରେ ୬୦୨ ଟେଷ୍ଟକୁ ମିଶାଇ ଜିଲାରେ ମୋଟ୍ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୭୭ ହଜାର ୧୮୫ ହୋଇଛି। ଚିହ୍ନଟ ମୋଟ୍ ୧୯ ହଜାର ୮୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୯ ହଜାର ୫୫୫ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ୧୩ ଜଣ ସକ୍ରିୟ ଆକ୍ରନ୍ତ ଥିବାବେଳେ ୨୪୩ ଜଣଙ୍କ ମୃତ୍ୟୁ ହୋଇଛି।

### ଶହୀଦଙ୍କ ପରି ହେବାକୁ ପରାମର୍ଶ

ଭୁବନ,୧୧।୧୦(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ସୋମବାର ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦଙ୍କ ପରି ନିଜକୁ ଗଢିତୋଳିଲେ ସମାଜରେ ଜଣେ ସୁନାଗରିକ ହୋଇପାରିବ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ପଣ୍ଡିତ ମାତୃପ୍ରସାଦ ମିଶ୍ର ମୁଖ୍ୟବକ୍ତା ଓ ରାଜନୀତି ବିଜ୍ଞାନ ମୁଖ୍ୟ ହିମାଂଶୁ ଶେଖର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବାଣିଜ୍ୟ ଅଧାପିକା ସୌମ୍ୟାଶ୍ରୀ ବେହେରା, ପୁରାତନ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଦନ୍ତା ଉପଦ୍ରବ, ଫସଲ ନଷ୍ଟ

ଗଁଦିଆ,୧୧।୧୦(ଡି.ଏନ.ଏ.)- ଗଁଦିଆ ବ୍ଲକ ଷଡ଼ଙ୍ଗୀ ବନାଞ୍ଚଳ ଅଧୀନସ୍ଥ ଟୋଲର ପଶି ଗ୍ରାମରେ ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ଶନିବାର ରାତିରେ ଦନ୍ତାହାତୀଟି ଟୋଲରପଶି କଲେଜ ଛକ ମଧ ଦେଇ ଆରତୀ ଦକ୍ଷିଣ ରାୟଙ୍କ ବାଡ଼ିରେ ପଶି ନଡ଼ିଆ ଗଛ ଉପାଡ଼ି ଦେବା ସହିତ ପନିପରିବା ଫସଲ ନଷ୍ଟ କରିଛି।

# 'ବାଜି ରାଉତ ଓଡ଼ିଆ ଜାତିର ସୌର୍ଯ୍ୟ'

ଭୁବନ,୧୧।୧୦(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ନୀଳକଣ୍ଠପୁରଠାରେ ସୋମବାର ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀ ତଟରେ ତିଳତର୍ପଣ କରାଯାଇଥିଲା। ପରେ ଅତିଥିମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପୋଲିସ ବାହିନୀ ପକ୍ଷରୁ ବୀର ଶହୀଦଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ସ୍ମୃତି ପରିଷଦ ସଭା ଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ, ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବୀର ବାଜି ରାଉତ ଓଡ଼ିଆ ଜାତିର ବୀରତ୍ୱ, ସୌର୍ଯ୍ୟ, ସାହସ ଓ ଅସ୍ମିତାର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ। ସ୍ମୃତି ପରିଷଦ ସଭାପତି କୃଷ୍ଣଚନ୍ଦ୍ର ଆଏଚ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ବିଭାଗ ଅଧିକାରୀ ସାରଦା ପ୍ରସାଦ ମହାନ୍ତି, ବିଡିଓ ଆଶୀର୍ବାଦ ପରିଡା, ତହସିଲଦାର ପ୍ରଭାସ କୁମାର ବେଉରିଆ, ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ ଓ ନାଟ୍ୟକାର ଦିନେଶ ଦାସ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଶହୀଦ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ୮୪ କିଲୋମିଟର ଦୌଡ଼ି ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ ଅଫିସ,୧୧।୧୦

ଢେଙ୍କାନାଳ ରନିଂ ଗ୍ରୁପ୍‌ର ସଦସ୍ୟମାନେ ସୋମବାର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସରେ ତାଙ୍କୁ ନିଆରା ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରନିଂ ଗ୍ରୁପର ସଦସ୍ୟମାନେ ଜାତୀୟ ପତାକା ଧରି ଢେଙ୍କାନାଳରୁ ଭୋର ୪ଟାରୁ ବାହାରି ଭୁବନ ନୀଳକଣ୍ଠପୁରରେ ପହଞ୍ଚିଥିଲେ। ସେଠାରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ପୁଣି ଦୌଡି ଜିଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବାଟରେ ଗ୍ରୁପ୍ ସଦସ୍ୟମାନଙ୍କୁ ଏମ୍‌ପି ମହେଶ ସାହୁ ଓ ଜିଲାପାଳ ସରୋଜ କୁମାର ସେଠୀ ଉତ୍ସାହିତ କରିଥିଲେ। ଜିଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲାପାଳ ପୁଷ୍ପଗୁଚ୍ଛ ଦେଇ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିଦ୍ଧାର୍ଥ ଶଙ୍କର ଦାସଙ୍କ ନେତୃତ୍ୱରେ ଚିନ୍ମୟ ସାହୁ, ମନୋରଞ୍ଜନ ହାଁସଦା, ସୋନି ଦାସ, ତାରେଣୀ ସେଠୀ, ଶାଶ୍ୱତ ସାହୁ, ଅଶ୍ୱିନୀ କୁମାର ସିଂହ ଓ ଦେବାଶିଷ ଦାସ ଦୌଡ଼ିଥିଲେ। ଜିଲା କାର୍ଯ୍ୟାଳୟଠାରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଓ କ୍ରୀଡ଼ା ସଂସଦ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ରନିଂ ଗ୍ରୁପର ସଦସ୍ୟମାନେ।

# ଉପଜିଲାପାଳଙ୍କ ଅଫିସ ଘେରାଉ

ପାଲଲହଡା,୧୧।୧୦(ଡି.ଏନ.ଏ.)

ପାଲଲହଡା ବ୍ଲକ ଶଙ୍ଖପୁର ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ କହିଛନ୍ତି, ୩୦୦ ପରିବାର ପାଇଁ ୩ଟି ନଳକୂପ ରହିଛି। ହେଲେ ଗୋଳିଆ ପାଣି ବାହାରୁଥିବାରୁ ବ୍ୟବହାର କରିହେଉ ନାହିଁ। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଦିଆଯିବ। ତେବେ ୭ ଦିନ ମଧ୍ୟରେ ସମାଧାନ କରାଯିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି।

# କୁକୁଡ଼ା ଚାଷ ପାଇଁ ଗୃହନିର୍ମାଣ କାର୍ଯ୍ୟାଦେଶ

ପାଲଲହଡା,୧୧।୧୦(ଡି.ଏନ.ଏ.)

ପାଲଲହଡା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ ପାଲ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟକ୍ତି ବିଶେଷଙ୍କୁ କୁକୁଡ଼ା ପାଳନ, ପଶୁପାଳନ ଆଦି ପାଇଁ ରିହାତି ମୂଲ୍ୟରେ ଘର ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଦିଲୀପ କୁମାର ଉଦାବଳ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୦ ଜଣ ବ୍ୟକ୍ତିଗତ କୁକୁଡା ଚାଷୀ ଏବଂ ୭ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ବୁଢ଼ାପଙ୍କରେ ପୂଜା ପ୍ରସ୍ତୁତି



ପୂଜା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ବଅଁରପାଳ,୧୧।୧୦(ଡି.ଏନ.ଏ.)

ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମରେ ଦୁର୍ଗା ପୂଜା ପାଳନ ପାଇଁ ରବିବାର ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରକାଶ ସିଂ ଏଥିରେ ସଭାପତିତ୍ୱ କରିଥିଲେ। ପୂଜାକୁ କିଭଳି ନିରାଡମ୍ବର ସହକାରେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। କୋଭିଡ୍ ନିୟମ ମାନି ପୂଜା ସହ ଦଶହରା ଦିନ ପାଇକ ଖେଳ ଗ୍ରାମରେ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସମ୍ପାଦକ ପୂର୍ଣ୍ଣ ସାମଲ, କୋଷାଧ୍ୟକ୍ଷ ପ୍ରଦୀପ ସାମଲ, ପ୍ରକାଶ ନାୟକ ଓ ମୁଖ୍ୟ ଉପଦେଷ୍ଟା ପୀତବାସ ସାମଲଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଆଇନ ସାହାଯ୍ୟ ସମ୍ପର୍କରେ ସଚେତନତା

ଢେଙ୍କାନାଳ ଅଫିସ,୧୧।୧୦

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଜୁମ୍ ମାଧ୍ୟମରେ ଅନଗ୍ରସର ବ୍ୟକ୍ତିଙ୍କୁ ଆଇନ ସହାୟ୍ୟ ସମ୍ପର୍କରେ ବୁଝାଇଥିଲେ। ପ୍ରିୟ ଅନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ବାରିକ ମାନସିକ ଅନଗ୍ରସର ରୋଗର ଲକ୍ଷଣ ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଫିଜିଓଥେରାପିଷ୍ଟ ଅନିତା ସାହୁ, ନିବେଦିତା ନାୟକ, କାଉନସେଲର ଲଳନପ୍ରଭା ସେନାପତି, ସ୍ନେହାଶ୍ରୀ ତରାଇ, ନର୍ସ ସୌଭାଗ୍ୟଲକ୍ଷ୍ମୀ ତରାଇ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଏଥିରେ ଲାଉଲଇ ଅନଗ୍ରସର ଅନ୍ତେବାସୀମାନେ ଯୋଗ ଦେଇଥିଲେ। ରବୀନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।



ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ସଚେତନ କରାଯାଉଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ